

ଫେରିବେ ପାକିସ୍ତାନୀ ଅଭିନେତା

▶ପୃଷ୍ଠା ୧୪ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-13 •BHUBANESWAR •MONDAY •8 JULY 2024 •PAGE-16 •₹ 6.00

•ବର୍ଷ-୪୨ •ସଂଖ୍ୟା-୧୩ •ଭୁବନେଶ୍ୱର •ସୋମବାର •୮ ଜୁଲାଇ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦


## ୫୩ ବର୍ଷ ପରେ ବିରଳ ରଥଯାତ୍ରା

# ବଡ଼ଦାଣ୍ଡରେ ତିନିରଥ

**ସଅଳ ନୀତିକାନ୍ତି: ୨ ଘଣ୍ଟା ପୂର୍ବରୁ ପହଣ୍ଡି, ୫ ମିନିଟ୍ ପୂର୍ବରୁ ଗଡ଼ିଲା ରଥ**

**୮ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ; ଦଳାଚକଟା ସ୍ଥିତି; ୧ ମୃତ, ୧୫ରୁ ଉର୍ଦ୍ଧ୍ୱ ଆହତ**



■ **ପୁରୀ,୭।୭(ସମିସ):** ନୀଳକନ୍ଦର ଛାଡି ବଡ଼ଦାଣ୍ଡକୁ ଓହ୍ଲାଇ ଆସିଛନ୍ତି ବିଶ୍ୱନିୟନ୍ତା। ଭାଇଭଉଣୀଙ୍କୁ ସାଥିରେ ଧରି ଜନ୍ମବେଦୀ ଅଭିମୁଖେ ଯାତ୍ରା କରିଛନ୍ତି ନୀଳାଦ୍ରିନାଥ। ଦାରୁଦେବତାଙ୍କ ସ୍ପର୍ଶରେ ରଥ, ପଥ ହୋଇଛି ବ୍ରହ୍ମମୟ। ବଡ଼ଦାଣ୍ଡରେ ଭକ୍ତ-ଭଗବାନଙ୍କର ହୋଇଛି ଅପୂର୍ବ ମିଳନ। ଦୀର୍ଘ ୫୩ ବର୍ଷ ପରେ ଏଥର ହୋଇଛି ବିରଳ ରଥଯାତ୍ରା। ଗୋଟିଏ ଦିନରେ ନେତ୍ରୋତ୍ସବ, ନବ ଯୌବନ ଦର୍ଶନ ଓ ଶ୍ରୀଗୁଣ୍ଡିଚା ଯାତ୍ରାର ବହୁଳ ନୀତିକାନ୍ତି ଭିତରେ ବି ଗଡ଼ିଛି ତିନିରଥ। ଦାରୁଦିଅଁଙ୍କ ଦିବ୍ୟ ଦର୍ଶନ ପାଇ ଭାବରେ ଭିଜିଛନ୍ତି ୮ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ।

ରବିବାର ସଅଳ ନୀତିକାନ୍ତି ଯୋଗୁ ନିର୍ଘଣ୍ଟ ସମୟର ୨ ଘଣ୍ଟା ପୂର୍ବରୁ ପହଣ୍ଡି ଆରମ୍ଭ ହୋଇଥିବାବେଳେ ଧାର୍ଯ୍ୟ ସମୟର ୫ ମିନିଟ୍ ପୂର୍ବରୁ ଆରମ୍ଭ ହୋଇଥିଲା ରଥଟଣା। ତେବେ ସନ୍ଧ୍ୟା ହୋଇଯିବାରୁ ସିଂହଦ୍ୱାରଠାରୁ ଅଳ୍ପ କିଛି କିଛି ବାଟ ଯିବା ପରେ ରଥଟଣା ବନ୍ଦ ରଖାଯାଇଛି। ବଡ଼ଦାଣ୍ଡରେ ଅଟକି ରହିଛନ୍ତି ରଥାରୂଢ଼ ଠାକୁର। ବିରଳ ତିଥି ଯୋଗୁ ଶରଧାବାଲିରେ ପହଁଞ୍ଚି ପାରିଲାନି ତିନିରଥ। ବଡ଼ଦାଣ୍ଡରେ ଅଟକିଛନ୍ତି ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ। ସନ୍ଧ୍ୟା ୬ଟା ୪୫ରେ ରଥଟଣା ବନ୍ଦ ରଖାଯାଇଛି। ପରମ୍ପରା ମୁତାବକ ସୋମବାର ସକାଳେ ବଡ଼ଦାଣ୍ଡରେ ଅଟକିଥିବା ତିନିରଥକୁ ଟାଣି ନିଆଯିବ ଶରଧାବାଲି। ରାତିରେ ରଥ ଉପରେ ଭକ୍ତଙ୍କୁ ଦର୍ଶନ ଦେଇ ମଙ୍ଗଳବାର ଆଡପମଣ୍ଡପ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ।

ଅନ୍ୟପକ୍ଷରେ ରଥଟଣା ବେଳେ ଏକାଧିକ ସ୍ଥାନରେ ଘଟିଛି ଅଘଟଣା। ଜଣେ ଭକ୍ତ ଅଣନିଃଶ୍ୱାସୀ ହୋଇପଡିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ନନ୍ଦିଘୋଷ ▶ପୃଷ୍ଠା-୯



## ରଥ ଟାଣିଲେ ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀ

■ **ପୁରୀ,୭।୭(ସମିସ):** ବଡ଼ଦାଣ୍ଡରେ ଗଡ଼ିଛି ତିନିରଥ। ଭକ୍ତ ଓ ଭଗବାନଙ୍କର ହୋଇଛି ଅପୂର୍ବ ମିଳନ। ରଥାରୁଢ ଠାକୁରଙ୍କୁ ଦର୍ଶନ କରିବା ଲାଗି ଜନସମୁଦ୍ର ହୋଇପଡିଛି ବଡ଼ଦାଣ୍ଡ। ତେବେ ଏହି ପବିତ୍ର ତିଥିରେ ପୁରୀ ଆସି ବିଶ୍ୱନିୟନ୍ତାଙ୍କ ନବଦିନାତ୍ମକ ଯାତ୍ରା ଦେଖିଛନ୍ତି ବହୁ ବିଶିଷ୍ଟ ବ୍ୟକ୍ତି। ପ୍ରଥମଥର ପାଇଁ ଜଣେ ରାଷ୍ଟ୍ରପତି ରଥଯାତ୍ରା ଦେଖିବା ସହ ବଡ଼ଦାଣ୍ଡରେ ରଥ ଟାଣିଛନ୍ତି। ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ମୁଖ୍ୟମନ୍ତ୍ରୀ ଭାବେ ପ୍ରଥମର ପାଇଁ ରଥଯାତ୍ରାରେ ସାମିଲ ହୋଇଥିଲେ ମୋହନ ଚରଣ ମାଝୀ। ସେହିପରି ରାଜ୍ୟପାଳ ଭାବେ ପ୍ରଥମଥର ରଥଯାତ୍ରାରେ ଯୋଗଦେଇଥିଲେ ରଘୁବର ଦାସ। ରାଷ୍ଟ୍ରପତି, ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ସୁରମା ପାଢୀ, ଦୁଇଜଣ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଓ ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବଡ଼ଦାଣ୍ଡରେ ରଥ ▶ପୃଷ୍ଠା-୯

**ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କଲେ**

## ଦର୍ଶନ କଲେ ନବୀନ

■ **ପୁରୀ,୭।୭(ସମିସ):** ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଆଜି ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। ମହାପ୍ରଭୁଙ୍କ ପରମ ଭକ୍ତ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସେବାୟତଙ୍କ ନିମନ୍ତ୍ରଣକୁ ସମ୍ମାନ ଜଣାଇ ଚଳିତବର୍ଷର ଏହି ବିରଳ ରଥଯାତ୍ରାରେ ସାମିଲ ହୋଇଥିଲେ। ତିନିରଥ ନିକଟକୁ ଯାଇ ରଥାରୂଢ ଶ୍ରୀବିଗ୍ରହଙ୍କୁ ଦର୍ଶନ କରିବା ସହିତ ସେବାୟତଙ୍କ ସହ ଆଲୋଚନା କରିଥିଲେ। ଦର୍ଶନ ପରେ ସେ ପ୍ରତିକ୍ରିୟା ଦେଇ ସମସ୍ତଙ୍କୁ ରଥଯାତ୍ରାର ଶୁଭେଚ୍ଛା ଜଣାଇବା ସହ କହିଥିଲେ ଜୟ ଜଗନ୍ନାଥ। ▶ପୃଷ୍ଠା-୯




**ୟୁକ୍ରେନ ଉପରେ ରୁଷର ଜୋରଦାର ଆକ୍ରମଣ**

## ୨୪ ଘଣ୍ଟାରେ ୫୫ ଥର ଏୟାରଷ୍ଟ୍ରାଇକ୍; ୧୧ ମୃତ



■ **ମସ୍କୋ, ୭।୭ (ଏଜେନ୍ସି):** ରୁଷ୍-ୟୁକ୍ରେନ ଯୁଦ୍ଧ ଥମିବା ପରିବର୍ତ୍ତେ ଦିନକୁ ଦିନ ଉଗ୍ର ରୂପ ଧାରଣ କରିବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ରୁଷ୍ ସେନା ୟୁକ୍ରେନ ଉପରେ ୫୫ ଥର ଏୟାରଷ୍ଟ୍ରାଇକ୍ କରିଛି। ଅଲଗା ଅଲଗା ଅଞ୍ଚଳରେ ୬ ରକେଟ୍ ଏବଂ ୭୦ରୁ ଅଧିକ ଗ୍ଲାଇଡ୍ ବୋମା ମାଡ଼ କରିଛି। ଏହି ଆକ୍ରମଣରେ ୧୧ ଜଣଙ୍କ ମୃତ୍ୟୁ ହୋଇଛି। ୪୩ରୁ ଅଧିକ ଆହତ ହୋଇଛନ୍ତି। ୟୁକ୍ରେନ ଅଧିକାରୀଙ୍କ ସୂଚନା ଅନୁଯାୟୀ ରୁଷ୍ ସେନା ସାରା ରାତି ରହି ରହି ଆକ୍ରମଣ କରୁଥିଲା। ବିଦ୍ୟୁତ୍ ପ୍ଲାଣ୍ଟକୁ ମଧ୍ୟ ନିଶାଣ କରାଯାଇଥିଲା। ଏଥିଯୋଗୁଁ ଲକ୍ଷେରୁ ଅଧିକ ଲୋକ ବିନା ବିଜୁଳିରେ ରହିବାକୁ ବାଧ୍ୟ ହେଉଛନ୍ତି। ଡ୍ରୋନ ମାଧ୍ୟମରେ ପାଣି ଟାଙ୍କିକୁ ମଧ୍ୟ ନିଶାଣ କରାଯାଉଛି।

ୟୁକ୍ରେନ ସେନା ପକ୍ଷରୁ କୁହାଯାଇଛି ଯେ ରୁଷ୍‌ର ୨୪ ଡ୍ରୋନକୁ ମାରି ଖସାଇ ଦିଆଯାଇଛି। ଏହି ଆକ୍ରମଣରେ ଦେଶର ପୂର୍ବ କ୍ଷେତ୍ର ସର୍ବାଧିକ ପ୍ରଭାବିତ ହୋଇଛି। ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଆକ୍ରମଣ ହେବା ନେଇ ଚେତାବନୀ ଜାରି କରାଯାଇଛି। ସେହିପରି ୟୁକ୍ରେନର ଜଣେ



ସେନା ଅଧିକାରୀ କହିଛନ୍ତି ଯେ ଶନିବାର ଦୁଇ ଦେଶର ସେନା ୪୫ ଥର ମୁହାଁମୁହିଁ ହୋଇଥିଲା। ଏହାର କିଛି ସମୟ ପରେ ପୂର୍ବ ୟୁକ୍ରେନର ୩୦ କିମି ଅଞ୍ଚଳକୁ କବ୍ଜା କରି ନିଆଯାଇଛି ବୋଲି ରୁଷ୍ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା। ରୁଷ୍ ଚାସିଭ ୟାର ଅଞ୍ଚଳକୁ କବ୍ଜା କରିବାକୁ ଚାହୁଁଛି ବୋଲି ୟୁକ୍ରେନ କହିଛି।

## ଲୋକକଥା



ତେପନ ବର୍ଷର ବିରଳ ଯାତ୍ରାରେ
ବାହାରିଲେ ବିଶ୍ୱପତି
କାଳିଆ ଦର୍ଶନ ପାଇଁକି ଗହଳି
ଶ୍ରଦ୍ଧାଳୁ ଲଭିଲେ ସଦ୍‌ଗତି !
ରଥ ଟାଣି ନେଲେ ରାଷ୍ଟ୍ରପତି,
ଭକ୍ତଜନଙ୍କର ମଙ୍ଗଳ ମନାସି
ବିଶ୍ୱେ ବାର୍ତ୍ତାଦେଲେ ଶାନ୍ତି-ପ୍ରୀତି ॥

## ୩ କୋଟିର ସୁନା ଜବତ

■ **ଭୁବନେଶ୍ୱର, ୭।୭ (ସମିସ):** କୋଲକାତାରୁ ଓଡ଼ିଶା ଦେଇ ହାଇଦ୍ରାବାଦକୁ ସୁନା ଚୋରା ଚାଲାଣ ବେଳେ ଡ଼ିଆର୍‌ଆଇ (ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ) ଅଧିକାରୀମାନେ ୩.୯୮୨ କିଲୋଗ୍ରାମ ସୁନା ଜବତ କରିଛନ୍ତି। ଏହା ସହ ଏହି କାରବାରରେ ସମ୍ପୃକ୍ତ ୨ ଚୋରା ଚାଲାଣକାରୀଙ୍କୁ ମଧ୍ୟ ଗିରଫ କରାଯାଇଛି । ଜବତ ସୁନାର ପରିମାଣ ୨.୯୯ କୋଟି ଟଙ୍କା ହେବ ବୋଲି ଡ଼ିଆର୍‌ଆଇ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁସାରେ ସ୍ମଗଲରଙ୍କ ଦ୍ୱାରା ବିଦେଶରୁ କୋଲକାତା ସୁନା ଆମଦାନୀ କରାଯାଇଥିବା ସଂକ୍ରାନ୍ତ ଏକ ଖବର ଡିଆର୍‌ଆଇ ନିକଟରେ ପହଞ୍ଚିଥିଲା। ଏହା ଉପରେ ଗୁଇନ୍ଦା ନିର୍ଦ୍ଦେଶାଳୟର ଅଧିକାରୀମାନେ ତୀକ୍ଷ୍ଣ ନଜର ରଖିଥିଲେ। ଗତ ୬ ତାରିଖରେ କୋଲକାତାରୁ ହାଇଦ୍ରାବାଦକୁ ବସ୍‌ରେ ସୁନା ଚାଲାଣ କରାଯାଉଥିବା ସୂଚନା ପାଇବା ପରେ ଡିଆର୍‌ଆଇ ଅଧିକାରୀ ବାଟରେ ଛକି ରହିଥିଲେ। ଦୁଇ ସ୍ମଗଲର ଅତି ଚତୁରତାର ସହ ସୁନାକୁ କପଡା ଭିତରେ ଭର୍ତ୍ତି କରି ଅଣ୍ଟାରେ ଲୁଚାଇ ରଖିଥିଲେ। ଡିଆର୍‌ଆଇ ଅଧିକାରୀମାନେ ବସ୍‌ରେ ଚଢ଼ଉ କରି ଦୁଇଜଣ ସ୍ମଗଲରଙ୍କୁ କାବୁ କରିଥିଲେ ଏବଂ ସେମାନଙ୍କ ନିକଟରୁ ଏହି ସୁନା ଜବତ କରାଯାଇଥିଲା। କଷ୍ଟମଆକ୍ଟ ୧୯୬୨ ଆଧାରରେ ଦୁଇଜଣଙ୍କୁ ଗିରଫ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲୁଛି। ସେମାନଙ୍କ ଟ୍ରାଭେଲ ରେକର୍ଡ ଟ୍ରାକ୍ ଯାଞ୍ଚ କରାଯାଉଛି। ବ୍ୟାଙ୍କକ୍ କିମ୍ବା ଦୁବାଇରୁ ଏହି ସୁନା ଆମଦାନୀ ପରେ ▶ପୃଷ୍ଠା-୯

**ଡିଆର୍‌ଆଇ ପଞ୍ଝାରେ ଦୁଇ ଚୋରାବେପାରୀ**

### ଓଡିଆ ଭାଷାରେ ଡାକ୍ତରୀ ପଢ଼ା

## ପସନ୍ଦ ଅଳ୍ପ; ନାପସନ୍ଦ ବେଶୀ


■ **ଭୁବନେଶ୍ୱର, ୭।୭ (ସମିସ):** ଓଡିଶାରେ ଓଡିଆ ଭାଷାରେ ଡାକ୍ତରୀ ପଢ଼ିବେ ଛାତ୍ରଛାତ୍ରୀ। ଇଂରାଜୀରେ ପ୍ରଚଳିତ ଡାକ୍ତରୀ ପୁସ୍ତକ ଗୁଡିକର ଓଡିଆ ଅନୁବାଦ କରାଯିବ। ଏଥିପାଇଁ ଗତ ୪ ତାରିଖରେ ରାଜ୍ୟ ସରକାର ୨୨ ଜଣିଆ କମିଟି ଗଠନ କରିଛନ୍ତି। ଏହି କାମ ପାଇଁ କେତେ ପାଣ୍ଠି ଆବଶ୍ୟକ ଏବଂ କେତେଦିନ ଭିତରେ ଏମ୍‌ବିବିଏସ୍ ପାଠ୍ୟ ପୁସ୍ତକର ଅନୁବାଦ କାର୍ଯ୍ୟ ଶେଷ ହେବ ତାହା ଉକ୍ତ କମିଟି ଧାର୍ଯ୍ୟ କରିବ। ତେବେ ଓଡ଼ିଆରେ ଡ଼ାକ୍ତରୀ ପଢ଼ାକୁ ନେଇ କିଛି ସ୍ୱାଗତ କରୁଥିବାବେଳେ ଅଧିକାଂଶ ଏହାକୁ ନାପସନ୍ଦ କରିଛନ୍ତି। କିଛି ଚିକିତ୍ସକ ଏହି ପଦକ୍ଷେପକୁ ସ୍ୱାଗତ କରୁଥିବା ବେଳେ ଅନେକ ଏହା ଉପାଦେୟ ହୋଇପାରିବ ନାହିଁ ବୋଲି ଯୁକ୍ତି ବାଢ଼ିଛନ୍ତି।

**ରାଜ୍ୟ ବାହାରକୁ ଗଲେ ସମସ୍ୟାରେ ପଡିବେ ଓଡ଼ିଆ ଡାକ୍ତର**

**ଆହ୍ୱାନ ହେବ ଆଧୁନିକ ଚିକିତ୍ସା ସମ୍ପର୍କରେ ଜ୍ଞାନ ଆହରଣ**

**ଇଂରାଜୀରେ ପଢ଼ି ରୋଗୀଙ୍କୁ ଦିଅନ୍ତୁ ଓଡ଼ିଆରେ ପରାମର୍ଶ**

କୁହାଯାଉଛି ଯେ ଓଡିଆରେ ଡାକ୍ତରୀ ପାଠ ପଢ଼ା କ୍ଷେତ୍ରରେ ଅନେକ ଆହ୍ୱାନ ରହିଛି। ପ୍ରଥମତଃ ଚିକିତ୍ସା ବିଜ୍ଞାନରେ ନୂଆ ଉଦ୍ଭାବନ ସମ୍ପର୍କରେ ଜ୍ଞାନ ଆହରଣ କରିବା ଓଡିଆ ଛାତ୍ରଛାତ୍ରୀଙ୍କ ପାଇଁ ବେଶ୍ କଠିନ ହେବ। ନିୟମିତ ଭାବେ ଚିକିତ୍ସା ବିଜ୍ଞାନରେ ନୂଆ ନୂଆ ଗବେଷଣା ରିପୋର୍ଟ, ଚିକିତ୍ସା ପଦ୍ଧତି, ମେଡିକାଲ ଜର୍ଣ୍ଣାଲ, ବିଭିନ୍ନ ପ୍ରକାର ରିପୋର୍ଟ ବିଶ୍ୱର କୋଣ ଅନୁକୋଣରୁ ଆସୁଛି ଯାହା ଇଂରାଜୀ ଭାଷାରେ ରହିଥାଏ। ପ୍ରତ୍ୟେକ ଡାକ୍ତରଙ୍କ ପାଇଁ ଏହାକୁ ଜାଣିବା ଏକାନ୍ତ ଆବଶ୍ୟକ। ଅପରପକ୍ଷେ ଓଡ଼ିଆରେ ଡ଼ାକ୍ତରୀ ପଢୁଥିବା ▶ପୃଷ୍ଠା-୯



ପୁରୀ ଗୋବର୍ଦ୍ଧନ ପୀଠରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ରଥଯାତ୍ରା ଅବସରରେ ବଡ଼ଦାଣ୍ଡରେ (ବାମରୁ) ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ରାଜ୍ୟପାଳ ରଘୁବର ଦାସ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବାଚସ୍ପତି ସୁରମା ପାଢ଼ୀ ୨୦୨୪ ରଥଯାତ୍ରାର ସ୍ୱତନ୍ତ୍ର ସଂଖ୍ୟା 'ଉତ୍କଳ ପ୍ରସଙ୍ଗ'କୁ ଉନ୍ମୋଚନ କରୁଛନ୍ତି

# ଡ. ସଂତୃପ୍ତ ମିଶ୍ର ନବୀନଙ୍କ ରାଜନୈତିକ ସଚିବ ନିଯୁକ୍ତ

**ଭୁବନେଶ୍ୱର, ୭।୭(ସମିସ):** ରଥଯାତ୍ରା ଦିନ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ଗଣମାଧ୍ୟମ କମିଟିର ପୁନର୍ଗଠନ କରିଛନ୍ତି। ଏହା ସହ ସମସ୍ତ ରାଜ୍ୟ କମିଟିକୁ ଭଙ୍ଗ ସହ ଖୁବ୍ ଶୀଘ୍ର ଏହି କମିଟି ପୁନର୍ଗଠନ କରାଯିବ ବୋଲି ନବୀନ ଘୋଷଣା କରିଛନ୍ତି। ଦଳର ବରିଷ୍ଠ ନେତା ଡ.ସନ୍ତୃପ୍ତ ମିଶ୍ରଙ୍କୁ ନିଜ ରାଜନୈତିକ ସଚିବ ଭାବରେ ନବୀନ ନିଯୁକ୍ତି ଦେଇଛନ୍ତି। ଏହା ସହ ଦଳର ବରିଷ୍ଠ ନେତାମାନଙ୍କୁ ଜାତୀୟ ମୁଖପାତ୍ର, ରାଜ୍ୟ ମୁଖପାତ୍ର ଦାୟିତ୍ୱ ଦେଇଛନ୍ତି। ତେବେ ଜିଲ୍ଲାସ୍ତରୀୟ କମିଟିଗୁଡ଼ିକ ପୂର୍ବବତ୍ କାର୍ଯ୍ୟ ଜାରି ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

- **ସମସ୍ତ ରାଜ୍ୟସ୍ତରୀୟ କମିଟି ଭଙ୍ଗ କଲେ ସୁପ୍ରିମୋ ନବୀନ**
- **୫ ଜାତୀୟ ମୁଖପାତ୍ର ଓ ୧୨ ରାଜ୍ୟ ମୁଖପାତ୍ର ନିଯୁକ୍ତ**
- **ପ୍ରତାପ ଜେନାଙ୍କୁ ବରିଷ୍ଠ ଗଣମାଧ୍ୟମ ସଂଯୋଜକ ଦାୟିତ୍ୱ**

ଦଳପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଦଳର ୫ ଜଣ ବରିଷ୍ଠ ନେତାଙ୍କୁ ଜାତୀୟ ମୁଖପାତ୍ର ଭାବରେ ନବୀନ ନିଯୁକ୍ତି ଦେଇଛନ୍ତି। ଡଃ ସଂତୃପ୍ତ ମିଶ୍ରଙ୍କ ସହ ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂଦେଓ, ଡଃ ଅମର ପଟ୍ଟନାୟକ, ପ୍ରଦୀପ କୁମାର ମାଝି ଓ ସାଂସଦ ଡଃ ସସ୍ମିତ ପାତ୍ର ଜାତୀୟ ମୁଖପାତ୍ର ଭାବରେ କାର୍ଯ୍ୟ କରିବେ। ସେହିପରି ରାଜ୍ୟ ମୁଖପାତ୍ର ଭାବରେ ନିଯୁକ୍ତ ୧୪ ଜଣିଆ ସୂଚୀରେ ପ୍ରାୟତଃ ସମସ୍ତ ବରିଷ୍ଠ ନେତା ସ୍ଥାନ ପାଇଛନ୍ତି। ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ଦେବୀ ପ୍ରସାଦ ମିଶ୍ର, ପ୍ରତାପ କୁମାର ଦେବ, ଡ଼. ଅରୁଣ ସାହୁ, କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ୍ର, ରମେଶ ଚନ୍ଦ୍ର ମାଝୀ, ସୁଦାମ ମାର୍ଣ୍ଡିଙ୍କ ସହ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସାଂସଦ ସୁଲତା ଦେଓ ପ୍ରମୁଖ ରାଜ୍ୟ ମୁଖପାତ୍ର ଭାବରେ ନିଯୁକ୍ତି ପାଇଛନ୍ତି। ଏମାନଙ୍କ ବ୍ୟତୀତ ଶ୍ରୀମୟୀ ମିଶ୍ର, ଲେଖାଶ୍ରୀ ସାମନ୍ତସିଂହାର, ଭୃଗୁ ବକ୍ସିପାତ୍ର ଓ ଡଃ ଲେନିନ ମହାନ୍ତିଙ୍କୁ ମଧ୍ୟ ରାଜ୍ୟ ମୁଖପାତ୍ର ଭାବରେ ନିଯୁକ୍ତି ଦିଆଯାଇଛି।

ଦଳର ବରିଷ୍ଠ ଗଣମାଧ୍ୟମ ସଂଯୋଜକ ଭାବରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ପ୍ରତାପ ଜେନାଙ୍କୁ ନିଯୁକ୍ତି ଦିଆଯାଇଛି। ଡ. ଲେଲିନ୍ ମହାନ୍ତି ଓ ଡ. ପ୍ରିୟବ୍ରତ ମାଝୀ ଗଣମାଧ୍ୟମ ସଂଯୋଜକ ଏବଂ ସ୍ୱୟଂ ପ୍ରକାଶ ମହାପାତ୍ରଙ୍କୁ ସୋସିଆଲ ମିଡ଼ିଆ ସଂଯୋଜକ ଭାବରେ ଭାବରେ ଅବସ୍ଥାପିତ କରାଯାଇଛି। ଅନ୍ୟପକ୍ଷରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଲୋକସମ୍ପର୍କ ଅଧିକାରୀ ଭାବରେ ସୂଚନା ସେବାର ପୂର୍ବତନ ଅଧିକାରୀ ସୁକାନ୍ତ କୁମାର ପଣ୍ଡାଙ୍କୁ ନିଯୁକ୍ତି ଦିଆଯାଇଛି।

**ବଡ଼ଦାଣ୍ଡରେ ବିରଳ ଦୃଶ୍ୟ**

# ନବୀନଙ୍କୁ ମଞ୍ଚ ଉପରକୁ ପାଛୋଟିନେଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୭।୭(ସମିସ):** ଆଜି ପୁରୀଠାରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୋଇଛି। ରଥଯାତ୍ରାରେ ଦେଶ ବିଦେଶର କୋଣ ଅନୁକୋଣରୁ ଜଗନ୍ନାଥପ୍ରେମୀ ପୁରୀରେ ଏକାଠି ହୋଇଥିବା ବେଳେ ସମସ୍ତେ ମହାବାହୁଙ୍କ ଭକ୍ତି ରସରେ ଭିଜିଛନ୍ତି। ତେବେ ରଥଯାତ୍ରା ଅବସରରେ ଉପସ୍ଥିତ ରାଜନେତାଙ୍କ ମଧ୍ୟରେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଛି। ଯାହା ସାଧାରଣରେ ବେଶ୍ ଚର୍ଚ୍ଚା ସାଉଁଟିଛି। ବଡ଼ଦାଣ୍ଡରେ ଭିଆଇପିଙ୍କ ବସିବା ପାଇଁ ନିର୍ମିତ ମଞ୍ଚରେ ଶାସକ ଓ ବିରୋଧୀ ଦଳର ନେତାଙ୍କୁ ଆଜି ଏକାଠି ଦେଖିବାକୁ ମିଳିଥିଲା। ମଞ୍ଚ ଉପରକୁ ବିରୋଧିଦଳ ନେତା ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାଛୋଟି ନେଇଥିଲେ। ସସମ୍ମାନେ ତାଙ୍କ ବସିବା ଆସନ ପର୍ଯ୍ୟନ୍ତ ଧର୍ମେନ୍ଦ୍ର ତାଙ୍କୁ ପାଛୋଟି ନେଇଥିବା ବେଳେ ମଞ୍ଚ ଉପରେ ଉପସ୍ଥିତ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଅନ୍ୟ ଅତିଥି ନବୀନଙ୍କୁ ନମସ୍କାର କରିଥିଲେ। ପ୍ରତ୍ୟୁତ୍ତରରେ ମଧ୍ୟ ନବୀନ ସମସ୍ତଙ୍କୁ ପ୍ରତି ନମସ୍କାର ଜଣାଇଥିଲେ।

ରଥଯାତ୍ରା ଦେଖିବାକୁ ଜଗନ୍ନାଥ ଧାମରେ ପହଞ୍ଚିଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତିଙ୍କ ସହ ସାଙ୍ଗରେ ଥିଲେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେପଟେ ରଥଯାତ୍ରା



ଦେଖିବାକୁ ବଦଦାଣ୍ଡରେ ପହଞ୍ଚିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧି ଦଳର ନେତା ନବୀନ ପଟ୍ଟନାୟକ। ତେବେ ସେହି ସମୟରେ ବଡଦାଣ୍ଡରେ ଦେଖିବାକୁ ମିଳିଥିଲା ଏକ ବିରଳ ଦୃଶ୍ୟ। ବଡଦାଣ୍ଡରେ ପହଞ୍ଚିବା କ୍ଷଣି ରାଷ୍ଟ୍ରପତିଙ୍କୁ ଦେଖି ମଞ୍ଚ ତଳେ ଛିଡ଼ା ହୋଇ ନମସ୍କାର କରିଥିଲେ ନବୀନ। ଠିକ୍ ସେତିକି ବେଳେ ମଞ୍ଚ ତଳେ ନବୀନଙ୍କୁ ଦେଖି ମଞ୍ଚ ଉପରୁ ତଳକୁ ଆସି ନବୀନଙ୍କୁ ମଞ୍ଚ ଉପରକୁ ପାଛୋଟି ନେଇଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମଞ୍ଚ ଉପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଠିଆ ହୋଇ ନବୀନଙ୍କୁ ବସିବା ପାଇଁ ଅନୁରୋଧ କରିଥିଲେ। ଏହାପରେ ମଞ୍ଚ ଉପରେ ଥିବା ଅନ୍ୟ ବଶିଷ୍ଟ ବ୍ୟକ୍ତିମାନେ ନବୀନଙ୍କୁ ପ୍ରଣାମ କରିବା ସହ ତାଙ୍କ ବସିବା ଆସନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ପୂର୍ବରୁ ସମାନ ଦୃଶ୍ୟ ବିଜେପିର ଶପଥ ଗ୍ରହଣ ସମାରୋହ ବେଳେ ଦେଖିବାକୁ ମିଳିଥିଲା।

# ୧୩ରୁ ପୁଣି ବଢ଼ିବ ବର୍ଷା

**ଭୁବନେଶ୍ୱର, ୭।୭(ସମିସ):** ଆସନ୍ତା ୧୪ କିମ୍ବା ୧୫ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପ୍ରଭାବରେ ଗୋଟିଏ ଲଘୁଚାପ ମଧ୍ୟ ସୃଷ୍ଟି ହୋଇପାରେ। ତେଣୁ ସମ୍ଭାବ୍ୟ ଲଘୁଚାପ ଯୋଗୁଁ ରାଜ୍ୟରେ ୧୩ ତାରିଖରୁ ବର୍ଷାର ପ୍ରକୋପ ବୃଦ୍ଧି ପାଇବ। ଏହି ବର୍ଷା ପରବର୍ତ୍ତୀ ୪-୫ ଦିନ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷାର ପ୍ରକୋପ ରହିବା ନେଇ ସମ୍ଭାବନା ରହିଛି। ଅନ୍ୟପଟେ ରବିବାର ରଥଯାତ୍ରାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଅନୁଭୂତ ହୋଇଛି। ଯଦିଓ ପୁରୀରେ ବିଶେଷ ବର୍ଷା ହୋଇନାହିଁ, କିନ୍ତୁ ଭୁବନେଶ୍ୱରରେ ପ୍ରବଳ ବର୍ଷା ଯୋଗୁଁ ଇସ୍କନ ମନ୍ଦିର ସାମନାରେ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି। ବର୍ଷାରେ ଏହି ରାସ୍ତାରେ ଅଣ୍ଟେ ପାଣି ଜମିବା ସହ ଗାଡ଼ି ମୋଟର ରାସ୍ତାରେ ଭାସିଥିଲା। ଫଳରେ ରାସ୍ତାରୁ ପାଣି କମିବା ପରେ ରଥ ଟଣା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସକ୍ରିୟ ମୌସୁମୀ ଏହି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ୫୨ ମିମି ବର୍ଷା ହୋଇଥିବା ବେଳେ କଟକରେ ୪୬, ଯାଜପୁର ୨୦, ଗୋପାଳପୁର ୧୬, ଖୋର୍ଦ୍ଧା ଓ ଦାରିଙ୍ଗବାଡ଼ିରେ ୧୨ ମିମି ଲେଖାଏଁ ବର୍ଷା ଅନୁଭୂତ ହୋଇଛି। ସୋମବାର ବର୍ଷାର ପ୍ରକୋପ ହ୍ରାସ ହେବା ସହ କିଛି କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ତେବେ କୋରାପୁଟ, ରାୟଗଡ଼ା ଓ ଗଜପତି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା ଥିବା କେନ୍ଦ୍ର ପକ୍ଷରୁ କୁହାଯାଇଛି। ରବିବାର ସୁଦ୍ଧା ରାଜ୍ୟରେ ୨୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ୧୩ ଜିଲ୍ଲାରେ ସ୍ୱାଭାବିକ ବର୍ଷା ଅନୁଭୂତ ହୋଇଛି।

**ଲକ୍ଷ୍ୟ କ୍ଷେତ୍ରୀୟ ବିକାଶ ଓ ବିକଶିତ ଓଡ଼ିଶା**

# ବଜେଟ କସରତ: ସଚିବସ୍ତରୀୟ ବୈଠକ ୯ରେ

**ଭୁବନେଶ୍ୱର,୭।୭(ସମିସ):** ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବ ରାଜ୍ୟ ବଜେଟ୍ ଅଧିବେଶନ। ଏହା ପୂର୍ବରୁ କେନ୍ଦ୍ର ବଜେଟ୍ ଆଗତ ହେଉଥିବାରୁ ରାଜ୍ୟ ସରକାର ଏକ ପୂର୍ଣ୍ଣାଙ୍ଗ ବଜେଟ୍ ଆଣିପାରନ୍ତି ବୋଲି ଆକଳନ କରାଯାଉଛି। ରାଜ୍ୟର ବିକାଶ ଧାରାକୁ ଅବ୍ୟାହତ ରଖି ନିର୍ବାଚନୀ ପ୍ରତିଶ୍ରୁତି ପୂରଣକୁ ରାଜ୍ୟ ସରକାର ଅଗ୍ରାଧିକାର ଦେଉଥିବାରୁ ଆଗାମୀ ବଜେଟ୍ ଓ ଏହାର ରୂପରେଖ ବେଶ୍ ଭିନ୍ନ ଧରଣର ହୋଇପାରେ ବୋଲି ଅର୍ଥନୀତିଜ୍ଞମାନେ ମନେ କରୁଛନ୍ତି। ବଜେଟ ସଂକ୍ରାନ୍ତରେ ବିଭିନ୍ନ ବିଭାଗଠାରୁ ଅର୍ଥ ବିଭାଗ ବିସ୍ତୃତ ତଥ୍ୟ ଲୋଡ଼ିଥିବାବେଳେ ଆସନ୍ତା ୯ ତାରିଖରେ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ବସିବ ଗୁରୁତ୍ୱପୂର୍ଣ୍ଣ ସଚିବସ୍ତରୀୟ ବୈଠକ। ବିଭିନ୍ନ ବିଭାଗ ସମ୍ପର୍କରେ ଏହି ବୈଠକରେ ଆଲୋଚନା ହେବ; ତେବେ କୃଷି, ସ୍ୱାସ୍ଥ୍ୟ, ସାମାଜିକ ନିରାପତ୍ତା ଓ ମିଶନଶକ୍ତି ବିଭାଗକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି ସୂଚନା ମିଳିଛି।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବିକଶିତ ଓଡ଼ିଶା ଭିଜନ ଏବଂ କ୍ଷେତ୍ରୀୟ ବିକାଶ ଯୋଜନା ସମ୍ପର୍କରେ ବିଶେଷ ଆଲୋଚନା ହେବ। ବିଜେପି ନିଜର ନିର୍ବାଚନ ପ୍ରଚାର ବେଳେ ବିକଶିତ ଓଡ଼ିଶା ଗଠନ ନେଇ ବ୍ୟାପକ ପ୍ରତିଶ୍ରୁତି ପ୍ରଦାନ କରିଛି। ଏହି ପ୍ରତିଶ୍ରୁତିଗୁଡ଼ିକୁ କିପରି କାର୍ଯ୍ୟକାରୀ କରାଯିବ, ସେନେଇ ନୂଆ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଏହି ପ୍ରରିପେକ୍ଷୀରେ ବିକଶିତ ଓଡ଼ିଶା ଲକ୍ଷ୍ୟ ସମ୍ପର୍କରେ ବୈଠକରେ ବ୍ୟାପକ ଆଲୋଚନା ହେବା। ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର କେନ୍ଦ୍ର ସହ ଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହେବ। କେନ୍ଦ୍ର ସହ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର କେତେକ ସମସ୍ୟା ରହିଥିବାରୁ ବହୁ ବିକାଶମୂଳକ କାର୍ଯ୍ୟ ଅତୀତରେ ଆଗେଇ ପାରିନାହିଁ। ଏହି ସମସ୍ୟାଗୁଡ଼ିକୁ ସରକାରଙ୍କ ଦୃଷ୍ଟିକୁ ଆଣି ଏହାର ତ୍ୱରିତ୍ ସମାଧାନ କିପରି କରାଯିବ, ସେନେଇ ବୈଠକରେ ବିଶେଷ ଭାବେ ଆଲୋଚନା କରାଯିବ। ପୁନଶ୍ଚ ବର୍ତ୍ତମାନ କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)ର ଯୁଗ ହୋଇଥିବା ବେଳେ ଏହାର ବ୍ୟବହାର ଧୀରେଧୀରେ ବ୍ୟାପକତା ଆଡ଼କୁ ଗତି କରୁଛି। ସମୟ ସହ ତାଳଦେଇ ଏହାକୁ କିପରି ଅଧିକରୁ ଅଧିକ ଭାବେ ଆପଣାଯାଇ ପାରିବ ସେନେଇ ବିଭିନ୍ନସ୍ତରରେ ପରୀକ୍ଷା ନିରୀକ୍ଷା ଚାଲିଛି।

ଅନ୍ୟପକ୍ଷରେ ଗତ ୧ ତାରିଖଠାରୁ ଜିଲ୍ଲାରୁ ରାଜ୍ୟସ୍ତର ଯାଏଁ ଜନ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଛି। ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍‌ପିମାନେ ମିଳିତ ଭାବେ ଜନଶୁଣାଣି କରୁଥିବା ବେଳେ ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀ ନିଜେ ଲୋକଙ୍କ ଅଭିଯୋଗ ଶୁଣିବା ଆରମ୍ଭ କରିଛନ୍ତି। ସେହିପରି ବିଭିନ୍ନ ବିଭାଗ ଏବଂ ବିଭାଗୀୟ ମୁଖ୍ୟମାନେ ମଧ୍ୟ ଅଭିଯୋଗ ଶୁଣାଣି ଆରମ୍ଭ କରିଛନ୍ତି। ଏହିକ୍ରମରେ ଅଭିଯୋଗ ଶୁଣାଣିର ସ୍ଥିତି, ଅଭିଯୋଗର ସମାଧାନ ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବୈଠକରେ ବିଶେଷ ଭାବେ ଆଲୋଚନା ହେବ ବୋଲି ଜଣାପଡ଼ିଛି।

# ଦୁଇ ଇନାମୀ ମାଓବାଦୀଙ୍କ ସହ ୫ ଜଣଙ୍କ ଆତ୍ମସମର୍ପଣ

**ମାଲକାନଗିରି,୭।୭(ସମିସ):** ମାଲକାନଗିରି ଜିଲ୍ଲା ସୁକୁମା ପୁଲିସ ନିକଟରେ ଦୁଇ ଇନାମୀ ମାଓବାଦୀଙ୍କ ସହ ୫ ଜଣ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ଦୁଇ ମାଓବାଦୀଙ୍କ ମଧ୍ୟରୁ ୨ ଲକ୍ଷ ଇନାମୀ କର୍ଟମ ସୁକା ଓ ୧ ଲକ୍ଷ ଇନାମୀ ସୋୟମ ବୁଦ୍ରା। ଏହି ୫ ଜଣ ରବିବାର ଜିଲ୍ଲା ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବାବେଳେ ଏମାନଙ୍କୁ ସରକାରଙ୍କ ନିୟମ ଅନୁଯାୟୀ, ସମସ୍ତ ପ୍ରକାର ସୁବିଧାସୁଯୋଗ ଯୋଗାଇ ଦିଆଯିବା ସହ ଥଇଥାନ କରାଯିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ। ବର୍ତ୍ତମାନ ଛତିଶଗଡ଼ରେ ବହୁ ସ୍ଥାନରେ ଯବାନମାନଙ୍କ କ୍ୟାମ୍ପ, ପୁଲିସ କ୍ୟାମ୍ପ ପ୍ରତିଷ୍ଠା ହେବାରୁ ମାଓବାଦୀଙ୍କ ଗତିବିଧି ପ୍ରାୟତଃ ବନ୍ଦ ହୋଇଯାଇଛି। ଅନ୍ୟପଟେ ବର୍ତ୍ତମାନ ମାଓ ସଂଗଠନରେ ପୂର୍ବ ଆଦର୍ଶ ନ ଥିବା ଏବଂ ମାଓ ସଂଗଠନର ବରିଷ୍ଠ ମାଓନେତାମାନେ ନିରୀହ ଆଦିବାସୀଙ୍କୁ ପୁଲିସ ସୂଚନାଦାତା ସନ୍ଦେହର ହତ୍ୟା କରୁଛନ୍ତି। ତେଣୁ ସଂଗଠନ ପ୍ରତି ଅତିଷ୍ଠ ହୋଇ ଏମାନେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି।

**୪ ବର୍ଷ ହେଲା ଅଦାଲତରେ ଲଟକିଛି ଅଧ୍ୟାପକ ନିଯୁକ୍ତି**

# ବିଶ୍ୱବିଦ୍ୟାଳୟରେ କେମିତି ଚାଲିବ ପାଠପଢ଼ା ?

**ଭୁବନେଶ୍ୱର,୭।୭(ସମିସ):** ରାଜ୍ୟ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଏଗାର ହଜାରରୁ ଅଧିକ ଅଧ୍ୟାପକ ପଦ ଖାଲି। ସ୍ଥାୟୀ ନିଯୁକ୍ତି ମାମଲା ଅଦାଲତରେ ଲଟକିଛି। ତେଣୁ ଶିକ୍ଷାଦାନ ନିମନ୍ତେ ଅତିଥି ଅଧ୍ୟାପକଙ୍କ ଉପରେ ଭରସା କରାଯାଉଥିଲା; ମାତ୍ର ତାହା ମଧ୍ୟ ବିଳମ୍ବିତ। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନକୁ ନେଇ ଶିକ୍ଷାର୍ଥୀ ଓ ଅଭିଭାବକ ଚିନ୍ତିତ।

୨୦୨୦ ସେପ୍ଟେମ୍ବର ୪ ତାରିଖରେ କେନ୍ଦ୍ର ସରକାର ବିଶ୍ୱବିଦ୍ୟାଳୟ ସଂଶୋଧନ ନିୟମ ପ୍ରଣୟନ କରିବା ପରେ ରାଜ୍ୟର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତିକୁ ନେଇ ସୃଷ୍ଟି ହୋଇଛି ସମସ୍ୟା। ଅଧ୍ୟାପକ ନିଯୁକ୍ତି ସଂକ୍ରାନ୍ତରେ ହାଇକୋର୍ଟ ସବୁଜ ସଙ୍କେତ ପ୍ରଦାନ କରିଥିଲେ ହେଁ ସୁପ୍ରିମ୍‌କୋର୍ଟ ଏହା ଉପରେ ରହିତାଦେଶ ଜାରି କରିଛନ୍ତି। ଇତି ମଧ୍ୟରେ ୪ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ତୁଟିନାହିଁ।

**ଏଯାଏ ଆରମ୍ଭ ହୋଇନାହିଁ ଅତିଥି ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା**

ଅପରପକ୍ଷରେ ଅତିଥି ଅଧ୍ୟାପକ ନିଯୁକ୍ତି ମଧ୍ୟ ସରୁନାହିଁ। ଫଳରେ ଶିକ୍ଷାଦାନ ପ୍ରକ୍ରିୟା ସାଙ୍ଘାତିକ ଭାବେ ବାଧାପ୍ରାପ୍ତ ହେଉଛି। କେବେ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ ବା ଅତିଥି ଅଧ୍ୟାପକ ନିଯୁକ୍ତି ସରି ପାଠପଢ଼ା ସ୍ୱାଭାବିକ ହେବ ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି।

ଅଧ୍ୟାପକ ଅଭାବରୁ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ବାଟବଣା। ବିଧାନସଭା ତଥ୍ୟ ଅନୁସାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୧୧ ଅଧ୍ୟାପକ ପଦ ଖାଲି। ସେହିପରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୭୭, ଫକିର ମୋହନ ବିଶ୍ୱବିଦ୍ୟାଳୟରେ ୮୩, ସମ୍ବଲପୁରରେ ୬୩, ରେଭେନ୍ସାରେ ୧୫୬, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୬୪, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୭୨, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୧୮ଟି ଅଧ୍ୟାପକ ପଦ ଖାଲି ରହିଛି। ବିକ୍ରମଦେବ ଓ ଧରଣୀଧର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ପଦ ସୃଷ୍ଟି ହୋଇ ନାହିଁ। କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ମଧ୍ୟ ସ୍ଥାୟୀ ଅଧ୍ୟାପକ ନିଯୁକ୍ତ ହୋଇ ନାହାନ୍ତି। କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପାଇଁ ୧୧୨ଟି ପଦ ମଞ୍ଜୁର ହୋଇଥିବା ବେଳେ ମାତ୍ର ୪ଜଣ ଅଛନ୍ତି। ଇତି ମଧ୍ୟରେ ଅନେକ ଅଧ୍ୟାପକ ଅବସର ନେଇଛନ୍ତି। ଅଧ୍ୟାପକ ଅଭାବକୁ ଭରଣା କରିବା ପାଇଁ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ପର୍ଯ୍ୟନ୍ତ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତ କରିବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଯୋଜନା ହୋଇଥିଲା। ହେଲେ ଏହା ମଧ୍ୟ ବାଟ ହୁଡ଼ିଛି। ୨୦୨୪-୨୫ ଶିକ୍ଷାବର୍ଷରେ ପାଠପଢ଼ା ଆରମ୍ଭ ହୋଇଥିଲେ ମଧ୍ୟ ଅତିଥି ଅଧ୍ୟାପକ ନିଯୁକ୍ତି ସରିନାହିଁ। ଉତ୍କଳ ବିଶ୍ୱବିଦ୍ୟାଳୟର ସମସ୍ତ ୨୭ଟି ବିଭାଗରେ ୪୩ ଜଣ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦେବାକୁ ବିଜ୍ଞପ୍ତି ହୋଇଛି। ଏଥିପାଇଁ ୭୨ ଜଣ ଆବେଦନ କରିଥିଲେ ମଧ୍ୟ ଏଯାଏଁ ଚୟନ କମିଟି ବସିନାହିଁ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମେତ ଅନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର ମଧ୍ୟ ସମାନ ଅବସ୍ଥା। ମିଳିଥିବା ସୂଚନା ଅନୁଯାୟୀ, ଉତ୍କଳରେ ଅତିଥି ଅଧ୍ୟାପକ ନିଯୁକ୍ତି ପାଇଁ ଆଶାୟୀଙ୍କ ସର୍ଟଲିଷ୍ଟ ସରିଛି। ହେଲେ ଚୟନ କମିଟି ପାଇଁ ବିଭାଗ ପକ୍ଷରୁ କୌଣସି ପ୍ରତିନିଧିଙ୍କୁ ନିଯୁକ୍ତ କରାଯାଇ ନଥିବାରୁ ତାହା ଅଟକି ରହିଛି। ପାଠପଢ଼ା ବାଧାପ୍ରାପ୍ତ ହେଉଥିବାବେଳେ ଅତିଥି ଅଧ୍ୟାପକ ନିଯୁକ୍ତିରେ କାହିଁକି ବିଳମ୍ବ କରାଯାଉଛି ବୋଲି ଛାତ୍ରଛାତ୍ରୀମାନେ ପ୍ରଶ୍ନ ଉଠାଇଛନ୍ତି।

**ଏକାଧିକ ଜଟିଳ ରୋଗ କବଳରେ ଓଡ଼ିଶା**

# କେନ୍ଦ୍ରୀୟ ଟିମ୍‌ର ଗସ୍ତ ଲୋକଦେଖାଣିଆ!

**ଭୁବନେଶ୍ୱର,୭।୭(ସମିସ):** ସମ୍ପ୍ରତି ଏକାଧିକ ଜଟିଳ ତଥା ବିରଳ ରୋଗ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଛି। ଏସବୁ ରୋଗର କାରଣ ଓ ନିରାକରଣ ପାଇଁ ରାଜ୍ୟ ସ୍ତରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ସଂକ୍ରମିତ ଅଞ୍ଚଳରୁ ରୋଗୀଙ୍କ ରକ୍ତ, ମଳ-ମୂତ୍ର, କଫ ଆଦିର ନମୁନା ପରୀକ୍ଷଣ କରାଯାଇ ପ୍ରତିଷେଧକମୂଳକ ବ୍ୟବସ୍ଥା କରାଯିବା ସହ ଜନସଚେତନତା ମଧ୍ୟ ସୃଷ୍ଟି କରାଯାଉଛି। ସଂକ୍ରମଣ ଗୁରୁତର ହୋଇ ସଂକଟଜନକ ସ୍ଥିତି ସୃଷ୍ଟି ହେବା ପରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଟିମ୍ ପରିଦର୍ଶନରେ ଆସୁଛନ୍ତି। ହେଲେ ରାଜ୍ୟକୁ ଏ ପ୍ରକାର ସ୍ୱାସ୍ଥ୍ୟ ସଂକଟରୁ ରକ୍ଷା କରିବା କ୍ଷେତ୍ରରେ କେନ୍ଦ୍ରୀୟ ଟିମ୍‌ର କାର୍ଯ୍ୟକ୍ରମ ବିଶେଷ ଫଳପ୍ରଦ ହୋଇପାରୁ ନାହିଁ। କେନ୍ଦ୍ରୀୟ ଟିମ୍‌ର ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ପରୀକ୍ଷଣ ରିପୋର୍ଟ ଆଧାରରେ କୌଣସି ବିଶେଷ ପଦକ୍ଷେପ ନିଆଯାଉ ନାହିଁ। କେନ୍ଦ୍ରୀୟ ଟିମ୍‌ର ଏହି ପରିଦର୍ଶନ କେବଳ ଲୋକଦେଖାଣିଆ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

କିଛି ଦିନ ପୂର୍ବେ ରାୟଗଡ଼ାରେ ଡିପ୍‌ଥେରିଆ ସଂକ୍ରମଣର ସ୍ଥିତି ଯାଞ୍ଚ ପାଇଁ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଟିମ୍ କ୍ଷେତ୍ର ଗସ୍ତ କରିଥିଲେ। ଗତବର୍ଷ ଅକ୍ଟୋବର ମାସରେ ସ୍କ୍ରବ୍ ଥାଇପସ୍ ବ୍ୟାପିବା ପରିପ୍ରେକ୍ଷୀରେ କେନ୍ଦ୍ରୀୟ ଟିମ୍ ସମ୍ବଲପୁର ଗସ୍ତରେ ଆସିଥିଲେ। ଏହା ପୂର୍ବରୁ ଡାଇରିଆ, ଆନ୍ଥ୍ରାକ୍ସ, ମ୍ୟାଲେରିଆ ଭଳି ବିଭିନ୍ନ ପ୍ରକାର ରୋଗର ପ୍ରକୋପ ବଢ଼ିଲେ କେନ୍ଦ୍ରୀୟ ଟିମ୍ ସମ୍ପୃକ୍ତ ଜିଲ୍ଲା ଗସ୍ତ କରିଥା'ନ୍ତି। ନିର୍ଦ୍ଦେଶ ଅନୁସାରେ ଟିମ୍ ତାହାର ଅନୁଧ୍ୟାନ ରିପୋର୍ଟ ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ପ୍ରଦାନ କରିଥାଏ। କିନ୍ତୁ କେନ୍ଦ୍ରୀୟ ଟିମ୍‌ର ଏହି ଗସ୍ତ ପ୍ରକୃତରେ ସମସ୍ୟା ସମାଧାନ ଦିଗରେ ସହାୟକ ହେଉଛି କି ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। କାରଣ ମୁଖ୍ୟତଃ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ବିଭିନ୍ନ ପ୍ରକାର ରୋଗର ପ୍ରଭାବ ବିସ୍ତାର କରୁଥିବା ବେଳେ ସ୍ୱାଭାବିକ ଭାବେ କେନ୍ଦ୍ରୀୟ ଟିମ୍ ସେହି ଅଞ୍ଚଳକୁ ଗସ୍ତ କରିଥାନ୍ତି। କିନ୍ତୁ ବର୍ଷ ବର୍ଷ ଧରି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ବିଶେଷଜ୍ଞ ଦଳ ଯେଉଁ ସବୁ ଜିଲ୍ଲାକୁ ଗସ୍ତ କରିଛନ୍ତି ସେହି ସବୁ ଜିଲ୍ଲାରେ ସେହି ରୋଗ ବାରମ୍ବାର କାୟା ବିସ୍ତାର କରି ଚାଲିଛି। ସ୍ୱାସ୍ଥ୍ୟ ବିଭାଗ ପାଇଁ ସେ ସବୁ ରୋଗ ଆଜି ମଧ୍ୟ ବଡ଼ ଆହ୍ୱାନ ହୋଇ ରହିଛି। ନା ସେହି ରିପୋର୍ଟ ଉପରେ କିଛି କାର୍ଯ୍ୟାନୁଷ୍ଠାନ ହେଉଛି, ନା କିଛି ଗବେଷଣା କରାଯାଇ ସମସ୍ୟା ସମାଧାନର ପନ୍ଥା ନିର୍ଦ୍ଧାରଣ ହେଉଛି। କେବଳ ଲୋକମାନେ ରୋଗଗ୍ରସ୍ତ ହୋଇ ପ୍ରାଣ ହରାଇବା ସାର୍ ହେଉଛି।

- **ରିପୋର୍ଟ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ହେଉଛି ଜଣାନାହିଁ**
- **ଗବେଷଣା ହେଉନି କି ଦୀର୍ଘସୂତ୍ରୀ ପ୍ରତିକାର ବ୍ୟବସ୍ଥା ନାହିଁ**

ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହେଉଛି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦାୟିତ୍ୱ। କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଲେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ସହଯୋଗ ଆବଶ୍ୟକ ପଡ଼ିଥାଏ। ବିଶେଷକରି ରୋଗ ନିରାକରଣ, ପ୍ରତିକାର ଆଦି ବ୍ୟବସ୍ଥାରେ କେନ୍ଦ୍ରୀୟ ବିଶେଷଜ୍ଞ ଦଳଙ୍କ ପରାମର୍ଶ ଏକାନ୍ତ ଜରୁରୀ। ରାଜ୍ୟ ସରକାରଙ୍କ ପାଖରେ ବିଶେଷଜ୍ଞଙ୍କ ଅଭାବ ରହିଥିବାରୁ କେନ୍ଦ୍ର ସରକାରଙ୍କ ଟିମ୍ ଉପରେ ନିର୍ଭର କରିବାକୁ ହେଉଛି। ଏଥିରେ କିଛି ସମସ୍ୟା ନାହିଁ। ବରଂ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ବାରମ୍ବାର ଗସ୍ତ ପରେ ବି ସମ୍ପୃକ୍ତ ରୋଗର ଦୃଢ଼ ମୁକାବିଲା ପାଇଁ ରଣନୀତି ପ୍ରସ୍ତୁତ ହୋଇପାରୁ ନାହିଁ। ସେହି ରୋଗ ପୁଣି ଲୋକଙ୍କୁ କବଳିତ କରୁଛି। ଏହାକୁ ନେଇ ଆନ୍ତରିକତାର ଅଭାବ ହିଁ ଏହାର ମୂଳ କାରଣ ବୋଲି କୁହାଯାଉଛି।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଅଧିକାଂଶ ସମୟରେ ଉପଯୁକ୍ତ ବିଶେଷଜ୍ଞଙ୍କୁ ଉକ୍ତ ଟିମ୍‌ରେ ସାମିଲ କରାଯାଉ ନାହିଁ। ପରିସ୍ଥିତିର ଗୁରୁତ୍ୱକୁ ଉପଲବ୍ଧି କରି ସେହି ରୋଗ ଉପରେ ଦୀର୍ଘ ଦିନର ଅଭିଜ୍ଞତା ଥିବା ବିଶେଷଜ୍ଞଙ୍କୁ କ୍ଷେତ୍ର ଅନୁଧ୍ୟାନ ପାଇଁ ପଠାଯିବା ଆବଶ୍ୟକ। ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ପାଇଁ କ୍ଷେତ୍ର ପରିଦର୍ଶନ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ସେମାନେ ଏଠାକୁ ଆସି ରାଜଧାନୀରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଆଉ କ୍ଷେତ୍ର ପରିଦର୍ଶନ ପାଇଁ ଯାଉଛନ୍ତି। ଏଥିସହ କେନ୍ଦ୍ରୀୟ ଟିମ୍ ଯେଉଁ ରିପୋର୍ଟ ଦେଉଛନ୍ତି ସେଥିରୁ ଅଧିକାଂଶ ରିପୋର୍ଟ ମନ୍ତ୍ରାଳୟରେ ପଡ଼ି ରହୁଛି। ଏନ୍‌ସିଡିସି କିମ୍ବା ଅନ୍ୟ କୌଣସି ଖ୍ୟାତନାମା ସ୍ୱାସ୍ଥ୍ୟ ଗବେଷଣା ଅନୁଷ୍ଠାନକୁ ତାହା ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ରିପୋର୍ଟ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ହେଲା ତାହା କାହାକୁ ଜଣା ନାହିଁ। କେବଳ ରୋଗ ବ୍ୟାପିଲେ ଆଖି ଦୃଶୀଆ ଭାବେ କେନ୍ଦ୍ରୀୟ ବିଶେଷଜ୍ଞ ଦଳ ପଠାଇ କାମ ସାରି ଦିଆଯାଉଛି। ଏମିତି ବି ଓଡ଼ିଶାରେ ଗୁରୁତର ଓ ଜଟିଳ ରୋଗ ସଂକ୍ରମଣ ଉପରେ ବିରାମ ଲାଗି ପାରୁ ନାହିଁ। ପରିସ୍ଥିତି ଏପରି ହେଉଛି ଯେ କିଛି ନିର୍ଦ୍ଦିଷ୍ଟ ରୋଗର ପ୍ରତିକାର ଦିଗରେ ସ୍ୱାସ୍ଥ୍ୟ ପ୍ରଶାସନ ଏକ ପ୍ରକାର ଅସହାୟ ହୋଇ ପଡୁଛି। ଓଡ଼ିଶାରେ କମ୍ ହେଲେ ବି ଖ୍ୟାତନାମା ସ୍ୱାସ୍ଥ୍ୟ ଗବେଷଣା ପ୍ରତିଷ୍ଠାନ ରହିଛି। ସେମାନଙ୍କ ଅଭିଜ୍ଞତାର ମଧ୍ୟ ସଦୁପଯୋଗ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

■ ଆର୍ମଷ୍ଟ୍ରଙ୍ଗ ହତ୍ୟା ମାମଲା

# ସିବିଆଇ ତଦନ୍ତ ଦାବିକଲେ ମାୟାବତୀ

ନୂଆଦିଲ୍ଲୀ,୭ ।୭ (ଏଜେନ୍ସି): ବହୁଜନ ସମାଜପାର୍ଟି (ବିଏସପି) ର ତାମିଲନାଡୁ ରାଜ୍ୟ ଶାଖା ମୁଖ୍ୟ କେ ଆର୍ମଷ୍ଟ୍ରଙ୍ଗଙ୍କ ହତ୍ୟା ମାମଲାର ତଦନ୍ତ ଭାର ସିବିଆଇକୁ ଦେବା ପାଇଁ ବିଏସପି ନେତ୍ରୀ ମାୟାବତୀ ଦାବି କରିଛନ୍ତି । ସ୍ଥାନୀୟ ପୁଲିସ୍ ଯେଉଁମାନଙ୍କୁ ଗିରଫ କରିଛି ସେମାନେ ଅସଲ ହତ୍ୟାକାରୀ ନୁହଁନ୍ତି ବୋଲି ମାୟାବତୀ କହିଛନ୍ତି । ପୁଲିସ୍ କିନ୍ତୁ ଆର୍ମଷ୍ଟ୍ରଙ୍ଗଙ୍କ ହତ୍ୟାକୁ ଏକ ପ୍ରତିଶୋଧ ହତ୍ୟା କହିଛି । ଆର୍କଟ ସୁରେଶ ନାମକ ଗ୍ୟାଙ୍ଗଷ୍ଟରକୁ ଆର୍ମଷ୍ଟ୍ରଙ୍ଗଙ୍କ ସମର୍ଥକମାନେ ଗତବର୍ଷ ହତ୍ୟା କରିଥିଲେ । ସୁରେଶ ହତ୍ୟାର ପ୍ରତିଶୋଧ ନେବା ପାଇଁ ସୁରେଶ ଗ୍ୟାଙ୍ଗ ଆର୍ମଷ୍ଟ୍ରଙ୍ଗଙ୍କୁ ହତ୍ୟା କରିଥିବା ପୁଲିସ୍ ତଦନ୍ତରୁ ଜଣାପଡ଼ିଛି । ଅନ୍ୟପକ୍ଷରେ ଦଳୀୟ କାର୍ଯ୍ୟାଳୟରେ ଆର୍ମଷ୍ଟ୍ରଙ୍ଗଙ୍କୁ କବର ଦେବାକୁ ମାଡ୍ରାସ ହାଇକୋର୍ଟ ମନା କରିଦେଇଛନ୍ତି । ବିଏସ୍‌ପି ଅଫିସ ଏକ ସଂକୀର୍ଣ୍ଣ ଗଳିରେ ରହିଛି । ସେଠାରେ ଅଧିକ ସ୍ଥାନ ନାହିଁ । ସେଠାରେ ଅଧିକ ଲୋକ ରୁଣ୍ଡ ହେଲେ ଦଳଚକଟା ସ୍ଥିତି ସୃଷ୍ଟିହେବାର ସମ୍ଭାବନା ରହିଛି ବୋଲି କୋର୍ଟ କହିଛନ୍ତି ।

# ନିଟ୍ ମାମଲାରେ ସିବିଆଇର ଅଷ୍ଟମ ଗିରଫ

ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ସିବିଆଇ ଝାଡ଼ଖଣ୍ଡରୁ ଦ୍ୱିତୀୟ ଗିରଫ କରିଛି । ଏଜେନ୍ସି ଧନବାଦରୁ ଅମିତ କୁମାର ସିଂହ (ବଣ୍ଟି) କୁ ଧରିଛି । ମାମଲାରେ ଏହା ସିବିଆଇର ଅଷ୍ଟମ ଗିରଫ । ଏହା ବ୍ୟତୀତ ଆଉ ୨ ଜଣଙ୍କୁ ହେପାଜତକୁ ନିଆଯାଇଛି । ଏହା ପୂର୍ବରୁ ଗତ ତିନି ତାରିଖରେ ଧନବାଦରୁ ଅମନ ସିଂହକୁ ଗିରଫ କରାଯାଇଥିଲା । ଏ ପର୍ଯ୍ୟନ୍ତ ସିବିଆଇ ବିହାରରୁ ୨ ଜଣ ଏବଂ ଝାଡ଼ଖଣ୍ଡରୁ ୬ ଜଣଙ୍କୁ ଗିରଫ କଲାଣି । ଦେଶର ୬ ରାଜ୍ୟରେ ଏହି ମାମଲାରେ ମୋଟ ୩୮ ଜଣଙ୍କୁ ଗିରଫ କରାଗଲାଣି । ଏହା ପୂର୍ବରୁ ଗତ ୨ ତାରିଖରେ ସିବିଆଇ ଓଏସିସ୍ ସ୍କୁଲ୍‌ର ୨ ଶିକ୍ଷକଙ୍କୁ ପଚରାଉଚୁରା ପାଇଁ ଡକାଇ ଥିଲା । ଏହା ସହିତ ଝାଡ଼ଖଣ୍ଡ ଚତରା ଜିଲ୍ଲାରୁ ଆଉ ୨ ଅଭିଯୁକ୍ତଙ୍କୁ ହେପାଜତକୁ ନେଇଥିଲା । ଏମାନଙ୍କ ମଧ୍ୟରେ କୋଚିଂ ସେଣ୍ଟର ପରିଚାଳକ ସାମିଲ ଥିଲେ ।

# ମହୁଆଙ୍କ ବିରୋଧରେ ଦିଲ୍ଲୀ ପୁଲିସର ଏତଲା

ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ଟିଏମ୍‌ସି ସାଂସଦ ମହୁଆ ମୋଇତ୍ରଙ୍କ ସମସ୍ୟା ବଢ଼ିବାରେ ଲାଗିଛି । ରାଷ୍ଟ୍ରୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ର ଅଧ୍ୟକ୍ଷ ରେଖା ଶର୍ମାଙ୍କ ବିରୋଧରେ ଅଭଦ୍ର ମନ୍ତବ୍ୟ ଦେବାକୁ ନେଇ ଦିଲ୍ଲୀ ପୁଲିସ ମହୁଆଙ୍କ ବିରୋଧରେ ଏତଲା ରୁଜୁ କରିଛି । ଏହି ଟିପ୍ପଣୀକୁ ନେଇ ରେଖା ଶର୍ମା ମାମଲା ରୁଜୁ କରିଥିଲେ । ଏହି ଆଧାରରେ ନୂଆ ଆପରାଧିକ ଆଇନର ଧାରା ୭୯ (ଖରାପ ଶବ୍ଦ, ସଙ୍କେତ କିମ୍ବା କାର୍ଯ୍ୟ ଦ୍ୱାରା ମହିଳାଙ୍କ ଅସ୍ମିତାକୁ ଅପମାନ କରିବା) ଅଧିନରେ ଏତଲା ରୁଜୁ କରାଯାଇଛି । ସୂଚନାଯୋଗ୍ୟ ଯେ ରେଖା ଶର୍ମା ଗତ ଗୁରୁବାର ହାତରସ ପୀଡ଼ିତାଙ୍କୁ ଭେଟିବାକୁ ଯାଇଥିଲେ । ଏହାର ଭିଡିଓ ଭାଇରାଲ ହୋଇଥିଲା । ଏଥିରେ ଜଣେ ବ୍ୟକ୍ତି ଛତା ନେଇ ରେଖାଙ୍କ ପଛରେ ଥିବା ଦେଖା ଯାଇଥିଲା । ଏହାକୁ ନେଇ ମହୁଆ କହିଥିଲେ ଯେ ରେଖା ନିଜ ବସ୍‌ଙ୍କ ପାଇଜାମା ଧରିବାରେ ବ୍ୟସ୍ତ ଅଛନ୍ତି । କିନ୍ତୁ ପରେ ସେ ଏହି ପୋଷ୍ଟକୁ ହଟାଇ ଦେଇଥିଲେ ।

ଶିବସେନା ନେତାଙ୍କ ପୁଅର ଅମାନୁଷିକ କାର୍ଯ୍ୟ

# ବିଏମ୍‌ଡବ୍ଲ୍ୟୁ ଧକ୍କାରେ ମହିଳା ମୃତ

- ଦମ୍ପତିଙ୍କ ସ୍କୁଟିକୁ ଧକ୍କା ଦେଇ ମହିଳାଙ୍କୁ ଟାଣିନେଲା କାର୍
- ମୁଖ୍ୟମନ୍ତ୍ରୀଙ୍କ ଦଳର ନେତା ରାଜେଶ ଶାହାଙ୍କ ପୁଅ ଚଳାଉ ଥିଲା
- ଦୁର୍ଘଟଣା ପରେ ଦଳୀୟ ଷ୍ଟିକର ହଟାଇବାକୁ ପ୍ରୟାସ କରିଥିଲେ
- ନିଶାରେ ଥିଲା ଅଭିଯୁକ୍ତ ମିହିର ଶାହ: ଡ୍ରାଇଭର-ବାପା ଗିରଫ



ମୁମ୍ବାଇ, ୭।୭ (ଏଜେନ୍ସି):

ପୁନେ ପୋର୍ସ ମାମଲା ମନରୁ ନ ଯାଉଣୁ ରବିବାର ସକାଳେ ମୁମ୍ବାଇର ୱର୍ଲିରେ ଏଭଳି ଏକ ହୃଦୟ ବିଦାରକ ଘଟଣାର ପୁନରାବୃତ୍ତି ଘଟିଛି । ଏଠାରେ ଦ୍ରୁତଗତିରେ ଆସୁଥିବା ଏକ ବିଏମ୍‌ଡବ୍ଲ୍ୟୁ କାର୍ ସ୍କୁଟିରେ ଯାଉଥିବା ଦମ୍ପତିକୁ ଧକ୍କା ଦେଇଛି । ଅଭିଯୁକ୍ତ ଦୁର୍ଘଟଣା ଘଟାଇ ଫେରାର ହେବାକୁ ବସିଥିଲା । ଏହି ସମୟରେ ସେ ମାନବିକତା ଭୁଲି କାର୍‌ରେ ୪୫ ବର୍ଷୀୟ ମହିଳାଙ୍କୁ ଶହେ ମିଟର ପର୍ଯ୍ୟନ୍ତ ଟାଣି ନେଇଥିଲା । ଏଥିରେ ମହିଳାଙ୍କୁ ମୃତ୍ୟୁ ହୋଇଯାଇଛି । ତାଙ୍କ ସ୍ୱାମୀ ଆହତ ହୋଇଛନ୍ତି । ପୁଲିସ ସୂତ୍ରୁ ମିଳିଥିବା ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଗୋଷ୍ଠୀର ଶିବସେନା ନେତା ରାଜେଶ ଶାହଙ୍କୁ ପୁଅ ମିହିର ଶାହ (୨୪) ଏହି କାର୍ ଚଳାଉ ଥିଲା । ପାଖରେ ତାଙ୍କ ଡ୍ରାଇଭର ମଧ୍ୟ ବସିଥିଲା । ଏହି ଦୁର୍ଘଟଣା ପରଠାରୁ ମିହିର ଫେରାର ଅଛି । ପୁଲିସ ଏହି ମାମଲାରେ ରାଜେଶ ଶାହ ଏବଂ ଡ୍ରାଇଭରକୁ ଗିରଫ କରି କାର୍‌କୁ ଜବତ କରିଛି ।

ରିପୋର୍ଟ ଅନୁଯାୟୀ କୋଲିୱାଡ଼ା ଅଞ୍ଚଳର ବାସିନ୍ଦା ପ୍ରଦୀପ ନଖୱା ଏବଂ ତାଙ୍କ ପତ୍ନୀ କାବେରୀ ନଖୱା ମତ୍ସ୍ୟଜୀବୀ ସମ୍ପ୍ରଦାୟର । ଉଭୟେ ପ୍ରତିଦିନ ସସୁନ ଡକ୍‌କୁ ମାଛ କିଣିବାକୁ ଯାଆନ୍ତି । ମାତ୍ର ଆଜି ସସୁନ ଡକ୍‌ରୁ ଫେରିବା ସମୟରେ ସକାଳ ୫ଟା ୩୦ରେ ଅଟରିଆ ମଲ୍



ନିକଟରେ ଦ୍ରୁତଗତିରେ ଆସୁଥିବା ବିଏମ୍‌ଡବ୍ଲ୍ୟୁ ତାଙ୍କୁ ସ୍କୁଟିକୁ ପଛ ପଟୁ ଧକ୍କା ଦେଇଥିଲା । ଏହା ଏତେ ଜୋରଦାର ଥିଲା ଯେ ସ୍କୁଟି ପଲଟି ଯାଇଥିଲା ଏବଂ ଦମ୍ପତି କାର୍‌ରେ ବୋନେଟ ଉପରେ ପଡ଼ି ଯାଇଥିଲେ । ସ୍ୱାମୀ ନିଜକୁ ବଞ୍ଚାଇବା ପାଇଁ ବୋନେଟ ଉପରୁ ଖସି ଓହ୍ଲାଇ ପଡ଼ିଥିଲେ; ମାତ୍ର ତାଙ୍କ ସ୍ତ୍ରୀ ଆସି ପାରି ନ ଥିଲେ । ମିହିର ପଳାଇବା ପାଇଁ ମହିଳାଙ୍କୁ ଚାପି ଦେଇଥିଲା । କାର୍‌ରେ ପ୍ରାୟ ଶହେ ମିଟର ପର୍ଯ୍ୟନ୍ତ ତାଙ୍କୁ ଟାଣି ନେଇଥିଲା ।

ଏହି ଘଟଣା ସମୟରେ ମିହିର ନିଶାରେ ଥିଲା ବୋଲି ଜଣାପଡ଼ିଛି । ସେ ଶନିବାର ରାତିରେ ଜୁହୁର ଏକ ବାର୍‌ରେ ମଦ ପିଇଥିଲା । ଘରକୁ ଫେରିବା ସମୟରେ ସେ ନିଜ ଗାଡ଼ି

## ମୁମ୍ବାଇରେ ପୁନେ ପୋର୍ସ ମାମଲାର ପୁନରାବୃତ୍ତି

ଏହା ପରେ ଅଭିଯୁକ୍ତ ମିହିର ଏବଂ ଡ୍ରାଇଭର କାର୍ ନେଇ ପଳାଇ ଥିଲେ । ଗୁରୁତର ଅବସ୍ଥାରେ ମହିଳାଙ୍କୁ ମୁମ୍ବାଇ ସେଣ୍ଟ୍ରାଲ ସ୍ଥିତ ନାୟର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଦୁର୍ଘଟଣା ପରେ ପୁଲିସ ସିସିଟିଭି ଯାଞ୍ଚ କରିଥିଲା । ଦୁର୍ଘଟଣା ପରେ ପ୍ରମାଣ ମିଟାଇବା ପାଇଁ କାର୍‌ରୁ ନମ୍ବର ପ୍ଲେଟ ଏବଂ ଦଳୀୟ ଷ୍ଟିକର ହଟାଇବାକୁ ପ୍ରୟାସ କରାଯାଇଥିଲା । ମାତ୍ର ଅନ୍ୟ ଏକ ସିସିଟିଭି ଆଧାରରେ ଏହା ଶିବସେନା ନେତାଙ୍କ ଗାଡ଼ି ବୋଲି ଜଣାପଡ଼ିଥିଲା ।

ଚଲାଇବାକୁ ଡ୍ରାଇଭରକୁ କହିଥିଲା । ଏହାର କିଛି ସମୟ ପରେ ସେ ଦମ୍ପତ୍ତିଙ୍କୁ ଧକ୍କା ଦେଇଥିଲା । ଅନ୍ୟପକ୍ଷରେ ଏହି ମାମଲାରେ ଅନେକ ବଡ଼ ବଡ଼ ଲୋକଙ୍କ ସମ୍ପୃକ୍ତି ଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ଆଶାନାହିଁ ବୋଲି ମୃତକଙ୍କ ସ୍ୱାମୀ କହିଛନ୍ତି । ତେବେ ମାମଲାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କାହାକୁ ଛଡ଼ାଯିବ ନାହିଁ । ଆଇନ ଆଗରେ ସମସ୍ତେ ସମାନ । ସେହିପରି ଏହି ଘଟଣାକୁ ନେଇ ବିରୋଧୀ ଶାସକ ଦଳକୁ ସମାଲୋଚନା କରିଛନ୍ତି ।

ଯାକଜମକରେ ଚାଲିଛି ରଥଯାତ୍ରା

# ଜଗନ୍ନାଥମୟ ବିଶ୍ୱ



ନୂଆଦିଲ୍ଲୀ,୭ ।୭ (ଏଜେନ୍ସି): ସାରା ବିଶ୍ୱରେ ପ୍ରଭୂ ଜଗନ୍ନାଥଙ୍କ ରଥଯାତ୍ରା ଆରମ୍ଭ ହୋଇଛି । ପ୍ରଭୂ ଚକାଆଖି ବଡ଼ ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କୁ ଧରି ଭକ୍ତିଙ୍କୁ ଦର୍ଶନ ଦେବା ନିମନ୍ତେ ସର୍ବସମ୍ମୁଖକୁ ଆସିଛନ୍ତି । ଆଜି ସାରା ବିଶ୍ୱ ଜଗନ୍ନାଥମୟ ହୋଇଯାଇଛି । ଗୁଜରାଟର ଅହମଦାବାଦ ମଧ୍ୟ ଏଥିରୁ ବାଦ ପଡ଼ି ନାହିଁ । ଏଠାରେ ୧୪୭ତମ ରଥଯାତ୍ରା ଅନୁଷ୍ଠିତ ହୋଇଛି । ଲକ୍ଷାଧିକ ଭକ୍ତଙ୍କ ସମାଗମରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମଙ୍ଗଳ ଆରତି କରିଥିଲେ ଓ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଛେରା ପହଁରା କରିଥିଲେ । ଏହା ପରେ ରଥଟଣା ଆରମ୍ଭ ହୋଇଥିଲା । ରଥଯାତ୍ରା ପାଇଁ ୨୨୦୦୦ ପୁଲିସ ଓ ସୁରକ୍ଷା କର୍ମୀ ନିୟୋଜିତ ଥିଲେ । ୧୮ଟି ସୁସଜ୍ଜିତ ହାତୀ ରଥଯାତ୍ରାରେ ସାମିଲ ହୋଇଥିଲେ । ଅନ୍ୟପକ୍ଷରେ ଆମେରିକାର ସାନଫ୍ରାନ୍ସିସକୋରେ ମଧ୍ୟ ରଥଯାତ୍ରା ହୋଇଛି । ୪୯ ବର୍ଷ ତଳେ ୧୯୬୭ରେ ଏଠାରେ ପ୍ରଥମେ ରଥଯାତ୍ରା ହୋଇଥିଲା । ଭାରତ ବାହାରେ ରଥଯାତ୍ରା ହେବାରେ ତାହା ପ୍ରଥମ ଥିଲା । ସେବେଠାରୁ ସାନଫ୍ରାନ୍ସିସକୋ ନଗରୀରେ ପ୍ରତିବର୍ଷ ରଥଯାତ୍ରା ହେଉଛି । ଚେକ୍ ରିପବ୍ଲିକର ପ୍ରେଗ ସହରରେ ରଥଯାତ୍ରା ହୋଇଛି । ପ୍ରେଗରେ ଏବର୍ଷ ୪୦ଫୁଟ ଉଚ୍ଚ ରଥ ତିଆରି ହୋଇଛି । ଦକ୍ଷିଣ ଆଫ୍ରିକାର ଡର୍ବାନରେ ରଥ ଯାତ୍ରା ହୋଇଛି । ୧୯୮୮ରୁ ଡର୍ବାନରେ ପ୍ରତିବର୍ଷ ରଥଯାତ୍ରା ଆୟୋଜନ କରାଯାଉଛି । ଇଟାଲୀର ରୋମ ନଗରୀରେ ରଥ ଯାତ୍ରା ହୋଇଛି । ୧୯୮୧ରୁ ରୋମରେ ପ୍ରତିବର୍ଷ ରଥଯାତ୍ରା ହେଉଛି । ଅଷ୍ଟ୍ରେଲିଆର ବ୍ରିସବେନରେ, ରୁଷର ମସ୍କୋରେ, ନେପାଳର ଭକ୍ତପୁରରେ, ଆମେରିକାର ଫ୍ଲୋରିଡ଼ାରେ ଇଂଲଣ୍ଡର ଲଣ୍ଡନରେ ଓ ନ୍ୟୁଜିଲାଣ୍ଡର ଅକଲାଣ୍ଡରେ ମଧ୍ୟ ରଥଯାତ୍ରା ମହା ଆଡ଼ମ୍ବରରେ, ଆନନ୍ଦ ଉଲ୍ଲାସ ମଧ୍ୟରେ କରାଯାଇଛି ।

■ ସେନା ପୋଷ୍ଟରେ ଆତଙ୍କବାଦୀ ଆକ୍ରମଣ: ଯବାନ ସହିଦ

# କୁଲଗାମରେ ୬ ଆତଙ୍କବାଦୀ ନିପାତ

ଶ୍ରୀନଗର, ୭ ।୭ (ଏଜେନ୍ସି): ଜମ୍ମୁ-କାଶ୍ମୀରର ରାଜୌରି ଜିଲ୍ଲାରେ ଆଜି ଗାଲୁଠି ଗ୍ରମରେ ଥିବା ଟେରିଟୋରିଆଲ ଆର୍ମିର ଏକ ସେଣ୍ଟ୍ରି ପୋଷ୍ଟ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଛି । ରବିବାର ଭୋର ୪ଟାରେ ହୋଇଥିବା ଏହି ଆତଙ୍କୀ ହମଲାରେ ଜଣେ ସୈନିକ ସହିଦ ହୋଇଛନ୍ତି । ଉଭୟ ପକ୍ଷ ମଧ୍ୟରେ ପ୍ରାୟ ଅଧଘଣ୍ଟା ଧରି ଗୁଳି ବିନିମୟ ହୋଇଥିଲା । ପରେ ଆତଙ୍କବାଦୀମାନେ ନିକଟସ୍ଥ ଜଙ୍ଗଲ ଭିତରକୁ ଖସିଯାଇଛନ୍ତି । ଜଙ୍ଗଲରେ ଏବେ ସର୍ଚ୍ଚ ଅପରେସନ୍ ଚାଲିଛି । ଅନ୍ୟପକ୍ଷରେ ଜମ୍ମୁ-କାଶ୍ମୀରର କୁଲଗାମର ପୃଥକ ଅଞ୍ଚଳରେ ଜାରି ଏନକାଉଣ୍ଟର ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ମଦରଘମ ଏବଂ ଚେନ୍ନିଗମ ଫ୍ରିସଲରେ ଏ ପର୍ଯ୍ୟନ୍ତ ୬ ଆତଙ୍କବାଦୀ ନିପାତ ହେଲେଣି । ୨ ଯବାନ ମଧ୍ୟ ସହିଦ ହୋଇଛନ୍ତି । ମୁଦରଘମରେ ଜଣେ ଦୁଇ ଜଣ ଆତଙ୍କବାଦୀ ଲୁଚିଥିବା କୁହାଯାଇଛି । ଆଜି ସକାଳେ ଏଠାରେ ୨ ଜଣ ଏବଂ ଶନିବାର ଜଣେ ଆତଙ୍କବାଦୀକୁ ନିପାତ କରାଯାଇଥିଲା । ସେହିପରି ଚିନ୍ନିଗମ ଫ୍ରିସଲରେ ଆଉ ଜଣେ ଆତଙ୍କବାଦୀ ଲୁଚି ରହିଥିବା ଆଶଙ୍କା କରାଯାଉଛି । ଏଠାରେ ଶନିବାର ୪ ଆତଙ୍କବାଦୀ ନିପାତ ହୋଇଥିବାବେଳେ ଜଣେ ଯବାନ ସହିଦ ହୋଇଥିଲେ ।

# ଝାଡ଼ଖଣ୍ଡରେ ତିନି ମହଲା କୋଠା ଭୁଶୁଡ଼ି ୩ ମୃତ

ରାଞ୍ଚି, ୭।୭ (ଏଜେନ୍ସି): ଝାଡ଼ଖଣ୍ଡ ଦେଓଘରର ସାତା ହୋଟେଲ ନିକଟରେ ଥିବା ଏକ ତିନି ମହଲା କୋଠା ରବିବାର ସକାଳ ୫ଟାରେ ଭୁଶୁଡ଼ି ଯାଇଛି । ଏହି ଦୁର୍ଘଟଣାରେ ଜଣେ ମହିଳାଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ହୋଇଛି । ୪ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଏହାର ସୂଚନା ମିଳିବା ପରେ ଏନ୍‌ଡିଆରଏଫ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା । ଏହା ୮ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା । ସୂଚନା ଅନୁଯାୟୀ ୨୨ ତାରିଖରେ ଦେଓଘରରେ ଶ୍ରାବଣୀ ମେଳା ଆରମ୍ଭ ହେବାର ଥିଲା । ଲୋକେ ଏହାର ପ୍ରସ୍ତୁତିରେ ଲାଗି ପଡ଼ିଥିଲେ । ଭୁଶୁଡ଼ିଥିବା କୋଠାର ମାଲିଗ ତଳ ମହଲାରେ ହୋଟେଲ ଖୋଲିବାକୁ ଯାଉଥିଲେ । ତେଣୁ ଏହାର ସୌନ୍ଦର୍ଯ୍ୟକରଣ ଚାଲିଥିଲା । ଶନିବାରଠାରୁ ଏହାର କାମ ଆରମ୍ଭ ହୋଇଥିଲା । ଏଥିପାଇଁ କାନ୍ଥ ଏବଂ ପିଲର ଭଙ୍ଗା ଯାଇଥିଲା । ସେହିପରି ପ୍ରବଳ ବର୍ଷା ଯୋଗୁଁ ମାଟି ନରମ ଥିଲା । ତେଣୁ କୋଠା ପୁରୁଣା ହୋଇଥିବାରୁ ସୌନ୍ଦର୍ଯ୍ୟକରଣ ସମୟରେ ଏହା ଭୁଶୁଡ଼ି ପଡ଼ିଥିଲା ।

## ସୁରଟ ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି



ଅନ୍ୟପକ୍ଷରେ ସୁରତ ସହରର ସଚିନ ଶିଳ୍ପାଞ୍ଚଳରେ ଥିବା ୫ ମହଲା କୋଠା ଭୁଶୁଡ଼ିବା ଜନିତ ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି ପାଇଛି । ରବିବାର ସକାଳ ସୁଦ୍ଧା ଅବଶେଷ ତଳୁ ୭ ମୃତଦେହ ଉଦ୍ଧାର କରାଯାଇଛି । ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି । ଏହି ଉଦ୍ଧାରକାର୍ଯ୍ୟ ପ୍ରାୟ ୧୮ ଘଣ୍ଟା ଚାଲିଥିଲା । ୨୦୧୭ରେ ଏହି କୋଠାକୁ ବେଆଇନ ଭାବେ ନିର୍ମାଣ କରାଯାଇଥିଲା ।

ବର୍ଷାରେ ବେହାଲ ଡବଲ୍ ଇଞ୍ଜିନ ରାସ୍ତା

# ରାମପଥ ପରେ ଧସିଲା ଲକ୍ଷ୍ନୌ ମାର୍ଗ

ଲକ୍ଷ୍ନୌ, ୭।୭ (ଏଜେନ୍ସି):

ଉତ୍ତର ପ୍ରଦେଶ ଲକ୍ଷ୍ନୌ-ବାରାବାଙ୍କୀ ସମେତ ୬୮ ଜିଲ୍ଲାରେ ପ୍ରବଳ ବର୍ଷା ଜାରି ରହିଛି । ଲକ୍ଷ୍ନୌରେ ସାରା ରାତି ବର୍ଷା ଲାଗି ରହିଛି । ଏହି ବର୍ଷାରେ ଡବଲ୍ ଇଞ୍ଜିନ ସରକାରଙ୍କ ବିକାଶର ସୁନେଲି ଚିତ୍ରର ଅସଲ ଚେହେରା ସାମ୍ନାକୁ ଆସି ଯାଇଛି ।

- ଅଳ୍ପକେ ବର୍ତ୍ତିଲେ ବାଇକ୍‌ଚାଳକ
- ବାରାଣସୀରେ ଜଳବନ୍ଦୀ ସ୍ଥିତି
- ଅଖିଳେଶଙ୍କ ସମାଲୋଚନା
- ବର୍ଷାଜନିତ ଘଟଣାରେ ୧୩ ମୃତ



ଅଯୋଧ୍ୟାର ରାମପଥ ଭୁଶୁଡ଼ିବା ପରେ ଏବେ ଲକ୍ଷ୍ନୌରୁ ଏପରି ଚିତ୍ର ସାମ୍ନାକୁ ଆସିଛି । ଏଠାକାର ବିକାଶ ନଗର ସେକ୍ଟର-୮ରେ ଅଚାନକ ୫ ଫୁଟ ରାସ୍ତା ଧସି ଯାଇଛି । ଏଥିଯୋଗୁଁ ରାସ୍ତାରେ ୧୦ ଫୁଟର ବିରାଟ ଖାଲ ହୋଇଯାଇଛି । ହଠାତ୍ ମାଟି ଧସିଯିବା ଯୋଗୁଁ ଜଣେ ବାଇକ ଚାଳକ ପଡ଼ୁ ପଡ଼ୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସେହିପରି ବାରାଣସୀରେ ଜଳ ଭର୍ତ୍ତି ହୋଇଯାଇଛି । ସହରର ଅନେକ ଅଞ୍ଚଳରେ ପାଣି ଭର୍ତ୍ତି ହୋଇଯାଇଛି । ଗଙ୍ଗା ନଦୀର ଜଳସ୍ତର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି ।

ବାରାଣସୀ ସ୍ଥିତିକୁ ନେଇ ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିଶାଣ କରିଛନ୍ତି । ସେ ଟ୍ୱିଟରରେ ଏକ ଭିଡିଓ ପୋଷ୍ଟ କରି ଲେଖିଛନ୍ତି ଯେ ଏଠାର ଇତିହାସ ଏହି ପରି ଭାବେ ପ୍ରତିଥର ଦୋହରା ଯାଉଛି । ପ୍ରଧାନ ସଂସଦୀୟ କ୍ଷେତ୍ରରେ ଛୋଟ ପିଲା ବୁଡ଼ ପକାଉଛନ୍ତି । ଅଖିଳେଶ ଆଉ ଏକ ପୋଷ୍ଟରେ ଷ୍ଟେସନ ଛାତରୁ ପାଣି ଗଳୁଥିବାର ଭିଡିଓ ଅପଲୋଡ କରିଛନ୍ତି । ଷ୍ଟେସନ ଆଧୁନିକୀକରଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ଷ୍ଟେସନ ଛାତରୁ ବାହାରୁଥିବା ଝରଣା ସୌନ୍ଦର୍ଯ୍ୟକରଣର ଅଂଶ କି କିମ୍ବା ଏଥିପାଇଁ ପାଣ୍ଠି ଭାଗବଣ୍ଟା କରାଯାଇଛି । ଚଳିତ ଥର ବର୍ଷା ବିଜେପି ସରକାରର ମୁଖା ଖୋଲି ଦେଇଛି ବୋଲି ଅଖିଳେଶ କହିଛନ୍ତି । ଅନ୍ୟପଟେ ସୀତାପୁରର କଂଗ୍ରେସ ସାଂସଦ ରାକେଶ ରାଠୋରଙ୍କ ଘରେ ପାଣି ଭର୍ତ୍ତି ହୋଇଯାଇଛି । ବିଜନୌରରେ ବନ୍ୟା ପାଣି ଘେରରେ ଥିବା ୧୬ ଜଣଙ୍କୁ ଉଦ୍ଧାର କରାଯାଇଛି । ଆଗ୍ରାରେ ୮ ଶିଶୁ ପୋଖରୀରେ ବୁଡ଼ି ଯାଇଛନ୍ତି । ଏଥିରେ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ପ୍ରଦେଶରେ ବର୍ଷା ଜନିତ ଘଟଣାରେ ୨୪ ଘଣ୍ଟାରେ ୧୩ ଜଣଙ୍କ ମୃତ୍ୟୁ ହୋଇଛି । କୁଶିନଗରର ୨୦ ଗାଁରେ ବନ୍ୟା ଆସିଛି । ଉଦ୍ଧାରକାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଧିକାରୀଙ୍କୁ ସତର୍କ କରି ରଖିଛନ୍ତି । ରାଜ୍ୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଦିନକରେ ୩୮.୪ ମିମି ବର୍ଷା ରେକର୍ଡ କରାଯାଇଛି । ଏହା ସ୍ୱାଭାବିକଠାରୁ ୩୬୯ ପ୍ରତିଶତ ଅଧିକ । ବସ୍ତିରେ ସର୍ବାଧିକ ୨୦୧.୪ ଏମ୍‌ଏମ୍ ବର୍ଷା ହୋଇଛି ।

## ପ୍ରବଳ ବର୍ଷା ଯୋଗୁଁ ଚାରଧାମ ଯାତ୍ରା ବନ୍ଦ

**ଡେରାଡୁନ୍:** ଉତ୍ତରାଖଣ୍ଡର ଚାମୋଲି, ରୁଦ୍ରପ୍ରୟାଗ ଓ ପୌରି ଜିଲ୍ଲରେ ପ୍ରବଳ ବର୍ଷା ହେଉଥିବାରୁ ଚାରଧାମ ଯାତ୍ରାକୁ ସାମୟିକ ଭାବେ ବନ୍ଦ ରଖାଯାଇଛି । ପାଣିପାଗ ବିଭାଗ ଉତ୍ତରାଖଣ୍ଡ ପାଇଁ ରେଡ୍ ଆଲର୍ଟ ଜାରି କରିଛି । ବର୍ଷା ୧୦ ତାରିଖ ଯାଏଁ ଲାଗିରହିବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି । ରାଜ୍ୟର ଟେହରି, ବାଗେଶ୍ୱର, ଆଲମୋରା, ନୈନିତାଲ ଓ ଚମ୍ପାୱତ ଜିଲ୍ଲାରେ ମଧ୍ୟ ୧୦ ତାରିଖ ଯାଏଁ ପ୍ରବଳରୁ ଅତିପ୍ରବଳ ବର୍ଷିବା ପୂର୍ବାନୁମାନ କରାଯାଇଛି । ରାଜ୍ୟର ୯ଟି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ନିର୍ଦ୍ଦେଶ ଦେଇଛନ୍ତି । ଘରୱାଲ ଡିଭିଜିନାଲଲ କମିଶନର ଚାରଧାମ ଯାତ୍ରା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇ ଯାତ୍ରୀଙ୍କୁ ନିରାପଦ ସ୍ଥାନରେ ଅଟକିଯିବା ନିମନ୍ତେ ପରାମର୍ଶ ଦେଇଛନ୍ତି । ନିହାତି ଯାତ୍ରା କରିବା ଦରକାର ହେଉଥିଲେ ଚାମୋଲି ପୁଲିସର ସୋସିଆଲ ମିଡିଆ ପ୍ଲାଟଫର୍ମରୁ ରାସ୍ତାର ଅବସ୍ଥା ସମ୍ପର୍କରେ ଜାଣି ହେବ ବୋଲି ଚାମୋଲି ପୁଲିସ୍ ଜଣାଇଛି । ୧୦୭ ଜାତୀୟ ରାଜପଥ, ରୁଦ୍ରପ୍ରୟାଗ, ଗୌରୀ କୁଣ୍ଡ ଓ ବିଷ୍ଣୁ ପ୍ରୟାଗ ରାସ୍ତା ଭୂସ୍ଖଳନ କାରଣରୁ ବନ୍ଦ ରହିଛି । ନଦୀ ଓ ଝରଣାଗୁଡ଼ିକରେ ହଠାତ୍ ବନ୍ୟା ଆସିପାରେ ବୋଲି ପୁଲିସ୍ ଯାତ୍ରୀଙ୍କୁ ସତର୍କ କରାଇଛି ।



ଭୋଲେବାବାଙ୍କ ଓକିଲଙ୍କ ମନ୍ତବ୍ୟ

# ବିଷାକ୍ତ ସ୍ପ୍ରେରୁ ହୋଇଥିଲା ଦଳାଚକଟା

ନୂଆଦିଲ୍ଲୀ, ୭ ।୭ (ଏଜେନ୍ସି): ସତ୍‌ସଂଗ ସରିବା ପରେ ଗହଳିରେ କିଛି ଲୋକ ବିଷାକ୍ତ ଦ୍ରବ୍ୟ ଥିବା ଡବା କେତୋଟି ଖୋଲିଦେବାରୁ ଲୋକେ ଭୟଭୀତ ହୋଇ ଦୌଡ଼ାଦୌଡ଼ି ଆରମ୍ଭ କରିଥିଲେ ଓ ଦଳଚକଟା ଆରମ୍ଭ ହୋଇଥିଲା ବୋଲି ଭୋଲେବାବାଙ୍କ ଓକିଲ ଏ ପି ସିଂହ ଆଜି ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।ସୁରଜ ପାଲ ଓରଫ ନାରାୟଣ ସାକାର ହରି ଓରଫ ଭୋଲେବାବାଙ୍କ ଖ୍ୟାତି ଓ ଲୋକପ୍ରିୟତା ବଢ଼ିବାରେ ଲାଗିଥିବାରୁ ତାଙ୍କୁ ବଦନାମ କରିବା ପାଇଁ ଏହି ଷଡ଼ଯନ୍ତ୍ର ରଚାଯାଇଥିଲା ।



ଏସବୁ ତାଙ୍କୁ କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ବୋଲି ଓକିଲ ଏପି ସିଂହ କହିଛନ୍ତି । ତେବେ ସାକ୍ଷୀ ସେମାନଙ୍କ ନାମ ପ୍ରକାଶ କରିବାକୁ ଅନିଚ୍ଛୁକ ଥିବାରୁ ସେ କୌଣସି ନାମ ନେଉନାହାନ୍ତି । ଷଡ଼ଯନ୍ତ୍ରକାରୀଙ୍କ ସଂଖ୍ୟା ୧୫/୧୬ ହେବ । ସେମାନେ କିଛି ଡବା ଧରିଥିଲେ । ସେମାନେ ପାର୍କି ନିକଟରେ ଗାଡ଼ି ରଖିଥିଲେ ଏବଂ ଘଟଣା ଘଟାଇସାରି ସେଠାରୁ ଖସିଯାଇଛନ୍ତି । ଏହାର ପ୍ରମାଣ ତାଙ୍କ ପାଖରେ ଥିବା ଓକିଲ କହିଛନ୍ତି । ହାଥରାସ ଦଳାଚକଟାରେ ୧୨୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହେଇଛନ୍ତି । ସତ୍‌ସଂଗ ଆୟୋଜକ ଓ ସ୍ୱେଚ୍ଛାସେବୀ କୁହାଯାଉଥିବା ୯ ଜଣଙ୍କୁ ଗିରଫ କରାଯାଇଛି । ତଦନ୍ତ ଚାଲିଛି । ରାଜ୍ୟ ସରକାର ନ୍ୟାୟିକ ତଦନ୍ତର ବ୍ୟବସ୍ଥା ମଧ୍ୟ କରିଛନ୍ତି । ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ବ୍ରିଜେଶ କୁମାର ଶ୍ରୀବାସ୍ତବଙ୍କ ନେତୃତ୍ୱରେ ନ୍ୟାୟିକ ତଦନ୍ତ ହେବ । ଦଳାଚକଟା ନେଇ ଲୋକଙ୍କଠାରୁ ସାକ୍ଷ୍ୟ ଓ ବୟାନ ସଂଗ୍ରହ କରାଯିବ ।

## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ସରିଲା ପହଣ୍ଡି

# ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥଯାତ୍ରା







**ବାରିପଦା, ୭।୭(ସମିସ)**

ଶ୍ରୀଶ୍ରୀ ହରିବଳଦେବ ଜୀଉ ବିଜେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରବିବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡିବିଜେ ଓ ରଥାରୂଢ଼ କାର୍ଯ୍ୟ ସମ୍ପନ୍ନ ହୋଇଛି। ରଥାରୂଢ ଦିଅଁଙ୍କ ଦର୍ଶନ ପାଇଁ ରାତିଯାଏ ଭକ୍ତଙ୍କ ଭିଡ଼ ଲାଗି ରହିଛି। ପରମ୍ପରା ଅନୁଯାୟୀ ଏଠାରେ ସୋମବାର ରଥଟଣା ଆରମ୍ଭ ହେବ। ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରଥ, ପଥ ଓ ଭକ୍ତ ସମସ୍ତେ ପ୍ରସ୍ତୁତ। ରବିବାର ସକାଳେ ଯଥାରୀତିରେ ଠାକୁରଙ୍କ ମଙ୍ଗଳ ଆଳତୀ, ମହାସ୍ନାନ ଓ ଅବକାଶ ନୀତି ସମ୍ପନ୍ନ ହେବା ପରେ ରଥଖଳାରେ ମନ୍ଦିରର



ରଥ, ପଥ ଓ ଭକ୍ତ ପ୍ରସ୍ତୁତ



## ସୁଭଦ୍ରାଙ୍କ ରଥ ଟାଣିବେ ଉପମୁଖ୍ୟମନ୍ତ୍ରୀ

ପୁରୋହିତ ଅରୁଣ କୁମାର ମିଶ୍ରଙ୍କ ଦ୍ୱାରା କଳସ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ପୂଜାନୀତି ସମ୍ପନ୍ନ କରାଯିବା ପରେ ବଳଭଦ୍ରଙ୍କ ତାଳଧ୍ୱଜ ଏବଂ ଶେଷରେ ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କ ଦର୍ପଦଳନ ରଥର ପ୍ରତିଷ୍ଠା ପାଇଁ ଆବଶ୍ୟକ ପୂଜାନୀତି ସମ୍ପନ୍ନ ହୋଇଥିଲା। ଏହାପରେ ପରମ୍ପରାନୁଯାୟୀ ସହରର ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକା ଠାକୁରାଣୀଙ୍କ ଆଜ୍ଞାମାଳ ଆସିଥିଲା। ମା' ଅମ୍ବିକାଙ୍କ ଦାସୀ ଖଡ୍ଗ ସହ ଆଜ୍ଞାମାଳ ନେଇ ଆସି ସିଂହଦ୍ୱାର ନିକଟରେ ଥିବା ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥକୁ ୩ଥର ପ୍ରଦକ୍ଷିଣ କରିବା ପରେ ମା'ଙ୍କ ପୂଜକ ପ୍ରଭୁ ବଳଭଦ୍ରଙ୍କ ରଥ ସମ୍ମୁଖରେ ପୂଜାନୀତି ଶେଷ କରିଥିଲେ। ମନ୍ଦିରରେ ନାଗରା ବାଜିବା ପରେ ଚକାଛଡା ନୀତି ଆରମ୍ଭ ହୋଇଥିଲ। ପୂଜାପଣ୍ଡା ରୂପା ଥାଳିରେ ଅଁଳାପତ୍ରର ପୂଜାସଂସ୍କାର କରି ତିନି ଦିଅଁଙ୍କ ନିକଟରେ ଲାଗି କରାଇଥିଲେ। ପହଣ୍ଡିଆମାନେ ଗୋଟିପହଣ୍ଡିରେ ସମସ୍ତ ଠାକୁରଙ୍କୁ ନାଟ ମନ୍ଦିରର ମଧ୍ୟଭାଗକୁ ବିଜେ କରାଇବା ପରେ ଆରମ୍ଭ ହୋଇଥିଲା ଗୁଣ୍ଡିଚା ପହଣ୍ଡି ବେଶ। ତେବେ ଚଳିତବର୍ଷ ମହାରାଜା ପ୍ରବୀଣ କୁମାର ଭଞ୍ଜଦେଓ ଛେରାପହଁରା କରିଥିଲେ। ମନ୍ଦିର ପରିଚ୍ଛା ଦୁର୍ଗା ଚରଣ ଜିତ୍‌ବାବୁ ମହାପ୍ରଭୁଙ୍କ ବ୍ରହ୍ମା, ପାଟ ଜ୍ୟୋତିଷ, କୋଠ ଚାକର, ଟହଲିଆ ତିନି ରଥର ସିଂହାସନକୁ ଛେରାପହଁରାରେ ସହାୟତା କରିଥିଲେ। ତାଳଧ୍ୱଜ ରଥରେ ଛେରାପହଁରା ନୀତି ସମ୍ପନ୍ନ ହେବା ପରେ ଦର୍ପଦଳନ ଓ ଶେଷରେ ନନ୍ଦିଘୋଷ ରଥର ଛେରାପହଁରା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ନାଗରା ଭାଡିରେ ନାଗରା ବାଜିବା ପରେ ତିନି ଦିଅଁଙ୍କ ପହଣ୍ଡିବିଜେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆଶଦାର, ଘଣ୍ଟ, ଘଣ୍ଟା, ଶଙ୍ଖ, ଚାମର, କାହାଳୀ, ରଣସିଂଘା, ମଶାଲାଚି, ଛତା, ତରାସ, ପ୍ରଭୁଙ୍କ ହାତପଙ୍ଖା, କୋଠ ଚାକର ତଥା ସମସ୍ତ ସେବାୟତଙ୍କ ଦ୍ୱାରା ପ୍ରଥମେ ମହାପ୍ରଭୁ ବଳଭଦ୍ରଙ୍କ ପହଣ୍ଡିବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଂହଦ୍ୱାର ସମ୍ମୁଖରେ ଥିବା ସୂର୍ଯ୍ୟ ଅର୍ଘ୍ୟ ପଦ୍ମଫୁଲ ସିଂହାସନରେ ସୁସଜ୍ଜିତ ଫୁଲରେ ତିଆରି ହୋଇଥିବା ଟାହିଆ ମସ୍ତକରେ ଲାଗି କରାଯାଇଥିଲା। ପରେ ୧୨ଜଣ ପହଣ୍ଡିଆ ଗୋଟି ପହଣ୍ଡିରେ ରଥଖଳାରେ ପହଞ୍ଚାଇ ଠାକୁରଙ୍କୁ ରଥାରୂଢ କରାଇଥିଲେ। ରଥାରୂଢ଼ କରାଇବା ପୂର୍ବରୁ ନନ୍ଦିଘୋଷ ଓ ଦର୍ପଦଳନ ରଥର ମଧ୍ୟଭାଗରେ ଉତ୍ତରାମୁଖୀ ବାଟପୂଜା କରାଯାଇଥିଲା। ଏହି ପହଣ୍ଡିବିଜେ ସମୟରେ ଚଳନ୍ତି ପ୍ରତିମା ମଦନମୋହନ ସଙ୍ଗରେ ରହିଥିଲେ। ଏହା ପରେ ଆରମ୍ଭ ହୋଇଥିଲା ସୁଭଦ୍ରା ଦେବୀ ଓ ସୁଦର୍ଶନଙ୍କର ପହଣ୍ଡିବିଜେ କାର୍ଯ୍ୟକ୍ରମ। ସୁଦର୍ଶନ ଠାକୁରଙ୍କୁ ଜଣେ ପହଣ୍ଡିଆ କାନ୍ଧରେ ବସାଇ ଓ ମା' ସୁଭଦ୍ରାଙ୍କୁ ୩ଜଣ ପହଣ୍ଡିଆ ଟାହିଆ ପିନ୍ଧାଇ ଗୋଟି ପହଣ୍ଡିରେ ଆଣି ରଥାରୂଢ କରାଇଥିଲେ। ଶେଷରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ରଥାରୂଢ କରାଯାଇଥିଲା। ବଡଭାଇ ବଳଭଦ୍ରଙ୍କ ନୀତିନିୟମରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପହଣ୍ଡିବିଜେ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା। ଚଳିତ ଥର ତିଥି କ୍ଷୟ ପାଇଁ ୧୩ ଦିନ ଅଣସର ନୀତି ଶେଷ ହୋଇ ଶନିବାର ମଧ୍ୟରାତ୍ରରେ ନେତ୍ରୋତ୍ସବ ଓ ରବିବାର ପୂର୍ବାହ୍ନରେ ନବଯୌବନ ଦର୍ଶନ ପାରମ୍ପରିକ ରିତୀନୀତିରେ ଶେଷ ହୋଇଛି। ଦିନତମାମ ଭକ୍ତଙ୍କ ଗହଳି ଲାଗିଥିଲା। ସମସ୍ତ କର୍ମ ସମାପନ ସାଙ୍ଗକୁ ବେଶକାରୀ ମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଳଙ୍କାର ଓ ବସ୍ତ୍ର ଲାଗି ପରେ ରଥରେ ସାଧାରଣ ଦର୍ଶନ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ହରିପୁର ରାଜଭେଟି ସାଙ୍ଗକୁ ଆରତୀ ଓ ତୁଳସୀ ସେବନ ପରେ ନୀତି ଶେଷ ହୋଇଛି। ରଥଯାତ୍ରାରେ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷୀକା ଏସ. ସୁଶ୍ରୀ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ସୁରକ୍ଷା ବ୍ୟବସ୍ଥା ନିମନ୍ତେ ୨୪ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ସେଥି ମଧ୍ୟରୁ ବାରିପଦା ସହର ପାଇଁ କେବଳ ୮ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ଏଥି ସହିତ ୨ଜଣ ଅତିରିକ୍ତ ଏସପି, ୮ଜଣ ଡିଏସପି, ୧୭ଜଣ ଇନ୍ସପେକ୍ଟର, ୭୮ଜଣ ଏସଆଇ ଓ ଏଏସଆଇ, ୧୧ଜଣ ହାବିଲଦାର, ୧୨୧ଜଣ କନେଷ୍ଟବଳ ଏବଂ ୨୨୧ଜଣ ଗୃହରକ୍ଷୀଙ୍କୁ ମୁତୟନ କରାଯାଇଛି। ଶାନ୍ତି ଶୃଙ୍ଖଳା ପାଇଁ ମନ୍ଦିର ନିକଟରେ ଅସ୍ଥାୟୀ ଫାଣ୍ଡି କରାଯାଇ ପୁଲିସ ଅଧିକାରୀ ସହିତ ଫୋର୍ସ ମୁତୟନ ରହିଛନ୍ତି। ବାରିପଦା ସହରକୁ ପ୍ରବେଶପଥରେ ମଧ ଅସ୍ଥାୟୀ ଫାଣ୍ଡି କରାଯାଇ ଯାଞ୍ଚ କରାଯାଉଛି। ବଡ଼ଦାଣ୍ଡରେ ଟ୍ରାଫିକ କଟକଣା ସହିତ ଟ୍ରାଫିକ ପରିଚାଳନା ପାଇଁ ୧୩ଜଣ ଟ୍ରାଫିକ କନଷ୍ଟେବଳ ନିୟୋଜିତ ହୋଇଛନ୍ତି। ଟ୍ରାଫିକ ସମସ୍ୟା ଏଡ଼ାଇବା ପାଇଁ ବଡ଼ଦାଣ୍ଡ ପଟେ ଯାନବାହାନ ଚଳାଚଳକୁ ପରିବର୍ତ୍ତନ କରାଯାଇଛି। ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ସିସିଟିଭି ଖଞ୍ଜା ଯାଇଛି। ରଥଯାତ୍ରା ପାଇଁ ଅବକାରୀ ବିଭାଗ ପକ୍ଷରୁ ମଦ ବିକ୍ରିରେ କଟକଣା ଜାରି ହୋଇଛି। ଜୁଲାଇ ୮, ୯ ଏବଂ ୧୬, ୧୭ ତାରିଖରେ ବାରିପଦା ସହରର ସମସ୍ତ ବିଦେଶୀ ମଦ ଦୋକାନ ସକାଳୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁର ସୂଚନା ଦେଇଛନ୍ତି। ଚଳିତ ବର୍ଷ ମହିଳାଙ୍କ ଦ୍ୱାରା ସୁଭଦ୍ରାଙ୍କ ରଥଟଣା ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୋମବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବଡ଼ଦାଣ୍ଡରେ ଉପସ୍ଥିତ ରହି ମା' ସୁଭଦ୍ରାଙ୍କ ରଥ ଟାଣିବେ। ଏ ନେଇ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ସହିତ ଏସପି ଏସ ସୁଶ୍ରୀ ମଧ୍ୟ ନିଜେ ଉପସ୍ଥିତ ରହିବେ। ବାରିପାଦ ରଥଯାତ୍ରାରେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରୁ ମଧ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ରଥଟଣା ବେଳକୁ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କ ଉପରେ ପାଣି ଛିଞ୍ଚନ କରାଯିବ। ରଥଯାତ୍ରା ଉପଲକ୍ଷେ ସର୍କସ, ଦୋଳି, ବିଭିନ୍ନ ମନୋରଞ୍ଜନ ଷ୍ଟଲ ସହିତ ରାଜ୍ୟ ଓ ରାଜ୍ୟ ବାହାରୁ ଦୋକାନୀଗଣ ଆସି ମେଳାରେ ନିଜର ପସରା ମେଲାଇଛନ୍ତି। ସୋମବାର ଅପରାହ୍ନ ୨ଟା ୩୦ରେ ବଳଭଦ୍ର ଓ ତାପରେ ସୁଭଦ୍ରାଙ୍କ ରଥ ଟଣାଯିବ। ବଳଭଦ୍ରଙ୍କ ରଥ ମାଉସୀ ମା' ମନ୍ଦିର ପହଞ୍ଚିବାକୁ ଥିବା ବେଳେ ସୁଭଦ୍ରାଙ୍କ ରଥ ଅଧା ରାସ୍ତା ଟାଉନ ଥାନା ସମ୍ମୁଖରେ ରହିବ। ମଙ୍ଗଳବାର ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଆରମ୍ଭ ହୋଇ ସୁଭଦ୍ରାଙ୍କ ରଥ ସହିତ ମାଉସୀମା'ଙ୍କ ମନ୍ଦିରରେ ପହଞ୍ଚିବ।

## ଉଦଳାରେ ରଥଯାତ୍ରା



**ଉଦଳା, ୭।୭(ସମିସ):** ଉଦଳାରେ ଘୋଷଯାତ୍ରା ଆଜି ମହାଆଡମ୍ବରରେ ଆରମ୍ଭ ହୋଇଛି। ରୀତିନୀତି ଅନୁଯାୟୀ ତିନି ଠାକୁରଙ୍କ ପହଣ୍ଡି ବିଜେ ପୁର୍ବକ ଜଗନ୍ନାଥ ମନ୍ଦିରରୁ ଶଙ୍ଖ, ଘଣ୍ଟ ଘଣ୍ଟା ସଂକୀର୍ତ୍ତନ ତଥା ଜୟ ଜଗନ୍ନାଥ ଧ୍ୱନିରେ ରଥାରୂଢ କରାଯାଇଥିଲା। ପରେ ପରମ୍ପରା ମୁତାବକ ବରିଷ୍ଠ ନାଗରିକ ଇଂ. ସୁବାସ ଚନ୍ଦ୍ର ପଣ୍ଡା ଛେରାପହଁରା କରିଥିଲେ। ତାପରେ ରଥ ଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ରଥ ଟାଣି ହନୁମାନ ମନ୍ଦିର ଛକ ନିକଟରେ ପହଞ୍ଚାଇଥିଲେ। ତେବେ ରଥ ସମ୍ମୁଖରେ ଉଦଳା ଓଡ଼ିଶୀ ନୃତ୍ୟ ଶିକ୍ଷା ଅନୁଷ୍ଠାନର ଶିଳ୍ପୀମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ରଥଟଣା କାର୍ଯ୍ୟକ୍ରମକୁ ସଭାପତି ସମନାଥ ସାହୁ, ସମ୍ପାଦକ ଲକ୍ଷଣ ନାୟକ, ତାପସ ବେହେରା, ସୁଶୀଲ ମହାନ୍ତି, ଦିଲୁ ପାଢ଼ୀ, ଗୌରୀଶଙ୍କର ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଉପଖଣ୍ଡ ପୁଲିସ ଅଧିକାରୀ ସାର୍ଥକ ରାୟ, ଥାନା ଅଧିକାରୀ ବନମାଳୀ ବାରିକ ତଦାରଖ କରୁଥିବା ବେଳେ ବିଧାୟକ ଭାସ୍କର ମଢେଇ, ନଗରପାଳ ପ୍ରମିଳା ପଣ୍ଡା, ଉପାଧ୍ୟକ୍ଷ ଲିଲି ଭୋଳ ସମେତ ସମସ୍ତ କାଉନସିଲର ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ତେବେ ଦ୍ୱିତୀୟ ଦିବସରେ କେବଳ ମହିଳାମାନେ ରଥ ଟାଣିବାର ପରମ୍ପରା ରହିଛି। ଆଜିର ରଥଯାତ୍ରାରେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ରାଇରଙ୍ଗପୁରରେ ଘୋଷଯାତ୍ରା



## ରଥଯାତ୍ରା ପାଇଁ ସହରରେ ଟ୍ରାଫିକ୍ କଟକଣା

**ବାରିପଦା, ୭।୭(ସମିସ):** ରଥଯାତ୍ରା ପାଇଁ ବାରିପଦା ସହରରେ ଟ୍ରାଫିକ କଟକଣା ଜାରି କରାଯାଇଛି। ବଡ଼ଦାଣ୍ଡ ପଟେ ଯାନବାହାନ ଚଳାଚଳ ରୁଟ୍‌କୁ ପରିବର୍ତ୍ତନ କରାଯାଇଛି। ରଥଯାତ୍ରାରେ ପ୍ରବଳ ଜନ ସମାଗମକୁ ଦୃଷ୍ଟିରେ ରଖି ଜୁଲାଇ ୭ରୁ ୧୭ ତାରିଖ ପର୍ଯ୍ୟନ୍ତ ଯାନବାହାନ ଚଳାଚଳ ନେଇ ପୁଲିସ ବିଭାଗ ପକ୍ଷରୁ କଟକଣା ଜାରି କରାଯାଇଛି। ଜୁଲାଇ ୭ ସକାଳ ୬ରୁ ଜୁଲାଇ ୧୭ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ବଡ ଜଗନ୍ନାଥ ମନ୍ଦିର ଠାରୁ ମା' ଅମ୍ବିକା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡରେ କୌଣସି ଯାନବାହାନ ଚଳାଚଳ କରିପାରିବ ନାହିଁ। ଏଣୁ ବାଲେଶ୍ୱର, ଭୁବନେଶ୍ୱର ଓ ଉଦଳା ଅଭିମୁଖେ ଯିବାକୁ ଥିବା ବସ୍ ଓ ଟ୍ରକ୍ ସମେତ ଅନ୍ୟାନ୍ୟ ଯାନବାହାନ ବଡ ବଜାର ରାସ୍ତା ଦେଇ ଯିବା ପରିବର୍ତ୍ତେ ସତ୍ୟସାଇ ଛକ, ଦାରୋଗାଡାହି ଗୋଲେଇ ଓ ପାଲବଣୀ ଗୋଲେଇ ରୁଟ ଦେଇ ଚଳାଚଳ କରିବାକୁ ନିର୍ଦ୍ଦେଶ ରହିଛି। ଏପରିକି ନିର୍ଦ୍ଧାରିତ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଗାଡି ପାର୍କିଂ ବ୍ୟବସ୍ଥା ହୋଇପାରିବନାହିଁ। ଏଥି ସହିତ ଜୁଲାଇ ୭, ୮, ୯ ଏବଂ ୧୫, ୧୬, ୧୭ ତାରିଖରେ ପହଣ୍ଡି ଓ ରଥଟଣା ହେବାର ଦୁଇଘଣ୍ଟା ପୂର୍ବରୁ କୌଣସି ସାଇକଲ, ବାଇକ, ରିକ୍ସା, ଟ୍ରଲି, ଅଟୋରିକ୍ସା ବଡଦାଣ୍ଡକୁ ଯାଇପାରିବ ନାହିଁ। ଏହି କଟକଣା କର୍ତ୍ତବ୍ୟରତ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ, ପୁଲିସ, ଦମକଳ, ଆମ୍ବୁଲାନ୍ସ ଏବଂ ଦେବୋତ୍ତର ବିଭାଗ ଗାଡି ପ୍ରତି ଲାଗୁ ହେବ ନାହିଁ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଏଥିସହିତ ପୁଲିସ ବିଭାଗ ଗାଡି ମଟର ପାର୍କିଂ ସମେତ ଚଳାଚଳ ନେଇ ଅନୁଧ୍ୟାନ କରିବାକୁ କୁହାଯାଇଛି।

## ପୁଲିସ ଲାଇନ ମନ୍ଦିରରେ ରଥଟଣା

# ମାଉସୀ ମା' ମନ୍ଦିରରେ ପହଞ୍ଚିଲେ ଶ୍ରୀଜୀଉ

**ବାରିପଦା, ୭।୭(ସମିସ):** ପୁଲିସ ଲାଇନ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ସମାରୋହରେ ପାଳିତ ହୋଇଛି। ରବିବାର ସକାଳୁ ଯଥା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଅନୁଷ୍ଠିତ ହେବା ପରେ ମନ୍ଦିରରୁ ରିଜର୍ଭ ପୁଲିସ କାର୍ଯ୍ୟାଳୟ ପରିସର ସ୍ଥିତ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ରଥ ଟାଣି ନେଇଥିଲେ ଭକ୍ତ। ପ୍ରଥମେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନବ ଯୌବନ ଦର୍ଶନ ହୋଇଥିଲା। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇ ତିନି ଠାକୁରଙ୍କୁ ଘଣ୍ଟା, ଘଣ୍ଟା, ମୃଦଙ୍ଗ ବଜାଇ ପହଣ୍ଡି କରି ରଥାରୂଢ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷୀକା ଏସ ସୁଶ୍ରୀ ଉପସ୍ଥିତ ରହି ପୂଜା କରିଥିଲେ। ଏସପି ଏସ ସୁଶ୍ରୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଉମାଶଙ୍କର ମହାରଣା ରଥରେ ଛେରା ପହଁରା ନୀତି କରିଥିଲେ। ପରେ ରଥାରୂଢ ତିନି ଠାକୁରଙ୍କୁ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ରଥଟଣା ଯାଇଥିଲା। ଭକ୍ତମାନେ



ଉତ୍ସାହର ସହିତ ରଥ ଟାଣି ନେଇ ମାଉସୀ ମା ମନ୍ଦିରରେ ପହଞ୍ଚାଇଥିଲେ। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁଲିସ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ରଥଯାତ୍ରାରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା, ପୁଲିସ ରିଜର୍ଭ ଇନ୍ସପେକ୍ଟର କବୀର ରଞ୍ଜନ ସେଠୀ, ରିଜର୍ଭ ଇନ୍ସପେକ୍ଟର ଆଲୋକ କୁମାର କାନୁନଗୋ, ପୁଲିସ ହାବିଲଦାର ଓ କନେଷ୍ଟବଳ ସଂଘର କର୍ମକର୍ତ୍ତା ସମେତ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

**ବେତନଟୀ:** ବେତନଟୀରେ ଶାନ୍ତିଶୃଙ୍ଖଳାର ସହ ରଥଯାତ୍ରା ସମ୍ପନ୍ନ ହୋଇଛି। ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ରବିବାର ରଥଟଣା ଯାଇଥିଲା। ଆନନ୍ଦ ବଜାରସ୍ଥିତ ହନୁମାନ ମନ୍ଦିର ସମ୍ମୁଖରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୂଢକରି ରଥଟଣା ଆରମ୍ଭ କରାଯାଇଥିଲା। ଆନନ୍ଦ ବଜାର, ପୋଷ୍ଟ ଅଫିସ ଛକ ହୋଇ ରେଳଷ୍ଟେସନ ସମ୍ମୁଖ ଲକ୍ଷ୍ମୀନାରାୟଣ ମନ୍ଦିରସ୍ଥିତ ମାଉସୀମା' ମନ୍ଦିରରେ ପହଞ୍ଚିଥିଲେ ଶ୍ରୀଜୀଉ। ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବ୍ୟସ୍ତ କରାଯାଇଥିବା ବେଳେ ଟ୍ରଫିକ ନିୟନ୍ତ୍ର ପାଇଁ ଯାନବାହନର ଅବଧା ଚଳାଚଳ ଉପରେ ସାମୟିକଭାବେ କଟକଣା ଲଗାଯାଇଥିଲା। ଏଥିସହିତ ରଥପରିକ୍ରମା ମାର୍ଗରେ ଟାଟାପାୱାର ପକ୍ଷରୁ ମଧ କିଛିସମୟ ପାଇଁ ବିଦ୍ୟୁତ ସରବରାହକୁ ବନ୍ଦ ରଖାଯାଇଥିଲା। ରଥଯାତ୍ରା ପକ୍ଷରୁ ସଭାପତି ଠାକୁରା ହାଁସଦା, ସମ୍ପାଦକ ସତ୍ୟନାରାୟଣ ବେହେରା, କୋଷାଧ୍ୟକ୍ଷ ସଞ୍ଜୟ ଘୋଷଙ୍କ ସମେତ ସୁମିତ ଘୋଷ, ସ୍ୱରୂପ ଘୋଷ, ତପନ ସେନାପତି, ସୁବ୍ରତ ବିନ୍ଧାଣୀ, ହୃଷିକେଶ ଓଝା, ଆଇନଜୀବୀ ଅର୍ଣ୍ଣବ କୁମାର ଘୋଷ, ଗୋପୀନାଥ ପଡ଼ିଆରୀଙ୍କ ସମେତ ସମସ୍ତ ସଦସ୍ୟ/ସଦସ୍ୟା ଦାୟିତ୍ୱ ସମ୍ପାଦନ କରିଥିଲେ।



# ରଥାରୂଢ଼ ହେଲେ ମହାବାହୁ



**କୁଆମରା, ୭।୭(ସମିସ):** ଗୋପବନ୍ଧୁ ନଗର ଓ ଖୁଣ୍ଟା ବ୍ଲକରେ ରବିବାର ପାରମ୍ପରିକ ରୀତିନୀତିରେ ପ୍ରବଳ ଜନସମାଗମ ମଧ୍ୟରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାଗ ଅନୁକୂଳ ଥିବାରୁ ଭକ୍ତଙ୍କ ମଧ୍ୟରେ ଅଧିକ ଉତ୍ସାହ ଦେଖିବାକୁ ମିଳିଥିଲା। ବଡଦାଣ୍ଡରେ ଠାକୁରଙ୍କ ଦର୍ଶନ ନିମନ୍ତେ ରଥ, ପଥ ଓ ଜଗନ୍ନାଥ ଏକାକାର ହୋଇଥିଲା। ସକାଳେ ଠାକୁରଙ୍କ ନବଯୌବନ ଦର୍ଶନ ପରେ ଅପରାହ୍ନରେ ନୀତିକାନ୍ତି, ପୂଜାର୍ଚ୍ଚନା ନିର୍ଘଣ୍ଟ ସମୟରେ ସମାପନ ହୋଇଥିଲା। ଗୋପବନ୍ଧୁ ନଗର ବ୍ଲକର ଖିରିପଦା, ପୁରୁଣା ବାରିପଦା, ଜୟପୁର, ହାତୀକୋଟ, କୁଶଳଦା, ସାନବେଲାକୁଟି, ଦାନ୍ଧୁସାହି, କୁଣ୍ଡାପଡ଼ା, ଅଛଡା ଆଦି ସ୍ଥାନରେ ରଥଟଣା ହେବା ପରେ ସନ୍ଧ୍ୟା ୭ଟାରେ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିଛି ରଥ। ସେହିପରି ଖୁଣ୍ଟା ବ୍ଲକରେ ମଧ୍ୟ କରକଚିଆ, ବାସିପିଠାରେ ପ୍ରସିଦ୍ଧ ରଥଯାତ୍ରାରେ ବହୁ ଜନସମାଗମ ଦେଖିବାକୁ ମିଳିଥିଲା। ଅପରାହ୍ନରେ ବଡ ଦେଉଳରୁ ତିନି ଠାକୁର ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ତାଙ୍କ ପଛରେ କାଳିଆ ସାଆନ୍ତେଙ୍କୁ ପହଣ୍ଡିରେ ଅଣାଯାଇଥିଲା। ତିନି ଠାକୁରଙ୍କୁ ରଥାରୂଢ଼ କରିବା ପରେ ଭକ୍ତମାନେ ଭୋଗଲାଗି କରିଥିଲେ। ଖିରିପଦା ଠାରେ ମନ୍ଦିର ପୂଜକ ପ୍ରମୋଦ କୁମାର ମିଶ୍ରଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ କେଶବ ଚନ୍ଦ୍ର ଦାଶ ଛେରାପହଁରା କରିଥିଲେ। ସେହିପରି ପୁରୁଣା ବାରିପଦାରେ ମନ୍ଦିର ପୂଜକ ରଶ୍ମିରଞ୍ଜନ ହୋତାଙ୍କ ତତ୍ତ୍ୱାବଧାନରେ ଜଗଦୀଶ ମହାପାତ୍ର, ଦିବ୍ୟସାଗର ମହାପାତ୍ର ପ୍ରମୁଖ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିବା ବେଳେ କିଶୋର ମହାପାତ୍ର ଛେରାପହଁରା କାର୍ଯ୍ୟ କରିଥିଲେ। ସେହିପରି ସାନବେଲାକୁଟିଠାରେ ସୁରେନ୍ଦ୍ର ନାଥ ପଶା, ହାତିକୋଟ ଠାରେ ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ କମିଳା, ଜୟପୁରଠାରେ ସୋମନାଥ କର, କୁଣ୍ଡାପଡ଼ାଠାରେ ଦୀନବନ୍ଧୁ ବିନ୍ଧାଣୀ ପରମ୍ପରା ଅନୁଯାୟୀ ଛେରାପହଁରା କରିଥିଲେ। ଖୁଣ୍ଟା ବ୍ଲକର ବାସିପିଠା ଠାରେ ଅନୀଲ ପୃଷ୍ଟି ଓ କରକଚିଆଠାରେ ଜୟପ୍ରକାଶ କର ଛେରାପହଁରା କରିଥିଲେ। ପରେ ରଥଟଣା ଯାଇଥିଲା।

## ସିମେଣ୍ଟ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ

**ବୈଶିଙ୍ଗା, ୭।୭(ସମିସ):** ଜାତୀୟ ରାଜପଥ ଆଗ୍ରିଆ ବଡପୋଲଠାରେ ଏକ ଚଳନ୍ତା ଗାଡିରୁ ଏକ୍ସେଲ ଭାଙ୍ଗି ଚକ ଅଲଗା ହୋଇଯିବାରୁ ସିମେଣ୍ଟ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ରବିବାର ପାଖାପାଖି ୧୦ଘଣ୍ଟା ଧରି ୪ଲେନ ବିଶିଷ୍ଟ ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସୂଚନା ମୁତାବକ, ଏକ ସିମେଣ୍ଟ ବୋଝେଇ ଟ୍ରକ ବାଲେଶ୍ୱରରୁ ବାରିପଦା ଅଭିମୁଖେ ଆସୁଥିବାବେଳେ ରବିବାର ଭୋରୁ ଟ୍ରକର ଆଗ ଏକ୍ସେଲ ବାଙ୍ଗି ଚକ ଗାଡିରୁ ଅଲଗା ହୋଇଯାଇଥିଲା। ଫଳରେ ଭାରସାମ୍ୟ ହରାଇ ସିମେଣ୍ଟ ବୋଝେଇ ଟ୍ରକଟି ଆଗ୍ରିଆ ବଡ ପୋଲର ସୁରକ୍ଷାବାଡରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବରପାଇ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ ଗୋଟିଏ ପାର୍ଶ୍ୱ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇ ଉଦ୍ଧାରକାର୍ଯ୍ୟ ଆରମ୍ଭ କରାଯାଇଥିଲା।

## ନିଃଶୁଳ୍କ କର୍କଟ ରୋଗ ପରୀକ୍ଷା ଶିବିର




**ବାରିପଦା, ୭।୭(ସମିସ):** ମହିଳା ମହାବିଦ୍ୟାଳୟ ପରିସରରେ ଯୁବ ରେଡ଼ କ୍ରସ ଏବଂ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ନିଃଶୁଳ୍କ କର୍କଟ ରୋଗ ପରୀକ୍ଷା ଶିବିର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସାଗରିକା ସିଂହ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ଅଧିକାରିଣୀ ଡ. ଅନୁପମା ଭୋଳ ତଥା ସହଯୋଗୀ କାଉନସିଲର ତପସ୍ୱିନୀ ନାଏକ ଏବଂ ଜାତୀୟ ସେବା ଯୋଜନା ଅଧିକାରିଣୀ ଯମୁନା ମାଝୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଟାଟା ମେମୋରିଆଲ ସେଣ୍ଟରରୁ ଡାକ୍ତରୀ ଟିମ ଆସି ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରେ ଡା. ଶୁଭମ ଶ୍ରୀତମ ସାମନ୍ତରାୟ, ଡା. ପଲ୍ଲବୀ ପାତ୍ର, ବନ୍ଦିତା ସାହୁ, ଅଂଶୁ ସାମନ୍ତରାୟ, ଇନ୍ଦୁରେଖା ନାୟକ, କ୍ଷଣପ୍ରଭା ମହାନ୍ତ ଏବଂ କ୍ରିଷ୍ଣା ମହାପାତ୍ର ଯୋଗ ଦେଇଥିଲେ।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ରାଇରଙ୍ଗପୁର/ଗୋରୁମହିଷାଣି, ୭।୭(ସମିସ): ଶନିବାର ରାତ୍ରିରେ ଗୋରୁମହିଷାଣିଠାରେ ଜଣେ ଯୁବକଙ୍କ ପ୍ରଦୀପ ମହାକୁଡ଼ ନିଜ ଘରେ ବିଦ୍ୟୁତ ଲାଇନକୁ ମରାମତି କରୁଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରେ ପରିବାର ଲୋକେ ତାଙ୍କୁ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହକୁ ଜବତ କରି ରାଇରଙ୍ଗପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି।

## ହଳଦିଆ ବନ୍ଧରୁ ମୃତଦେହ ଉଦ୍ଧାର

କୁଳିଅଣା, ୭।୭(ସମିସ): ଚାନ୍ଦୁଆ ଥାନା ଅନ୍ତର୍ଗତ କେଉଁଟୁଣୀ ପଞ୍ଚାୟତ ରଙ୍ଗିବେଡା ଗ୍ରାମର ଜଣେ ମହିଳା ହଳଦିଆ ଜଳଭଣ୍ଡାରରେ ବୁଡି ମୃତ୍ୟୁବରଣ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ରଇବାଳି ଭକ୍ତା ଗତକାଲି ଗାଧୋଇବାକୁ ଯାଇଥିବାବେଳେ ପାଣିରେ ବୁଡି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କଲା ପରେ ମଧ୍ୟ ପାଇ ନ ଥିଲେ। ଆଜି ସକାଳୁ ଗ୍ରାମବାସୀ ପାଣିରେ ଭାସୁଥିବା ଦେଖି ପରିବାରକୁ ଖବର ଦେଇଥିଲେ। ପରେ ଦମକଳବାହିନୀ ପହଞ୍ଚି ଶବକୁ ପାଣିରୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଯାଇଛି।






















# ହ୍ୱାଟ୍ଆପ୍‌ରେ ମିଳିଲା ଟ୍ରାଫିକ୍ ଅପ୍‌ଡେଟ୍

**ଭୁବନେଶ୍ୱର,୭।୭(ସମିସ):** ରଥଯାତ୍ରା ସମୟରେ ପୁଲିସ ପାଇଁ ଚ୍ୟାଲେଞ୍ଜ ଥିଲା ଟ୍ରାଫିକ୍ ନିୟନ୍ତ୍ରଣ। ରାଜ୍ୟ ଏବଂ ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଆସିଥିବାରୁ ଟ୍ରାଫିକ୍ ସମସ୍ୟା ଉପୁଜିବ। ତେଣୁ କିଭଳି ଟ୍ରାଫିକ୍‌କୁ କଣ୍ଟ୍ରୋଲ କରାଯିବ ସେନେଇ ପୁଲିସ ଏନ ନୂଆ ବ୍ୟବସ୍ଥା ଆରମ୍ଭ

## ଗହଳି ନିୟନ୍ତ୍ରଣ କରିବାରେ ହେଲା ସହଜ

କରିଥିଲା। ଯାହାକି ଏଥର ଭିଡ଼ ନିୟନ୍ତ୍ରଣ କରିବାରେ ସହଜ ହୋଇଛି। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପ୍ରଥମ ଥର କରି ହ୍ୱାଟ୍ସଆପ୍‌ରେ ମିଳିଲା ଟ୍ରାଫିକ୍ ଅପ୍‌ଡେଟ୍। ଯାହାଫଳରେ ଲୋକେ ଭିଡ଼ ଥିବା ସ୍ଥାନ ଜାଣିପାରି ଅନ୍ୟ ରୁଟ୍‌ରେ ଯାଇଥିଲେ। ଓଡ଼ିଶା ପୁଲିସ "ଚାଟ୍‌ବୋର୍ଟ" ନାମକ ଏକ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ରଥଯାତ୍ରା ପାଇଁ ଟ୍ରାଫିକ୍ ଅପ୍‌ଡେଟ୍ ସୂଚନା ପାଇଁ ପାଇଁ ଏକ ସ୍କାନର ଦିଆଯାଇଥିଲା। ଯାତ୍ରୀ ଏହି ସ୍କାନରକୁ କ୍ଲିକ୍ କରିବା ପରେ ଏକ ହ୍ୱାଟ୍ସଆପ୍‌କୁ ଯାଇ ମେସେଜ୍ କରିବାକୁ ପଡ଼ିଥିଲା। କେଉଁ ରୁଟ୍ ଦେଇ ଗଲେ ରାସ୍ତା ଫାଙ୍କା ରହିଛି। କେଉଁଠି ଭିଡ଼ ରହିଛି। ତାହା ହ୍ୱାଟ୍ସଆପ୍ ମାଧ୍ୟମରେ ଜଣାଇ ଦିଆଯାଉଥିଲା। ଆହୁରି ମଧ୍ୟ କେଉଁଠି ଦୁଇ ଚକିଆ ଗାଡ଼ି ପାର୍କି କରିବେ, କେଉଁଠି ଚାରି ଚକିଆ ଗାଡ଼ି ପାର୍କି କରିବେ। ତାହା ମଧ୍ୟ ଏହି ହ୍ୱାଟ୍ସଆପ୍ ମାଧ୍ୟମରେ ଜଣାଇ ଦିଆଯାଉଥିଲା। ଯାହାଦ୍ୱାରା ଜଣେ ବ୍ୟକ୍ତି ଘରୁ ବାହାରିବା ପରେ କେଉଁ ବାଟରେ ଯିବେ ତାହା ବତାଇ ଦିଆଯାଉଥିଲା। ଯେଉଁଥି ପାଇଁ ପୁରୀ ଯିବା ବାଟରେ ଟ୍ରାଫିକ୍ ଭିଡ଼ ଦେଖିବାକୁ ମିଳିନଥିଲା। ଆହୁରି ମଧ୍ୟ ଟ୍ରାଫିକ୍ ନିୟନ୍ତ୍ରଣ କରିବା ପାଇଁ ମଧ୍ୟ ଏକାଧିକ ସ୍ଥାନରେ ପୁଲିସ ଫୋର୍ସ ଏବଂ ଟ୍ରାଫିକ୍ ପୁଲିସ ମୁତୟନ କରାଯାଇଥିଲା। ଯେଉଁଥି ପାଇଁ ସେମାନେ ସୁଚାରୁରୂପେ ଟ୍ରାଫିକ୍ ପରିଚାଳନା କରିଥିଲେ। ଏହି ହ୍ୱାଟ୍ସଆପ୍ ବ୍ୟବସ୍ଥା ସଫଳ ହେବା ପରେ ଏହାକୁ ପୁଣି ବାହୁଡା ଯାତ୍ରାରେ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

**ରଥଯାତ୍ରାରୁ ରୁଚିର ସୁବର୍ଣ୍ଣ ଜୟନ୍ତୀ ବର୍ଷ ଆରମ୍ଭ**

# ବିକଶିତ ଓଡ଼ିଶା ଗଠନ ଦିଗରେ ଭାଗୀଦାର ହେବ ରୁଚି





**କଟକ,୭।୭(ସମିସ):** ବିଗତ ୪୯ ବର୍ଷ ଧରି ସମାଜର ବିବିଧ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା କରି ରୁଚି ଏକ ମହାନୀୟ ପରମ୍ପରା ସୃଷ୍ଟି କରିଛି। କୋମଳମତି ଛାତ୍ରଛାତ୍ରୀଙ୍କ ଜୀବନ ଗଠନ ପାଇଁ ପ୍ରାରମ୍ଭିକ ଅବସ୍ଥାରେ ଏହି ଅନୁଷ୍ଠାନ ସେମାନଙ୍କୁ ପ୍ରେରଣା ପ୍ରଦାନ କରି ଯେଉଁ ଅଭିନବ ପ୍ରୟାସ କରିଆସିଛି ତାହା ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିଛନ୍ତି କଟକ ଜିଲ୍ଲାପାଳ ଅରିନ୍ଦମ ଡାକୁଆ। ପବିତ୍ର ରଥଯାତ୍ରାରେ ଆୟୋଜିତ ୪୯ତମ ରୁଚି ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ କହିଥିଲେ ଯେ, ଉଚ୍ଚ ମୂଲ୍ୟବୋଧ ଓ ଗୁଣବତ୍ତା ରକ୍ଷା କ୍ଷେତ୍ରରେ 'ରୁଚି' ଆଜି ତା'ର ଶ୍ରେଷ୍ଠତ୍ୱ ବଜାୟ ରଖିଥିବାରୁ ବିଶେଷ ଧନ୍ୟବାଦର ପାତ୍ର। ୧୩ ବର୍ଷ ତଳେ ରୁଚି ପ୍ରତିଭା ସମ୍ମାନ ସମାରୋହରେ ଭାରତୀୟ ପ୍ରଶାସନିକ ସେବା କ୍ଷେତ୍ରରେ ଓଡ଼ିଶା ଟପ୍ପର ହୋଇ ସମ୍ମାନିତ ହେବାର ସ୍ମୃତି ରୋମନ୍ଥନ କରିଥିଲେ କଟକ ଜିଲ୍ଲାପାଳ। ମଧୁପାଟଣା ଶିଳ୍ପାଞ୍ଚଳସ୍ଥିତ ରୁଚି ଶିଳ୍ପୋଦ୍ୟୋଗ ପରିସରସ୍ଥିତ ଶ୍ରୀ ଲକ୍ଷେଶ୍ୱର ମଣ୍ଡପଠାରେ ଆୟୋଜିତ ଭବ୍ୟ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ 'ରୁଚି'ର ନିର୍ଦ୍ଦେଶକ ତଥା ଭାରତୀୟ ମହାବୋଧି ସୋସାଇଟିର ଟ୍ରଷ୍ଟି ଡକ୍ଟର ସୌରେନ୍ଦ୍ର କୁମାର ମହାପାତ୍ର, 'ରୁଚି'ର ନିର୍ଦ୍ଦେଶକ ଅରବିନ୍ଦ ସାହୁ, ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ, ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ସଲିନା ସାହୁ ଓ ରଶ୍ମୀ ସାହୁ ପ୍ରମୁଖ ପ୍ରତିଷ୍ଠା ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରୁଚିର ଆଗାମୀ ସୁବର୍ଣ୍ଣ ଜୟନ୍ତୀ ବର୍ଷ ଅବସରରେ ବିଭିନ୍ନ ସାମାଜିକ ଓ ଲୋକକଲ୍ୟାଣମୂଳକ କାର୍ଯ୍ୟକ୍ରମ ଜରିଆରେ ନୂଆ ଓଡ଼ିଶା ଗଠନ ଦିଗରେ ନୂତନ ସଂକଳ୍ପ ବିଷୟରେ ଆଲୋକପାତ କରିଥିଲେ। 'ରୁଚି'ର ଲୋକସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ମାନସୀରାଣୀ ପାତ୍ରଙ୍କୁ 'ରୁଚି କଳା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ରୁଚି ପରିବାରର କର୍ମଚାରୀଙ୍କ ମାଟ୍ରିକ ଉତ୍ତୀର୍ଣ୍ଣ ୪୪ ଜଣ ଛାତ୍ରଛାତ୍ରୀଙ୍କୁ ଅର୍ଥରାଶି ପୁରସ୍କାର ସହିତ ରୁଚି ବିଦ୍ୟାର୍ଥୀ ସମ୍ମାନ, ୨୦ ଜଣ କର୍ମଚାରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପୁରସ୍କାର ଏବଂ ୪୯ ଜଣ କର୍ମଚାରୀଙ୍କୁ ବିଶେଷ ଉପଢ଼ୌକନ ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। 'ରୁଚି'ର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଦେବବ୍ରତ ପଟ୍ଟନାୟକ, ନିଶିକାନ୍ତ ଜେନା, ଚିତ୍ତରଞ୍ଜନ ତ୍ରିପାଠୀ, ଲକ୍ଷ୍ମୀଧର ସାହୁ, ଅକ୍ଷୟ ବରାଳ, ମଧୁସ୍ମିତା ବାରିକ, ମୃଣାଳିନୀ ରାଉତ, ସାଗର ରଞ୍ଜନ ବାରିକ, ଅରକ୍ଷିତ ରଣା, ସୂର୍ଯ୍ୟକାନ୍ତ ସାହୁ, ସୁଜାତା ବାରିକ, ଚିଣ୍ଟୁ ମିଶ୍ର, ଜ୍ଞାନରଞ୍ଜନ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ହ୍ୱାଇଟ କାନଭାସ୍‌ର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ମାନବସମ୍ବଳ ବିଭାଗର ଏଜିଏମ୍ ଅମ୍ବରୀଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ବରିଷ୍ଠ କର୍ମଚାରୀ କାର୍ତ୍ତିକ ସେନାପତି ରୁଚି ପତାକା ଉତ୍ତୋଳନ କରିଥିଲାବେଳେ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମନ୍ଦିର ଏବଂ କମ୍ପାନୀ ପରିସରରେ ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଜୟ ଜଗନ୍ନାଥ କଲୋନୀରୁ ଶ୍ରୀ ଜୀଉମାନଙ୍କର ତିନୋଟି ରଥ ଶିଳ୍ପାଞ୍ଚଳ ଦେଇ ରୁଚି ପରିସରସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଆସିଥିଲେ।

# ପାରଳାରେ ପହଞ୍ଚିଲା ରାଜବଂଶୀୟଙ୍କ ଐତିହ୍ୟ ସମ୍ପନ୍ନ ଟ୍ରେନ୍ ଇଞ୍ଜିନ



**ପାରଳାଖେମୁଣ୍ଡି,୭।୭(ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିକୁ ଆସି ପହଞ୍ଚିଛି ପାରଳାଖେମୁଣ୍ଡି ରାଜବଂଶୀୟଙ୍କ ପୁରାତନ କୀର୍ତ୍ତି। ଲୋକଙ୍କ ଯାତାୟତ ପାଇଁ ପାରଳା ରାଜବଂଶୀୟ ଶତାଧିକ ବର୍ଷ ପୂର୍ବେ ରେଳସେବା ଆରମ୍ଭ କରିଥିଲେ। ଏପରି ସେବା ସେତେବେଳେ ଅଖଣ୍ଡ ଭାରତବର୍ଷର କିଛି ହାତଗଣତି ସ୍ଥାନରେ ହିଁ ରହିଥିଲା। ସେହି ସମୟରେ ପାରଳା ରାଜବଂଶୀୟଙ୍କ ଦୂରସମ୍ପର୍ଣ୍ଣ ମନୋଭାବ ଆଜି ବି ବେଶ୍ ପ୍ରଶଂସନୀୟ। ତେବେ ସେହି ସମୟରେ ପ୍ରଥମ କରି ଯେଉଁ ଇଞ୍ଜିନ୍ ରେଳସେବା ଯୋଗାଇ ଆସୁଥିଲା ତାହା ନେରୋଗେଜ୍‌ରେ ଚଳପ୍ରଚଳ କରୁଥିଲା। ବ୍ରଡଗେଜ୍‌ରେ ପରିବର୍ତ୍ତନ ହେବା ପରେ କୀର୍ତ୍ତି ସୃଷ୍ଟି କରିଥିବା ପୂରାତନ ରେଳ ଇଞ୍ଜିନ୍ ଦୀର୍ଘ ବର୍ଷ ଧରି ପୂର୍ବତଟ ରେଳ ଜୋନ୍ ୱାଲଟିୟର ଡିଭିଜନ କାର୍ଯ୍ୟାଳୟରେ ଶୋଭାବର୍ଦ୍ଧନ କରୁଥିଲା। ଏହାକୁ ପାରଳା ଆଣିବା ପାଇଁ ରେଳମନ୍ତ୍ରୀଙ୍କ ନିକଟରେ ବାରମ୍ବାର ଦାବି କରାଯାଇଥିଲା। ଅଞ୍ଚଳବାସୀଙ୍କ ସମେତ ପାରଳା ସହରର ବିଭିନ୍ନ ମହଲରେ ଏହି ଐତିହ୍ୟ ସମ୍ପନ୍ନ ରେଳଇଞ୍ଜିନ୍‌କୁ ଆଣିବା ପାଇଁ ୧୦ ବର୍ଷ ଧରି ଦାବି ହୋଇଆସୁଥିଲା। ଶେଷରେ

## ଅଞ୍ଚଳବାସୀ ମଧ୍ୟରେ ଖୁସିର ଲହରୀ

ରେଳମନ୍ତ୍ରାଳୟ ଫେରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶନିବାର ବିଳମ୍ବିତ ରାତିରେ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଉକ୍ତ ଟ୍ରେନ୍ ଇଞ୍ଜିନ ପାରଳାଖେମୁଣ୍ଡିରେ ପହଞ୍ଚିଥିଲା। ଏହାକୁ ନେଇ ସମଗ୍ର ଗଜପତି ଜିଲ୍ଲାରେ ଖୁସିର ଲହରି ଖେଳିଯାଇଛି। ରବିବାର ଦିନ ତମାମ ଉକ୍ତ ରେଳ ଇଞ୍ଜିନ୍‌କୁ ଦେଖିବା ପାଇଁ ପ୍ରବଳ ଭିଡ଼ ଜମିଥିଲା। ରେଳ ବିଭାଗ ଦ୍ୱାରା ନିର୍ମାଣ କରାଯାଉଥିବା ପାରଳାଖେମୁଣ୍ଡି ରେଳଷ୍ଟେସନ ସମ୍ମୁଖରେ ଏହା ସ୍ଥାପନ ନିମନ୍ତେ ବ୍ୟବସ୍ଥା ହେଉଥିବା ଜଣାପଡ଼ିଛି। ଲୋକେ ଏହି ପୂରାତନ ରେଳ ଇଞ୍ଜିନ୍ ନିକଟକୁ ଯାଇ ସେଲ୍‌ଫି ଉଠାଉଥିବା ଦେଖାଯାଇଛି।

# ଫସିବେ ବେପରୁଆ ଚାଳକ; ଜଗିବ ଆଇଇଏମ୍‌ଏସ୍

■ ମାଳତୀପାଟପୁରରେ ଶୁଭାରମ୍ଭ କଲେ ପରିବହନ ମନ୍ତ୍ରୀ
■ ଆଗାମୀ ୫ ବର୍ଷରେ ଖର୍ଚ୍ଚ ହେବ ୮୮ କୋଟି ଟଙ୍କା



**ଭୁବନେଶ୍ୱର,୭।୭(ସମିସ):** ଆହୁରି ଶୃଙ୍ଖଳିତ ହେବେ ଗାଡି ଚାଳନା। ବେପରୁଆ ଗାଡି ଚାଳକଙ୍କୁ ଜଗିବ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଇଏମଏସ)। ରବିବାର ପବିତ୍ର ଘୋଷଯାତ୍ରା ଅବସରରେ ଏହି ବ୍ୟବସ୍ଥାକୁ ଶୁଭାରମ୍ଭ କରିଛନ୍ତି ବାଣିଜ୍ୟ ଓ ପରିବହନ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା। ପୁରୀ ମାଳତୀପାଟପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀଯୁକ୍ତ ଜେନା କହିଛନ୍ତି, ଏହି ବ୍ୟବସ୍ଥା ଦୁର୍ଘଟଣା ହ୍ରାସ ଦିଗରେ ସହାୟକ ହେବ।

ଭାରତ ସରକାରଙ୍କ ସହଯୋଗରେ ରାଜ୍ୟ ସରକାର ଏହି ଜ୍ଞାନକୌଶଳ ପ୍ରୟୋଗ ଲାଗି ପଦକ୍ଷେପ ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ରାଜପଥ ଓ ଜାତୀୟ ରାଜପଥର ୫୪୮ କିଲୋମିଟର ଦୂରତାକୁ ଆଇଇଏମଏସରେ ସଂଯୋଗ କରାଯାଇଛି। ଏଥିଲାଗି ଆଗାମୀ ୫ବର୍ଷରେ ୮୮ କୋଟି ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି। ପାଣିକୋଇଲିରୁ ରାମେଶ୍ୱର, ଭୁବନେଶ୍ୱରରୁ ପୁରୀ, ପୁରୀରୁ କୋଣାର୍କ, କୋଣାର୍କରୁ ପିପିଲି ପର୍ଯ୍ୟନ୍ତ ରାସ୍ତାକୁ ଏହି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇଛି। ଆଇଇଏମଏସ ବ୍ୟବସ୍ଥାରେ ଅତ୍ୟାଧୁନିକ ଜ୍ଞାନକୌଶଳ ଜରିଆରେ ସଡ଼କରେ ସମସ୍ତ ଗାଡ଼ିର ଗତିବିଧି ଉପରେ ନଜର ରଖାଯାଇପାରିବ। ଯାହା ନିୟମ ଉଲ୍ଲଙ୍ଘନ କରୁଥିବା ଚାଳକମାନଙ୍କୁ ନିୟନ୍ତ୍ରଣ କରିବା ଦିଗରେ ସହାୟତା ପ୍ରଦାନ କରିବ।

୨୦୨୧ ମସିହାରେ ମୋଟରଯାନ ଆଇନରେ ପରିବର୍ତ୍ତନ ଆଣି ଉଲ୍ଲଙ୍ଘନ କରୁଥିବା ଗାଡିଗୁଡିକୁ ଅତ୍ୟାଧୁନିକ ବିଜ୍ଞାନ ପଦ୍ଧତିରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ବ୍ୟବସ୍ଥା କରିଛନ୍ତି। ଦ୍ରୁତଗତିରେ ଗାଡି ଚାଳନା, ବିନା ହେଲମେଟରେ ଗାଡି ଚଳାଇବା, ବିପରୀତ ଦିଗରେ ଗାଡି ଚଳାଇବା, ବେପରୁଆ ଗାଡି ଚାଳନାରୁ ଅହେତୁକ ଦୁର୍ଘଟଣା ବଢୁଥିବା କୁହାଯାଇଛି। ଏହି ବ୍ୟବସ୍ଥା ଦ୍ୱାରା ଅତ୍ୟାଧୁନିକ କ୍ୟାମେରା, ରାଡାର ଏବଂ ଅନ୍ୟାନ୍ୟ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରାଯାଇଛି। ଏଥିରେ ସ୍ୱୟଂଚାଳିତ ଜ୍ଞାନକୌଶଳରେ ଉଲ୍ଲଙ୍ଘନକାରୀମାନଙ୍କୁ ଚିହ୍ନଟ କରାଯାଉଛି। ବେପରୁଆ ଗାଡି ଚାଳକଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

ସଡ଼କ ପଥର ଉନ୍ନତି ସହିତ ଯାନବାହାନ ଚଳାଚଳ ଦ୍ରୁତଗତିରେ ବୃଦ୍ଧି ପାଇବା ସହ ତାଳଦେଇ ସଡ଼କ ଦୁର୍ଘଟଣା ବଢ଼ିଚାଲିଛି। ସଡ଼କ ଦୁର୍ଘଟଣାରେ ନିୟନ୍ତ୍ରଣ ପାଇଁ ସଚେତନତା ସହ ନିୟମ ଉଲ୍ଲଙ୍ଘନକାରୀଙ୍କ ମଧ୍ୟରେ ଭୟ ସୃଷ୍ଟିର ମଧ୍ୟ ଆବଶ୍ୟକତା ରହିଛି। ନିୟମ ଉଲ୍ଲଙ୍ଘନକାରୀଙ୍କୁ ଚିହ୍ନଟ କରିବା, ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ଦିଗରେ ପର୍ଯ୍ୟାପ୍ତ ମାନବସମ୍ବଳ ବ୍ୟବସ୍ଥା କରିବା ସହଜସାଧ୍ୟ ନୁହେଁ, ବିଶେଷକରି ଜାତୀୟ ରାଜପଥ ଗୁଡ଼ିକରେ ଏହା ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିଲା। ଏହି ସମସ୍ୟାର ସମାଧାନ ପାଇଁ ଭାରତ ସରକାର ବୈଷୟିକ ଜ୍ଞାନ କୌଶଳର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ପରିବହନ କମିସନର ଅମିତାଭ ଠାକୁର, ଅତିରିକ୍ତ ପରିବହନ କମିସନର ଇନ୍ଦ୍ରମଣି ନାୟକ, ଲାଲମୋହନ ସେଠୀ, ଦୀପ୍ତିରଞ୍ଜନ ପାତ୍ର, ଯୁଗ୍ମ ପରିବହନ କମିସନର ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ଆରମ୍ଭ ହେଲା 'ଇ-ସାକ୍ଷ୍ୟ ଆପ୍'

**ଭୁବନେଶ୍ୱର, ୭।୭(ସମିସ):** ନୂଆ ଆଇନ୍ ଲାଗୁ ପରେ ପୁଲିସହ ତଦନ୍ତ ଅଧିକ ସ୍ୱଚ୍ଛ ଏବଂ ନିରପେକ୍ଷ ହୋଇଛି। ଏଥିର ପୁଲିସ ତଦନ୍ତ ଯେପରି ଦିଗହରା ନହେବ ଏବଂ ସଜାହାର ବଢ଼ିବ ସେଥିଲାଗି ଇ-ସାକ୍ଷ୍ୟ ଆପ୍ ଆରମ୍ଭ କରାଯାଇଛି। ପୂର୍ବରୁ ପୁଲିସ ଅପରାଧ ଘଟିଥିବା ସ୍ଥାନ ଏବଂ ଅପରାଧିଙ୍କ ଠାରୁ ଯାହା ଜବତ କରୁଥିଲା ତାହା ଭିଡ଼ିଓ କରାଯାଉନଥିଲା। କିନ୍ତୁ ଏଥର ପୁଲିସ ସର୍ଚ୍ଚ ଏବଂ ଜବତ ସମୟରେ ଭିଡ଼ିଓଗ୍ରାଫି କରିବେ। ଅପରାଧ ଘଟିଥିବା ସ୍ଥାନ କିମ୍ବା ଅପରାଧିଙ୍କ ଠାରୁ ଜବତ ହେଉଥିବା ସାମଗ୍ରୀର ଭିଡ଼ିଓଗ୍ରାଫି କରାଯାଉଛି। ଏହାକୁ 'ଇ-ସାକ୍ଷ୍ୟ ଆପ୍'ରେ ତଦନ୍ତଅଧିକାରୀ ଅପ୍‌ଲୋଡ୍ କରୁଛନ୍ତି। ଏହାକୁ ଥାନା ଅଧିକାରୀ ଏବଂ ଉପରିସ୍ଥ ଅଧିକାରୀ ଏହାକୁ ନିରୀକ୍ଷଣ କରୁଛନ୍ତି। ଏଥିରେ ତ୍ରୁଟିଥିଲେ ସୁଧାରିବାକୁ ଆଇଓକୁ ପରାମର୍ଶ ଦେଉଛନ୍ତି। ଏହି ଆପ୍‌କୁ ଏନ୍‌ସିଆରବି

● ଜବତ ସମୟର ଭିଡିଓ ପୋଷ୍ଟ କରୁଛନ୍ତି ଆଇଓ
● ଏନ୍‌ସିଆରବି ଆପ୍‌କୁ କରିବ କଣ୍ଟ୍ରୋଲ

ନିୟନ୍ତ୍ରଣ କରୁଥିବା ଜଣାପଡ଼ିଛି। ଗତ ଜୁନ୍ ୨୯ ତାରିଖରେ ଏହାକୁ ଏନ୍‌ସିଆରବି ପ୍ରଥମେ ପରୀକ୍ଷା କରିଥିବା ବେଳେ ତାହା ସଫଳ ହୋଇଥିଲା। ବର୍ତ୍ତମାନ ଏହି ଆପ୍ କାର୍ଯ୍ୟକ୍ଷକ କରାଯିବା ପରେ ଧିରେ ଧିରେ ତଦନ୍ତ ଅଧିକାରୀଙ୍କୁ ପଞ୍ଜିକରଣ କରାଯାଉଛି। ସେମାନେ ସର୍ଚ୍ଚ ଅପରେସନ୍ ଏବଂ ଜବତ ସାମଗ୍ରୀର ଭିଡ଼ିଓ କରି ଏହି ଆପ୍‌ରେ ଅପ୍‌ଲୋଡ୍ କରୁଛନ୍ତି। ପ୍ରାଥମିକ ସ୍ତରରେ କିଛିଟା ତ୍ରୁଟି ରହୁଥିବା ଦେଖିବାକୁ ମିଳିଛି। କିନ୍ତୁ ପରବର୍ତ୍ତି ସମୟରେ ତାହା ଠିକ୍ ହୋଇଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏଭଳି ହେବା ଦ୍ୱାରା ତଦନ୍ତ ଏବଂ ଜବତ ସମୟରେ ସ୍ୱଚ୍ଛତା ରହୁଛି। ଆଗକୁ ମଧ୍ୟ ତଦନ୍ତ ଅଧିକରୁ ଅଧିକ ତଦନ୍ତ ଅଧିକାରୀଙ୍କୁ ଟ୍ରେନିଂ ଦିଆଯିବ। ଏହି ଆପ୍ ମାଧ୍ୟମରେ ଏକାଧିକ ମାମଲା ପ୍ରମାଣ ଏବଂ ତଦନ୍ତ ଅଧିକାରୀଙ୍କ ସମ୍ପର୍କରେ ସବୁ କିଛି ଜାଣି ହେବ। ସମୟ ବର୍ତ୍ତିବା ସହ କାଗଜ ଖର୍ଚ୍ଚ ମଧ୍ୟ କମିବ। ଏଭଳି ବ୍ୟବସ୍ଥା ଫଳରେ କୋର୍ଟରେ ଅଭିଯୁକ୍ତଙ୍କୁ ଦଣ୍ଡ ମିଳିବା ତ୍ୱରିତ ଶୁଣାଣି ହେବ।

■ ଗୋଟିଏ ନିଯୁକ୍ତି ପାଇଁ ଦୁଇଥର ଆବେଦନ ମହଙ୍ଗା ପଡ଼ିଲା

# ୩ବର୍ଷ ବାସନ୍ଦ ହେଲେ ଆବେଦନକାରୀ

**ଭୁବନେଶ୍ୱର,୭।୭(ସମିସ):** ଗୋଟିଏ ପଦରେ ନିଯୁକ୍ତି ପାଇଁ ଦୁଇଥର ଆବେଦନ ମହଙ୍ଗା ପଡ଼ିଲା। ୩ ବର୍ଷ ପର୍ଯ୍ୟନ୍ତ ସମସ୍ତ ନିଯୁକ୍ତି ପରୀକ୍ଷାରୁ ବାସନ୍ଦ କଲା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ବା ଓଏସ୍‌ଏସ୍‌ସି। ସୂଚନା ଅନୁଯାୟୀ, ଓଏସ୍‌ଏସ୍‌ସି ପକ୍ଷରୁ ଗତ ମାର୍ଚ୍ଚ ଶେଷରେ ସିଏଚ୍‌ଏସ୍‌ଲ୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିପାଇଁ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ସୁରେଶ ବରାଡୋ ବା ସୁରେଶ ବୋରାଡୋ ଦୁଇଟି ପଞ୍ଜିକରଣ ନମ୍ବରରେ ଦୁଇଥର ଆବେଦନ କରିଥିଲେ। ଆୟୋଗ ଦୃଷ୍ଟିକୁ ଏହା ଆସିବା ପରେ ଆଇନ୍ ଉଲଂଘନ କରିଥିବା ଦର୍ଶାଇ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା। ପରେ ସମ୍ପୃକ୍ତ ବ୍ୟକ୍ତି ଇ-ମେଲ୍ ଜରିଆରେ ଜୁନ୍ ୨୬ତାରିଖରେ ଉତ୍ତର ରଖିଥିଲେ। ହେଲେ ତାହା ସନ୍ତୋଷଜନକ ହୋଇ ନଥିବା ଦର୍ଶାଇ ତାଙ୍କୁ ଓଏସ୍‌ଏସ୍‌ସି ପରିଚାଳିତ ସମସ୍ତ ପରୀକ୍ଷାରୁ ତିନି ବର୍ଷ ପାଇଁ ବାସନ୍ଦ କରିଛି।

# ୧୫କୁ ଘୁଞ୍ଚିଲା ଆଜିର ପିଜି ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର, ୭।୭(ସମିସ):** ଆସନ୍ତାକାଲି ବା ସୋମବାର ହେବାକୁ ଥିବା ଏକକ ପିଜି ପ୍ରବେଶିକା ପରୀକ୍ଷା (ସିପିଇଟି) କୁ ଘୁଞ୍ଚାଯାଇଛି। ଆସନ୍ତା ୧୫ ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ରଥଯାତ୍ରା ପାଇଁ ସୋମବାରକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ଏଣୁ ପରୀକ୍ଷାକୁ ଘୁଞ୍ଚାଯାଇଥିବା ନେଇ ବିଜ୍ଞପ୍ତି ଜାରି କରିଛି ରାଜ୍ୟ ପ୍ରବରଣ ମଣ୍ଡଳୀ ବା ଏସ୍‌ଏସ୍‌ବି। ଏହାସହ ପରୀକ୍ଷା ସୂଚୀରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ସ୍ପଷ୍ଟ କରିଛି। ସୂଚନା ଅନୁଯାୟୀ, ତିନୋଟି ପର୍ଯ୍ୟାୟରେ ପରୀକ୍ଷା ହେବ। ପ୍ରଥମ ପର୍ଯ୍ୟାୟରେ ସକାଳ ୧୦ଟାରୁ ୧୧ ପର୍ଯ୍ୟନ୍ତ ହୋମ ସାଇନ୍ସ, ଇଲେକ୍ଟ୍ରୋନିକ୍ସ ସାଇନ୍ସ ପରୀକ୍ଷା ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ସାଢ଼େ ୧୨ଟାରୁ ସାଢ଼େ ୧ଟା ପର୍ଯ୍ୟନ୍ତ ଇତିହାସ ଏବଂ ତୃତୀୟ ପର୍ଯ୍ୟାୟରେ ଅପରାହ୍ଣ ୩ଟାରୁ ୪ ପର୍ଯ୍ୟନ୍ତ ରୁରାଲ ଡେଭଲପମେଣ୍ଟ, ମେରାଇନ୍ ସାଇନ୍ସ ଓ ମେରାଇନ୍ ବାଓଲୋଜି ପରୀକ୍ଷା ହେବ।



ଅନାହାର ବିରୋଧରେ ଯୁଦ୍ଧ ହିଁ ମାନବ ସଭ୍ୟତାର ବାସ୍ତବ ସ୍ୱାଧୀନତା ସଂଗ୍ରାମ।
- ଜେ ଏଫ୍ କେନେଡ଼ି

ସକାଳ
THE SAKALA

# ଲଗାମଛଡ଼ା ଖାଉଟି ବଜାର

ଯାହା ଆଶଙ୍କା କରାଯାଉଥିଲା ତାହା ହିଁ ଖାଉଟି ବଜାରରେ ଏବେ ଘଟିଚାଲିଛି। ଗତ ତିନି ସପ୍ତାହ ଧରି ଡାଲି, ଚାଉଳ, ତେଲ ଆଦି ରାସନ ସାମଗ୍ରୀ ଦର ଅହେତୁକ ଭାବେ ବଢ଼ି ଚାଲିଥିବା ବେଳେ ଆଳୁ, ପିଆଜ ସମେତ ପନିପରିବା ଦର ଖାଉଟିଙ୍କ ପକେଟ୍ ଉପରେ ପ୍ରହାର କରୁଛି। ବର୍ଷା ଦିନେ ସାଧାରଣତଃ ଜହ୍ନି, ସଜନା, କଲରା ପରି ଦେଶୀ ବା ବାଡ଼ି ପନିପରିବାର ଦର କମ୍ ରହେ। କିନ୍ତୁ ଚଳିତ ଥର ଅବିଶ୍ୱସନୀୟ ଭାବେ ଏହି ସବୁ ପରିବା ଦର ଏତେ ବଢ଼ିଛି ଯେ ଖୁଚୁରା ବଜାରରେ ବେପାରୀ ଆଉ କିଲୋ ପିଛା ଦାମ ନ କହି ଅଢ଼େଇଶହ ପିଛା ଦାମ କହୁଛନ୍ତି। ଖାଉଟି ବଜାରରେ ଆଳୁ କିଲୋ ପିଛା ୩୫ ଟଙ୍କା ଓ ପିଆଜ କିଲୋ ପିଛା ୪୫ ଟଙ୍କା ଥିବା ବେଳେ କେତେକ ସ୍ଥାନରେ ଦାମ ଆହୁରି ଅଧିକ ଦାମରେ ବିକ୍ରି ହେଉଥିବା ଖବର ମିଳୁଛି। ଗୃହିଣୀଙ୍କଠାରୁ ଆରମ୍ଭ କରି ହୋଟେଲ୍, ରାସ୍ତାକଡ଼ର ଉଠା ଦୋକାନୀ ପର୍ଯ୍ୟନ୍ତ ଆଳୁ, ପିଆଜ ଓ ପନିପରିବାରର ଏହି କ୍ରମବର୍ଦ୍ଧିଷ୍ଣୁ ଦରରେ ଅତିଷ୍ଠ ହୋଇପଡ଼ିଲେଣି।

ଏକପକ୍ଷରେ ଖାଉଟିମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ବୃଦ୍ଧିରେ ଅତିଷ୍ଠ ହୋଇପଡ଼ିଥିବା ବେଳେ ଗତାନୁଗତିକ ଢଙ୍ଗରେ ସରକାରଙ୍କ ପକ୍ଷରୁ ଏହା ପଛରେ ଯୋଗାଣ-ଚାହିଦା ଅମେଳର କାରଣ ଦର୍ଶାଇ ନିଜ ଉପରୁ ଦୋଷ ଛଡ଼ାଇବାକୁ ପ୍ରୟାସ କରୁଛନ୍ତି। ଏହା ପ୍ରାୟ ସବୁ ସରକାର ଅମଳରେ ଏକ ଚିରାଚରିତ କଥା। କିନ୍ତୁ ବାସ୍ତବତା ହେଉଛି ଯେତେ ଯାହା କହିଲେ ବି ଶାସନ-ପ୍ରଶାସନ ଦରଦାମ ବୃଦ୍ଧି ନିୟନ୍ତ୍ରଣରେ ଯେ ବିଫଳ ଏହା ଅନସ୍ୱୀକାର୍ଯ୍ୟ। ବଜାର ଉପରେ ସତର୍କ ଦୃଷ୍ଟି ରଖିବାକୁ ସରକାରୀ କଳ ଯେଉଁମାନଙ୍କୁ ଦାୟିତ୍ୱ ଦେଇଛି, ସେମାନେ ଯଦି ସ୍ୱଚ୍ଛ, ନିଷ୍ଠାବାନ ଓ ସଚ୍ଚୋଟ ହୁଅନ୍ତେ ତେବେ ଏଭଳି ସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ। କିନ୍ତୁ ବାବୁ-ବ୍ୟବସାୟୀଙ୍କ ଅସାଧୁ ମେଣ୍ଟ ଯୋଗୁଁ ପ୍ରଶାସନ ଦେଖି ନ ଦେଖିବା ପରି ରହିଯାଏ ଏବଂ ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ଖାଉଟିଙ୍କୁ ଲୁଟିଚାଲନ୍ତି। ଏହି ଅସାଧୁ ମେଣ୍ଟର କାରସାଦୀ ରାସନ୍ ସାମଗ୍ରୀଠାରୁ ଆରମ୍ଭ କରି ଔଷଧ ବଜାର ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହାଛଡ଼ା ନିର୍ବାଚନ ପରେ ପରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ଭାରତରେ ଏକ ଗତାନୁଗତିକ ପ୍ରକ୍ରିୟା ହୋଇଆସିଛି। ତେଣୁ ଏଥର ମଧ୍ୟ ନିର୍ବାଚନ ସରିବା ପରେ ବଜାର ଦର ଆହୁରି ମହଙ୍ଗା ହେବ ବୋଲି ଲୋକମୁଖରେ ଯାହା ଶୁଣାଯାଉଥିଲା ତାହା ଗୁଜବ କିମ୍ବା କପୋଳକଳ୍ପିତ ନୁହେଁ ବୋଲି ପ୍ରମାଣିତ ହୋଇଯାଇଛି।

ପନିପରିବା, ଫଳମୂଳ ଓ ରାସନ୍ ସାମଗ୍ରୀର ଦର ବୃଦ୍ଧିରେ କେବଳ ଖାଉଟିମାନେ ଅତିଷ୍ଠ ହୁଅନ୍ତି ନାହିଁ, ଏହାର ପ୍ରଭାବ ସାମଗ୍ରିକ ଭାବେ ଅର୍ଥନୀତି ଉପରେ ମଧ୍ୟ ପଡ଼େ। ମୁଦ୍ରାସ୍ଫୀତି ପରିସଂଖ୍ୟାନରେ ଖାଦ୍ୟ ସାମଗ୍ରୀ ମୂଲ୍ୟସୂଚୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିବାରୁ ଡାଲି, ଚାଉଳ, ପନିପରିବା ଆଦିର ଦର ବୃଦ୍ଧି ଘଟିଲେ ଖାଉଟି ମୁଦ୍ରାସ୍ଫୀତି ଅଙ୍କ ବଢ଼େ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଆରବିଆଇ ସୁଧ ହାର ବୃଦ୍ଧି କରେ, ଯାହାର ପ୍ରଭାବ ପୁଞ୍ଜି ନିବେଶ, ନିଯୁକ୍ତି ବଜାର, ଉତ୍ପାଦନ ଓ ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରେ। ଏ ସବୁ ଜାଣି ମଧ୍ୟ ସରକାରଙ୍କ ପକ୍ଷରୁ ଖାଉଟି ସାମଗ୍ରୀର ଦର ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ଯେଉଁଭଳି ପଦକ୍ଷେପ ନେବା କଥା ତାହା ଦେଖାଯାଉନାହିଁ। ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଭାରତ ବ୍ରାଣ୍ଡ ନାମରେ ଡାଲି, ଚାଉଳ ଓ ପିଆଜ ଆଦି ସୁଲଭ ମୂଲ୍ୟରେ ବିକ୍ରି କରି ଖାଉଟିଙ୍କୁ ଦରବୃଦ୍ଧିରୁ ଆଶ୍ୱସ୍ତି ଦେବା ପାଇଁ ଯେଉଁ ପ୍ରୟୋଗ କରିଥିଲେ ତାହା ଅସଫଳ ପ୍ରମାଣିତ ହେଲା। ସବୁ ଥର ପରି ପରିଶେଷରେ ଅସାଧୁ ବେପାରୀଙ୍କର ହିଁ ଲାଭ ହେଲା।

ଏବେ ଓଡ଼ିଶା କଥା ଦେଖାଯାଉ। ଆଳୁ ଓ ପିଆଜ ଉତ୍ପାଦନରେ ଆମେ ଏ ପର୍ଯ୍ୟନ୍ତ ଆତ୍ମନିର୍ଭରଶୀଳ ହୋଇପାରିନାହୁଁ। ନିକଟ ଭବିଷ୍ୟତରେ ମଧ୍ୟ ଏହାର କୌଣସି ସମ୍ଭାବନା ଦେଖାଯାଉନାହିଁ। ତେଣୁ ମୁଖ୍ୟତଃ ଆଳୁ ପାଇଁ ପଶ୍ଚିମ ବଙ୍ଗ ଓ ପିଆଜ ପାଇଁ ମହାରାଷ୍ଟ୍ର ଉପରେ ଆମେ ସଦା ନିର୍ଭର କରି ଆସୁଛୁ। ଯଦି ସେଠାରେ ଉତ୍ପାଦନ କିମ୍ବା ଯୋଗାଣରେ ସାମାନ୍ୟତମ ବିଭ୍ରାଟ ଘଟେ ତେବେ ତାହାର ବହୁତ ବଡ଼ ପ୍ରଭାବ ଆମ ଖାଉଟି ବଜାର ଉପରେ ପଡୁଛି। ଏବେ ଆଳୁ ଓ ପିଆଜର ଯେଉଁ ଦର ବୃଦ୍ଧି ଘଟିଛି, ତାହା ପଛରେ ସରକାରଙ୍କ ଯୁକ୍ତି ହେଉଛି ପଶ୍ଚିମବଙ୍ଗରେ ଉତ୍ପାଦନ ହ୍ରାସ ପାଇଥିବାରୁ ଓଡ଼ିଶା ବଜାରରେ ଆଳୁ ମହଙ୍ଗା ହୋଇଛି। ସେହିପରି ଦେଶର ପିଆଜ ବଜାରକୁ ନିୟନ୍ତ୍ରିତ କରୁଥିବା ରାଜ୍ୟମାନଙ୍କରେ ପ୍ରବଳ ବର୍ଷା ଯୋଗୁଁ ଯୋଗାଣ ଓ ପରିବହନ ବାଧାପ୍ରାପ୍ତ ହୋଇଛି। ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଖରିଫ୍ ଅମଳ ବଜାରକୁ ଆସିବାର ସମ୍ଭାବନା ନାହିଁ। ତେଣୁ ରବି ଋତୁରେ ଅମଳ ହୋଇ ଶୀତଳଭଣ୍ଡାରରେ ଥିବା ପିଆଜ ଏବେ ବଜାରକୁ ଆସୁଛି। ଚାହିଦା ତୁଳନାରେ ଯୋଗାଣ ହ୍ରାସ ପାଇଥିବାରୁ ପିଆଜ ଦର ଆକାଶଛୁଆଁ ହୋଇଛି। କିନ୍ତୁ ବାସ୍ତବତା ହେଲା ଏ ପର୍ଯ୍ୟନ୍ତ ମୌସୁମୀର ପ୍ରକୋପ ପିଆଜ ଉତ୍ପାଦନ କରୁଥିବା ରାଜ୍ୟମାନଙ୍କରେ ଦେଖିବାକୁ ମିଳିନାହିଁ। ସେହିପରି ପଶ୍ଚିମବଙ୍ଗରେ ଏହି ସମୟ ଆଳୁ ଅମଳ ହୋଇ ଶୀତଳଭଣ୍ଡାରକୁ ଯାଇସାରିଥାଏ। ତେଣୁ ଦର ବୃଦ୍ଧି ପଛରେ ଯେ ଉତ୍ପାଦନ ଓ ଯୋଗାଣ ହ୍ରାସ ପରି କାରକ ରହିଛି ତାହା ଆଦୌ ଗ୍ରହଣୀୟ ହୋଇପାରୁନାହିଁ। ସମ୍ଭବତଃ ବେଆଇନ ମହଜୁଦକାରୀ ଓ କଳାବଜାରୀ ଗୋଷ୍ଠୀ ପ୍ରଶାସନିକ ଦୁର୍ବଳତା ଓ ସଂରକ୍ଷଣ ପାଇ ଅଧିକ ସକ୍ରିୟ ହୋଇପଡ଼ିଛନ୍ତି।


ଯଦି କେତେକ ବଜାର ବିଶେଷଜ୍ଞଙ୍କ ମତକୁ ଗ୍ରହଣ କରାଯାଏ ତେବେ ଦର ବୃଦ୍ଧି ପଛରେ ଆଉ ଏକ କାରଣ ନିହିତ। ତାହା ହେଉଛି ସଦ୍ୟ ସମାପ୍ତ ନିର୍ବାଚନରେ ବୃହତ୍ ପାଇକାରୀ ବ୍ୟବସାୟୀ, ମହଜୁଦକାରୀ ଓ ଉତ୍ପାଦନକାରୀ ଯେଉଁ ବିପୁଳ ନିର୍ବାଚନୀ ଚାନ୍ଦା ଦେବାକୁ ବାଧ୍ୟ ହୋଇଥିଲେ ତାହା ଏବେ ସେମାନେ ଖାଉଟି ବଜାରରୁ ଅସୁଲ କରୁଛନ୍ତି। ଚାଉଳ, ଗହମ, ଡାଲି, ତେଲ ଆଦି ରାସନ୍ ସାମଗ୍ରୀ କ୍ଷେତ୍ରରେ ମଧ୍ୟ ସମାନ ଘଟଣା ଘଟିଛି। ଦରବୃଦ୍ଧିର ଆଉ ଏକ କାରଣ ହେଲା ସେପଟେ ଟଙ୍କାଟିଏ ବଢ଼ିଲେ ଏପଟେ ମହଜୁଦ୍‌କାରୀଙ୍କ ଅସାଧୁ ମେଣ୍ଟ ଦଶଟଙ୍କା ବୃଦ୍ଧି କରି ଦିଅନ୍ତି। ଏ ସମ୍ପର୍କରେ ଯୋଗାଣ ବିଭାଗ ଅଧିକାରୀଙ୍କ ପାଖରେ ଯେ ସୂଚନା ନଥିବ ତାହା ଭାବିବା ଭୁଲ୍। ସେମାନଙ୍କର ଉଦାସୀନତା ଓ ବେଳେ ବେଳେ ଅସାଧୁ ବ୍ୟବସାୟୀଙ୍କ ସହିତ ମଧୁଚନ୍ଦ୍ରିକା ବଜାର ଦରକୁ ଏପରି ଆକାଶ ଛୁଆଁ କରୁଛି। ଗଣମାଧ୍ୟମରେ ଏ ସମ୍ପର୍କରେ ନିୟମିତ ଖବର ପ୍ରକାଶ ପାଇଲେ ଧର୍ମକୁ ଆଖିଠାର ଭଳି କାଁ ଭାଁ ନିଷ୍ଫଳ ଚଢ଼ଉ ହୁଏ ଏବଂ ସରକାରଙ୍କ ପକ୍ଷରୁ ଦୃଢ଼କାର୍ଯ୍ୟାନୁଷ୍ଠାନର ଶୁଖିଲା ଘୋଷଣା କରାଯାଏ। ଏହାପରେ ପରିସ୍ଥିତି ଯଥାପୂର୍ବଂ ତଥା ପରଂ ହୋଇଯାଏ। ପନିପରିବା ଦର ବୃଦ୍ଧି ସମ୍ପର୍କରେ ସରକାରୀ ସ୍ପଷ୍ଟୀକରଣ ହେଲା ପର୍ଯ୍ୟାପ୍ତ ପରିମାଣରେ ଶୀତଳ ଭଣ୍ଡାରର ଅଭାବରୁ ଚାଷୀମାନେ ପ୍ରଭୂତ କ୍ଷତି ସହୁଛନ୍ତି। ତେଣୁ ସେମାନେ ପନିପରିବା ଚାଷ ପ୍ରତି ମନ ବଳାଉ ନାହାନ୍ତି। ଏଣୁ ଚାହିଦା ମେଣ୍ଟାଇବା ପାଇଁ ବାହାରୁ ଆମଦାନୀ କରିବାକୁ ପଡୁଥିବାରୁ ପନିପରିବା ଦାମ ମହଙ୍ଗା ହେଉଛି। ଅବଶ୍ୟ ଆଶ୍ୱାସନାର ବିଷୟ ଯେ ଉଭୟ କେନ୍ଦ୍ର ଓ ଆମ ରାଜ୍ୟ ସରକାର ଅଧିକ ସଂଖ୍ୟାରେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଯୋଜନାର ନିକଟରେ ଘୋଷଣା କରିଛନ୍ତି। ଆମ ରାଜ୍ୟରେ ପ୍ରତ୍ୟେକ ବ୍ଲକ ସ୍ତରରେ ଯଦି ଶୀତଳ ଭଣ୍ଡାର ସୁବିଧା ମିଳେ ତେବେ ଆଳୁ, ପିଆଜ ଓ ପନିପରିବାର ଶୀତଳ ଭଣ୍ଡାରଣ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇବ ଏବଂ ଅହେତୁକୀ ଦରଦାମ ବୃଦ୍ଧିର ନିୟନ୍ତ୍ରଣରେ ସହାୟକ ହେବ। ତେବେ ଏହି ନୀତିର ବାସ୍ତବ ରୂପାୟନକୁ କେତେ ନିଷ୍ଠା ଓ ଦ୍ରୁତଗତିରେ କରାଯିବ ତାହା ଉପରେ ଏହି ଯୋଜନାର ସଫଳତା ନିର୍ଭର କରେ। ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଥିଲେ ସାଧାରଣ ଲୋକଙ୍କ ପାଇଁ ହିତକାରୀ ହେବ। ନହେଲେ ଖାଦ୍ୟ ଶସ୍ୟ ଦର ବୃଦ୍ଧିର ରୁକୁଣା ରଥ ଅନନ୍ତକାଳ ପର୍ଯ୍ୟନ୍ତ ଅଣଲେଉଟା ରହିଥିବ!

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଶ୍ରୀଜଗନ୍ନାଥ ସଂସ୍କୃତି



ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର
ଢେଙ୍କାନାଳ, ମୋ: ୮୮୯୫୨୩୦୭୨୨

ସଂସ୍କୃତି ହେଉଛି ସଭ୍ୟତାର ପ୍ରାଣ। ଗୋଟିଏ ଜାତିର ଚିନ୍ତା, ଚେତନା, ଭାବ, ଅନୁଭବ, ଆବେଗ, ମୂଲ୍ୟବୋଧ, କାର୍ଯ୍ୟଧାରା, ସାଫଲ୍ୟ ଓ ବିକାଶର ଧାରା ହିଁ ସେ ଦେଶର ସଂସ୍କୃତି। ଜାତିର ଜୀବନଯାପନ ଧାରା ରୁଚିସଂପନ୍ନ ଓ ମାର୍ଜିତ ହେଲେ ସଂସ୍କୃତିର ଅଭ୍ୟୁଦୟ ଘଟେ ତଥା ଭାଷା, ସାହିତ୍ୟ, କଳା, ଶିଳ୍ପ, ସ୍ଥାପତ୍ୟ, ନୃତ୍ୟ, ସଙ୍ଗୀତ ଓ ଦର୍ଶନ ପ୍ରଭୃତିରେ ଏହାର ପରିପ୍ରକାଶ ହୋଇଥାଏ। ସଂସ୍କୃତି ସହିତ ଧର୍ମ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ହୋଇଗଲେ ସଭ୍ୟତା ଉନ୍ନତ ହୋଇ ସମାଜ ସମୃଦ୍ଧ ହୁଏ। ଓଡ଼ିଶାର ଧର୍ମ, ସଂସ୍କୃତି, ଇତିହାସ, ସାହିତ୍ୟ, ଶିଳ୍ପ, ଭାସ୍କର୍ଯ୍ୟ ତଥା ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ଜୀବନର ପ୍ରାଣକେନ୍ଦ୍ର ଶ୍ରୀଜଗନ୍ନାଥ। ପ୍ରାଚୀନ କାଳରୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଓଡ଼ିଶାର ଜନଜୀବନରେ ଏକ ସମନ୍ୱୟାତ୍ମକ ସାଂସ୍କୃତିକ ସ୍ରୋତ ପ୍ରବାହିତ ତଥା ଉନ୍ନତ ରୁଚି ଓ ସଂସ୍କାରବୋଧ ଦ୍ୱାରା ଉଜ୍ଜୀବିତ। ଶତାବ୍ଦୀ ଶତାବ୍ଦୀ ଧରି ଏହି ସାଂସ୍କୃତିକ ସ୍ରୋତ ଓଡ଼ିଆ ଜାତିର ଜୀବନଚର୍ଯ୍ୟାକୁ ସୁନ୍ଦର, ସମୃଦ୍ଧ, ସୃଜନଶୀଳ ଓ ପରିପୂର୍ଣ୍ଣ କରିଆସିଛି।

ଶ୍ରୀଜଗନ୍ନାଥ ସଂସ୍କୃତି ଜାତି, ବର୍ଣ୍ଣ, ସଂପ୍ରଦାୟ ଭେଦରେ ବିଭାଜିତ ନ ହୋଇ ସମଗ୍ର ଓଡ଼ିଆଜାତିକୁ ଏକ ସୂତ୍ରରେ ବାନ୍ଧିରଖିଛି। ଓଡ଼ିଆ ଜାତିର ଚିନ୍ତା ଓ ଚିନ୍ତନଠାରୁ ବ୍ୟାବହାରିକ ଜୀବନ ତଥା ମାନବୀୟ ସମ୍ବେଦନାଠାରୁ ସମଷ୍ଟିଗତ ଏକତାକୁ ଆଧାରକରି ଏହି ସଂସ୍କୃତି ସଂପ୍ରସାରିତ। କ୍ରମାଗତ ସଂସ୍କାର ଓ ଗତିଶୀଳତା ଏହି ସଂସ୍କୃତିକୁ ଊର୍ଦ୍ଧ୍ୱମୁଖୀ କରାଇ ଓଡ଼ିଆ ଜାତିର ପ୍ରଜ୍ଞାର ଅଭିବୃଦ୍ଧି ଘଟାଇଛି। ବିଶ୍ୱାବସୁ ଶବର, ବ୍ରାହ୍ମଣ ବିଦ୍ୟାପତି, ରାଜର୍ଷି ଇନ୍ଦ୍ରଦ୍ୟୁମ୍ନ, ଦେବର୍ଷି ନାରଦ, ମହାରାଣୀ ଗୁଣ୍ଡିଚା, ବଜ୍ରଯାନୀ ଇନ୍ଦ୍ରଭୂତି, ଅଦ୍ୱୈତବାଦୀ ଶଙ୍କରାଚାର୍ଯ୍ୟ, ବିଶିଷ୍ଟ ଦ୍ୱୈତବାଦୀ ରାମାନୁଜାଚାର୍ଯ୍ୟ, ଦ୍ୱୈତବାଦୀ ମଧ୍ୱାଚାର୍ଯ୍ୟ, ଦ୍ୱୈତାଦ୍ୱୈତବାଦୀ ନିମ୍ବାର୍କାଚାର୍ଯ୍ୟ, ପ୍ରେମାବତାର ଶ୍ରୀଗୌରାଙ୍ଗ, ଶୂନ୍ୟବାଦୀ ବଳରାମଦାସ, ରାଗାନୁଗାମାର୍ଗୀ ରାୟ ରାମାନନ୍ଦ, ଶିଖ୍ ଧର୍ମର ପ୍ରତିଷ୍ଠାତା ନାନକ, ମହାତ୍ମା କବୀର ଦାସ, ପୌତ୍ତଳିକ ହରିଦାସ, ଗଣପତି ଉପାସକ ଗଣପତି ଭଟ୍ଟ, ରାମଭକ୍ତ ତୁଳସୀ, ତାନ୍ତ୍ରିକ ଲକ୍ଷ୍ମୀଭଦ୍ର ଗିରି, ଅଚିନ୍ତ୍ୟଭେଦାଭେଦବାଦୀ ବଳଦେବ ବିଦ୍ୟାଭୂଷଣ ସଭିଏଁ ଆପଣା ଆପଣାର ଦାର୍ଶନିକ ଚିନ୍ତା ଓ ଚେତନା ଶ୍ରୀଜଗନ୍ନାଥଙ୍କଠାରେ ଆରୋପିତ କରିଥିଲେ ହେଁ ଶ୍ରୀଜଗନ୍ନାଥ ସଂସ୍କୃତିର ପଟ୍ଟ ପରିବର୍ତ୍ତନ କରିପାରିନାହାନ୍ତି। ଅଧିକନ୍ତୁ, ଏହି ଜ୍ଞାନୀ, ତତ୍ତ୍ୱଦର୍ଶୀ, ଦାର୍ଶନିକ, ଭକ୍ତ, ପଣ୍ଡିତ ଓ ଭାବୁକ ବୃନ୍ଦ ଶ୍ରୀଜଗନ୍ନାଥଧାମର ଶରଧାବାଲି ସ୍ପର୍ଶ କରିବାମାତ୍ରେ ଆପଣା ଆପଣାର ଜ୍ଞାନ, ତତ୍ତ୍ୱ, ଦର୍ଶନ, ଭକ୍ତି, ପାଣ୍ଡିତ୍ୟ ଓ ଭାବ ଭୁଲିଯାଇ ଶ୍ରୀଜଗନ୍ନାଥ ସଂସ୍କୃତିର ମହାସ୍ରୋତରେ ସାମିଲ ହୋଇଯାଇଛନ୍ତି।

ବିଶ୍ୱର ସକଳ ସଂସ୍କୃତିର ସାରତତ୍ତ୍ୱ ଶ୍ରୀଜଗନ୍ନାଥ ସଂସ୍କୃତିରେ ଅନୁଭବନୀୟ। ଶ୍ରୀଜଗନ୍ନାଥ ସଂସ୍କୃତିରେ କୌଣସି ପ୍ରକାର ସଂକୀର୍ଣ୍ଣତା ନାହିଁ। ଏହି ସଂସ୍କୃତି ସକଳ ଜାତି, ଧର୍ମ, ପ୍ରଥା, ପରମ୍ପରା ଓ ସଂସ୍କୃତିକୁ ପ୍ରଶ୍ରୟ ଦେଇ ସମନ୍ୱୟର ମହାଭାବ ସୃଷ୍ଟିକାରୀ ଭାବରେ ପ୍ରତିଭାତ। ନିଜେ ବଞ୍ଚିବା ଓ ଅନ୍ୟକୁ ବଞ୍ଚାଇବା ଏହାର ମୌଳିକ ନୀତି। ଏହି ସଂସ୍କୃତିରେ ଏକତା, ସମତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଭ୍ରାତୃତ୍ୱ, ମୈତ୍ରୀ ଓ ବିଶ୍ୱପ୍ରେମର ବାଣୀ ଅତି ସୁସ୍ପଷ୍ଟ। ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱର ସର୍ବପ୍ରାଚୀନ ସଂସ୍କୃତି ହେଲେ ହେଁ ସ୍ୱକୀୟ ସୃଜନଶୀଳତା ଓ ନମନୀୟତା ଯୋଗୁଁ ଏହା ନିତ୍ୟନୂତନ।

ଶ୍ରୀଜଗନ୍ନାଥଙ୍କଠାରେ ନିତ୍ୟ ସମାହିତ ତିନିଧୂପ, ପାଞ୍ଚ ଅବକାଶ ରୀତିରେ ପୂଜା, ନୈମିତ୍ତିକ ପର୍ବପର୍ବାଣି ଓ ବାରମାସରେ ସଂଘଟିତ ତେରଯାତ୍ରା,




ଶ୍ରୀଜଗନ୍ନାଥ ସଂସ୍କୃତିକୁ ସୁସଂଗଠିତ କରିପାରିଛି। ଏଥିରେ ସମାଜର ସକଳଶ୍ରେଣୀ ସକ୍ରିୟ ଅଂଶଗ୍ରହଣ କରି ସମନ୍ୱୟର ମହାମନ୍ତ୍ରରେ ଉଦ୍ବୁଦ୍ଧ ହୋଇଥା'ନ୍ତି। ସଭିଙ୍କୁ ଧର୍ମକ୍ଷେତ୍ରରେ ସମାନ ଅଧିକାର ଦେବା ନିମିତ୍ତ ଶ୍ରୀଜଗନ୍ନାଥ ବାହୁପ୍ରସାରି ସଭିଙ୍କୁ ଆପଣାର କରିନେଉଛନ୍ତି। ଶ୍ରୀଜଗନ୍ନାଥ ଲୌକିକ ଭାବଧାରାରେ ଉପାସିତ। ତାଙ୍କ ଉପାସନାରେ ଶାସ୍ତ୍ରୀୟତା ନାହିଁ, ଧ୍ୟାନରେ ବୈଭୂତିକ ଚିନ୍ତା ନାହିଁ ଓ ଦର୍ଶନରେ ସ୍ୱର୍ଗୀୟତା ନାହିଁ। ସେ ନଶ୍ୱର କ୍ଷୟଶୀଳ ଦାରୁରୂପରେ ମାନବୀୟ ଚେତନାରେ ପୂଜିତ। ସେ ସଭିଙ୍କର ଇଷ୍ଟ, ବନ୍ଧୁ, ସହୋଦର, ପିତା, ମାତା, ମନ, ଆତ୍ମା ଓ ପ୍ରାଣ। ତାଙ୍କ ନିକଟରେ 'ମୁଁ ମୋର ବା ତୁ ତୋହର' ଭାବ ନାହିଁ। କେବଳ 'ମୁଁ ତୋର ଓ ତୁ ମୋର' ଏହି ଭାବ, ଯହିଁରେ ମାୟା ଅନ୍ତର୍ହିତ। ସେ ଦୀନବନ୍ଧୁ, ଦୁଃଖବନ୍ଧୁ, ଆର୍ତ୍ତତ୍ରାଣ, ଅନାଥର ନାଥ, ଅଶରଣ ଶରଣ, ବଳୀୟାର ଭୁଜ ଓ ମହାବାହୁ। ତାଙ୍କ ଦେଉଳ ବଡ଼ଦେଉଳ, ଦାଣ୍ଡ ବଡ଼ଦାଣ୍ଡ, ବାନା ପତିତପାବନ, ପ୍ରସାଦ ମହାପ୍ରସାଦ, ସେହିଁ ବଡ଼ ଠାକୁର। ବ୍ରହ୍ମବିଚାରରେ ସେ ଅବ୍ୟକ୍ତ, ଅଚିନ୍ତ୍ୟ, ଅଜ୍ଞେୟ ଓ ଅବର୍ଣ୍ଣନୀୟ ହେଲେ ହେଁ ଅଗଣିତ ଭକ୍ତଙ୍କ ଚେତନାରେ ରକ୍ତମାଂସ ଦେହୀ ମନୁଷ୍ୟ ଭଳି। ସେ ବିଶ୍ୱନିୟନ୍ତା ହେଲେ ହେଁ ଭାବମାନସରେ ମନୁଷ୍ୟ ପରି ଖାଆନ୍ତି, ଯାତ୍ରା କରନ୍ତି, ଧୂଳି ଧୂସରିତ ହୁଅନ୍ତି, ଭକ୍ତଙ୍କ ସାଥୀରେ ମେଳା ମଉଛବ କରନ୍ତି, ମାନଅଭିମାନ ଓ ରାଗରୋଷ କରନ୍ତି, ଥଟ୍ଟା ପରିହାସର ଶରବ୍ୟ ହୁଅନ୍ତି, ମନୋରଞ୍ଜନ କରନ୍ତି, ପଖାଳପାଣି ଖାଆନ୍ତି, ପାନ ଖାଆନ୍ତି, ପହଡ଼ ଯାଆନ୍ତି ଏବଂ ସାଧାରଣ ମଣିଷ ପରି ଶରୀର ତ୍ୟାଗ କରନ୍ତି। ସେ ପ୍ରତ୍ୟହ ଶଯ୍ୟାତ୍ୟାଗ କରନ୍ତି, ମୁଖ ପ୍ରକ୍ଷାଳନ କରନ୍ତି, ଦନ୍ତ ମାର୍ଜନ, ସ୍ନାନ ଓ ପୋଷାକ ପରିଧାନ କରନ୍ତି, ବିଭିନ୍ନ ସମୟରେ ଭୋଜନ କରନ୍ତି ଏବଂ ଶ୍ରୀଗୀତଗୋବିନ୍ଦର ମଧୁର ମୂର୍ଚ୍ଛନାରେ ପହଡ଼ ଯାଆନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତିର ଏହି ମାନବୀୟ ପ୍ରବହମାନ ଧାରାରେ ଆଧ୍ୟାତ୍ମିକ ଐକ୍ୟବୋଧର ଉନ୍ନତ ରୁଚି, ବୌଦ୍ଧିକ ସୃଜନଶୀଳତା ଓ ସଂସ୍କାରବୋଧ ଚିରଜାଜ୍ୱଲ୍ୟମାନ।

ଶ୍ରୀଜଗନ୍ନାଥଙ୍କ ସହସ୍ର ନାମ ମଧ୍ୟରୁ 'ପତିତପାବନ' ନାମର ସ୍ୱାତନ୍ତ୍ର୍ୟ, ବୈଶିଷ୍ଟ୍ୟ, ମୂଲ୍ୟବୋଧ ଓ ମହନୀୟତା ଅବର୍ଣ୍ଣନୀୟ। ଏହି ନାମଟିର ସ୍ମରଣ, ମନନ ଓ ଉଚ୍ଚାରଣ ମାତ୍ରେ ହୃଦୟ ବ୍ୟାକୁଳତାରେ ଭରିଉଠେ, ପ୍ରାଣ ଉଦ୍‌ବେଳିତ ହୋଇଉଠେ ଓ ନୟନ ତାଙ୍କ ଦର୍ଶନ ନିମିତ୍ତ ଅଧୀର ହୁଏ। ତାଙ୍କ ବଡ଼ଦାଣ୍ଡରେ ଛିଡ଼ାହୋଇ ନୀଳଚକ୍ର ଉପରେ ଫରଫର ହୋଇ ଉଡୁଥିବା ପତିତପାବନ ବାନା ଦର୍ଶନ ନ କଲେ ଚତୁର୍ଦ୍ଦିଗ ଅନ୍ଧକାର ଦିଶେ। ତାଙ୍କ ଆନନ୍ଦବଜାରରେ ମହାପ୍ରସାଦ ସେବନ ନ କଲେ ପ୍ରାଣର କ୍ଷୁଧା ମେଣ୍ଟେନାହିଁ। ତାଙ୍କ ଗରୁଡ଼ଖମ୍ବକୁ କୁଣ୍ଢାଇ ମୁଖାରବିନ୍ଦ ଦର୍ଶନରେ ହିଁ ଆତ୍ମସନ୍ତୋଷ ମିଳିଥାଏ। ଶ୍ରୀଜଗନ୍ନାଥ ତାଙ୍କ ଦାରବୀ ଲୀଳାରେ ପତିତପାବନ ନାମ ଧରି ପତିତପାବନତ୍ୱକୁ ହିଁ ପ୍ରମାଣ କରିଛନ୍ତି। ତାଙ୍କ ଦିବ୍ୟ ଦାରବୀ ଲୀଳାର ମହତ୍ ଉଦ୍ଦେଶ୍ୟ ହେଉଛି 'ସର୍ବେଷାଂ ପାବନଂ ମହଦ୍'। ଯୁଗେ ଯୁଗେ ପତିତମାନଙ୍କୁ ପାବନ କରି ସେ ହେଉଛନ୍ତି ପତିତପାବନ। ଆମେ ପତିତ କହିଲେ ଯାହା ବୁଝୁ ତାହା ତାଙ୍କଠାରେ ପାବନ ଭାବରେ ପ୍ରତିଷ୍ଠିତ। ତାଙ୍କ ଦିବ୍ୟଦୃଷ୍ଟିରେ ଯିଏ ପତିତ, ସେ ହିଁ ପବିତ୍ର। ତାଙ୍କ ବାନା ହେଉଛି ପତିତପାବନ ବାନା। ତାଙ୍କ ପାଖରେ ସାନ, ବଡ଼, ରୋଗୀ, ଭୋଗୀ, ଧନୀ, ଦରିଦ୍ର, ଜାତି, ଅଜାତି, ଦେଶୀ ଓ ବିଦେଶୀର ଭାବ ନାହିଁ। ତାଙ୍କ ଚକାନୟନ ପାଇଁ ସଭିଏଁ ସମାନ। ତାଙ୍କ ଘୋଷଯାତ୍ରାର ନାମ ପତିତପାବନ ଯାତ୍ରା। ଅଗଣିତ ପତିତଙ୍କୁ ପାବନ କରିବାର ମହାଭିପ୍ରାୟରେ ସେ ଶ୍ରୀମନ୍ଦିରର ଐଶ୍ୱର୍ଯ୍ୟଲୀଳା ପରିହାର କରି ପତିତପାବନତୀର୍ଥ ବଡ଼ଦାଣ୍ଡରେ ବିଜେ ହୋଇଥା'ନ୍ତି। ଅଗଣିତ ପତିତଙ୍କର ସେ ଏକାନ୍ତ ଆପଣାର ହୋଇଯାଆନ୍ତି। ନିଜକୁ ପତିତ ଭାବିଲେ ହିଁ ତାଙ୍କ ପାବନ ମୂର୍ତ୍ତିର ଦିବ୍ୟଦର୍ଶନ ମିଳିଥାଏ। ତାଙ୍କ ସେବା ସଂପନ୍ନ କରିବାକୁ ଗଜପତି ମହାରାଜ ସକଳ ରାଜକୀୟ ସ୍ୱାଭିମାନ ପରିତ୍ୟାଗ କରି ପତିତ ହୋଇଯାନ୍ତି। ଶ୍ରୀଜଗନ୍ନାଥଙ୍କ ଏହି ପତିତପାବନ ଲୀଳାରେ ସମଦୃଷ୍ଟି ସଂପନ୍ନ ମାନବିକ ମୂଲ୍ୟବୋଧ ଆତ୍ମିକ ସନନ୍ଦ ଭାବରେ ପ୍ରତିଭାତ।

ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଏକ ଗଣପର୍ବ ରୂପେ ଶତାବ୍ଦୀ ଶତାବ୍ଦୀ ଧରି ଜନମାନସକୁ ଉଦ୍‌ବୁଦ୍ଧ କରିଆସିଛି। ଅଖିଳ ବିଶ୍ୱବାସୀଙ୍କ କଲ୍ୟାଣ କାମନାରେ ଶ୍ରୀଜଗନ୍ନାଥ ଏହି ଲୀଳା ସଂରଚନା କରିଛନ୍ତି। ବିଶ୍ୱର ମଙ୍ଗଳ କାମନାରେ ଏହି ମହୋତ୍ସବ ଅନୁଷ୍ଠିତ ହେଉଥିବାରୁ ଏହାର ଅନ୍ୟ ନାମ ମଙ୍ଗଳୋତ୍ସବ ବା ଘୋଷୋତ୍ସବ। ଏହି ମାଧୁର୍ଯ୍ୟଲୀଳାରେ ଗଣଦେବତା ଶ୍ରୀଜଗନ୍ନାଥ ରତ୍ନସିଂହାସନର ଐଶ୍ୱର୍ଯ୍ୟଲୀଳା ପରିହାର କରି ଗଣପର୍ବର ମହାପୀଠ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି ଏବଂ ବିଶ୍ୱର ସକଳ ଶ୍ରେଣୀର ମାନବଙ୍କୁ ଦର୍ଶନ ଓ ସ୍ପର୍ଶର ସୌଭାଗ୍ୟ ପ୍ରଦାନ କରିଥା'ନ୍ତି। ଏହି ମାଧୁର୍ଯ୍ୟ ଲୀଳାରେ ଶ୍ରୀଜଗନ୍ନାଥ ଜାତି-ଅଜାତିର ପ୍ରାଚୀର ଉଠାଇ ଦେଇଛନ୍ତି। ଜାତି, ଧର୍ମ, ବର୍ଣ୍ଣ ଓ ସଂପ୍ରଦାୟ ନିର୍ବିଶେଷରେ ସଭିଏଁ ତାଙ୍କ ରଥଦଉଡ଼ି ଟାଣି କୃତକୃତ୍ୟ ହୋଇଯା'ନ୍ତି। ଗୌରବର ବିଷୟ, ଘୋଷଯାତ୍ରାର ଆଦର୍ଶ ପରମ୍ପରା ଓ ଉଚ୍ଚାଙ୍ଗ ଭାବଧାରା ସମଗ୍ର ବିଶ୍ୱର ଜନମାନସକୁ ପ୍ରଭାବିତ କରିଛି। ତେଣୁ ସଂପ୍ରତି ବିଶ୍ୱର କୋଣେ ଅନୁକୋଣେ ମହାସମାରୋହରେ ଘୋଷଯାତ୍ରା ଅନୁଷ୍ଠିତ ହେଉଛି। ସମଗ୍ର ବିଶ୍ୱକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାର ମହିମାରେ ଏହି ଯାତ୍ରା ମହିମାବନ୍ତ। ମାନବ ଜାତିର ଇତିହାସରେ ଶୀର୍ଷ ଆସନ ଅଳଙ୍କୃତ କରିଥିବା ଘୋଷଯାତ୍ରା ସ୍ୱକୀୟ ଜନପ୍ରିୟ ପ୍ରସାରଣଶୀଳତାରେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିଶ୍ୱ ସଂସ୍କୃତିରେ ରୂପାନ୍ତର କରିପାରିଛି। ମାନବ ଜାତିକୁ ଶାନ୍ତି, ମୈତ୍ରୀ, ପ୍ରେମ, ସ୍ନେହ, ଶ୍ରଦ୍ଧା ଓ ବିଶ୍ୱାତ୍ମବୋଧରେ ଅନୁପ୍ରାଣିତ କରି ଘୋଷଯାତ୍ରା ବିଶ୍ୱ ସଂସ୍କୃତିକୁ ସୁରଭିତ କରିପାରିଛି। ବିଶ୍ୱ ସମ୍ବିଧାନର ପ୍ରତୀକ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ବିଶ୍ୱରେ ପ୍ରଚଳିତ ବିଭିନ୍ନ ମତ, ପଥ, ଧର୍ମଧାରା, ପରମ୍ପରା ତଥା ଦାର୍ଶନିକ ଭାବଧାରାରେ ସମନ୍ୱୟ ପ୍ରତିଷ୍ଠା ପୂର୍ବକ ସକଳଶ୍ରେଣୀର ମାନବଙ୍କ ମଧ୍ୟରେ ଏକ ଗଣଚେତନା ସଞ୍ଚାର କରିପାରିଛି। ମାନବ ଜାତିର ଭାବାବେଗକୁ ସ୍ପର୍ଶ ଓ ସ୍ପନ୍ଦିତ କରି ଏହି ଯାତ୍ରା 'ବସୁଧୈବ କୁଟୁମ୍ବକମ୍' ଭାବଧାରାରେ ବିଶ୍ୱ ଜନମାନସକୁ ଅନୁପ୍ରାଣିତ କରିପାରିଛି। ବିଶ୍ୱ ମୈତ୍ରୀ ହିଁ ଏହି ଯାତ୍ରାର ଦିବ୍ୟସନ୍ଦେଶ। ଏହି ଗଣମହୋତ୍ସବ ବିଶ୍ୱ ସଂସ୍କୃତିରେ ସାମ୍ୟବାଦର ମନ୍ଦାକିନୀ ପ୍ରବାହିତ କରାଇ ବିଶ୍ୱବାସୀଙ୍କ ହୃଦୟରେ ବିଶ୍ୱାସ ଚେତନା ସୃଷ୍ଟି କରିପାରିଛି। ସଂସ୍କୃତିର ଉଦାର ଓ ମହାନ ଅନ୍ତଃପ୍ରେରଣାରେ ଦୀପ୍ତିମନ୍ତ ହୋଇ ଘୋଷଯାତ୍ରା ବିଶ୍ୱରେ ଶ୍ରେଷ୍ଠ ମାନବ କଲ୍ୟାଣକାରୀ ମହୋତ୍ସବର ଆସନ ଅଳଙ୍କୃତ କରିଛି। (କ୍ରମଶଃ)

ଲେଖକ ପଦ୍ମଶ୍ରୀ ସମ୍ମାନପ୍ରାପ୍ତ

# ବିଶ୍ୱ ଖାଦ୍ୟ ସଙ୍କଟ



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼, ମୋ: ୯୪୩୭୬୪୨୯୪୭

ଗୋଟିଏ ପଟେ ବିଶ୍ୱରେ ଖାଦ୍ୟ ନଷ୍ଟ ଚରମ ସୀମାରେ ପହଞ୍ଚି ଥିବା ବେଳେ ଅନ୍ୟପଟେ ଗୁରୁତର ସମସ୍ୟା ହେଉଛି ଅନାହାର ଓ କୁପୋଷଣ। ୟୁନିସେଫ୍‌ର ସଦ୍ୟତମ ରିପୋର୍ଟ ଅନୁଯାୟୀ, ବିଶ୍ୱର ପାଞ୍ଚବର୍ଷରୁ କମ୍ ବୟସର ୨୭ ପ୍ରତିଶତ ବା ପ୍ରାୟ ୧୮ କୋଟି ଶିଶୁ ଗୁରୁତର ଖାଦ୍ୟ ସଙ୍କଟର ସମ୍ମୁଖୀନ। ପର୍ଯ୍ୟାପ୍ତ ଖାଦ୍ୟ ଅଭାବ ପିଲାଙ୍କ ଶାରୀରିକ ଓ ମାନସିକ ବିକାଶରେ ବାଧକ। ଯୁଦ୍ଧ, ବୈଶ୍ୱିକ ଅଶାନ୍ତି, ଅସମାନତା, ଦାରିଦ୍ର୍ୟ ଏବଂ ଜଳବାୟୁ ସଙ୍କଟ କାରଣରୁ ପୃଥିବୀରେ ପ୍ରତି ଚାରିଜଣ ପିଲାଙ୍କ ମଧ୍ୟରୁ ଜଣେ ଖାଦ୍ୟ ଅସୁରକ୍ଷିତା ପରି ସମସ୍ୟାର ଶିକାର। ନିକଟରେ ଅନ୍ତର୍ଜାତୀୟ ଶ୍ରମ ସଂଗଠନର ମହାନିର୍ଦ୍ଦେଶକ କହିଛନ୍ତି ଯେ କ୍ଷୁଧା ଦୂର କରିବା ପାଇଁ ସାରା ବିଶ୍ୱରେ ପ୍ରାୟ୧୬ କୋଟି ପିଲା ସ୍କୁଲ ପରିବର୍ତ୍ତେ କାମକୁ ଧାଆଁନ୍ତି। ଅପରପକ୍ଷରେ ଜାତିସଂଘ ପରିବେଶ କାର୍ଯ୍ୟକ୍ରମର 'ଖାଦ୍ୟ ବର୍ଜ୍ୟ ସୂଚକାଙ୍କ' ୨୦୨୪ ରିପୋର୍ଟ ଅନୁଯାୟୀ, ଗତ ଏକବର୍ଷ ମଧ୍ୟରେ ୧.୦୫ ବିଲିୟନ ଟନ୍ ଖାଦ୍ୟ ନଷ୍ଟ ହୋଇଛି। ବଜାରରେ ମିଳୁଥିବା ଖାଦ୍ୟ ଦ୍ରବ୍ୟର ପାଖାପାଖି ଏକ-ପଞ୍ଚମାଂଶ ନଷ୍ଟ ହେଉଛି। ସେହିପରି ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ, ପ୍ରତିବର୍ଷ ଘରେ ସର୍ବାଧିକ ୬୩.୧ ନିୟୁତ ଟନ୍ ଅର୍ଥାତ୍ ପ୍ରାୟ ୬୦ ପ୍ରତିଶତ ଖାଦ୍ୟ ନଷ୍ଟ ହେଉଛି। ଗୋଟିଏ ପଟେ ଲକ୍ଷ ଲକ୍ଷ ଲୋକ ଭୋକିଲା ଶୋଇବାକୁ ବାଧ୍ୟ ହେଉଥିବା ବେଳେ ପୃଥିବୀର ସ୍ୱଚ୍ଛଳ ପରିବାର ପ୍ରତିବର୍ଷ ଦୁଇ କୁଇଣ୍ଟାଲ ଖାଦ୍ୟ ନଷ୍ଟ କରୁଛନ୍ତି।

ଖାଦ୍ୟର ଏହି ଅପଚୟ ଏବେ ବିଶ୍ୱବ୍ୟାପୀ ଦୁଃଖଦ ଘଟଣା ପାଲଟିଛି। ଏପରିକି ଏହା ଜଳବାୟୁ ପରିବର୍ତ୍ତନ ଓ ଜୈବ ବିବିଧତା ନଷ୍ଟ ହେବାର କାରଣ ମଧ୍ୟ ପାଲଟିଛି। ଖାଦ୍ୟର ଏହି ଅପଚୟ କେବଳ ଧନୀ ଦେଶରେ ନୁହେଁ, ପଛୁଆ ଦେଶମାନଙ୍କରେ ମଧ୍ୟ ସମାନ ଭାବରେ ଦେଖିବାକୁ ମିଳେ। ବିବାହ, ବ୍ରତ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ବହୁ ଆଡ଼ମ୍ବରର ଆୟୋଜନ ରାତ୍ରିର ଚତୁର୍ଥ ପ୍ରହର ପର୍ଯ୍ୟନ୍ତ ଚାଲେ।



ଆମ ଗୋଚରରେ ଏଥିରେ ଶହଶହ ଲୋକଙ୍କ ଖାଦ୍ୟ ନଷ୍ଟ ହୁଏ। ଯେଉଁ ସଂସ୍କୃତି ପ୍ରଥମେ ଅନ୍ୟର ଭୋଜନ ଓ ସମଗ୍ର ଜୀବଜଗତର କଲ୍ୟାଣ ପାଇଁ ଚିନ୍ତା କରୁଥିବା କଥା କୁହେ, ସେହି ସମାଜରେ ଆଜି କୋଟି କୋଟି ଲୋକ ଦିନକୁ ଦୁଇଓଳି ଖାଇବାକୁ ପାଆନ୍ତି ନାହିଁ। କେବଳ ଭାରତରେ ୬୮ ଲକ୍ଷ ଶିଶୁ ଭୋକିଲା ଶୋଇବାକୁ ବାଧ୍ୟ ହେଉଥିବା ବେଳେ ସୁଦାନ ଭଳି ଦେଶ ତୁଳନାରେ ଏହି ସଂଖ୍ୟା ଅଧିକ।

ଇତିମଧ୍ୟରେ ଆମ ଦେଶରେ ଅପପୁଷ୍ଟିର ପ୍ରକୋପ ୧୪.୬ ପ୍ରତିଶତରୁ ୧୬.୩ ପ୍ରତିଶତକୁ ବୃଦ୍ଧି ପାଇଛି। ଏଭଳି ପରିସ୍ଥିତିରେ ପୁଷ୍ଟିହୀନ ଶିଶୁମାନଙ୍କୁ ଏହି ଜଟିଳ ପରିସ୍ଥିତିରୁ ଉଦ୍ଧାର କରିବା ପାଇଁ ଏକ ବ୍ୟାପକ ନୀତି ପ୍ରସ୍ତୁତ କରିବା ସରକାରଙ୍କ ପାଇଁ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ହୋଇଛି। ପରିସଂଖ୍ୟାନ ଅନୁଯାୟୀ ଆମ ଦେଶରେ ପ୍ରାୟ ୬୦ ପ୍ରତିଶତ ପିଲା ଦୁଗ୍ଧ ଭଳି ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ। ସମ୍ବିଧାନର ଧାରା ୨୧ ସମସ୍ତଙ୍କୁ ଜୀବନ ଯାପନ ପାଇଁ ସ୍ୱାଧୀନତା ଦେଇଛି। ପିଲାମାନେ ହିଁ ଯେକୌଣସି ଦେଶର ଭବିଷ୍ୟତ। ଏଥିପାଇଁ ସମ୍ବିଧାନ ମଧ୍ୟ ଶିଶୁମାନଙ୍କୁ ଅନେକ ଅଧିକାର ଦେଇଛି। କିନ୍ତୁ ଯେହେତୁ ପିଲାମାନେ ଭୋଟ୍ ବ୍ୟାଙ୍କ ରାଜନୀତିର ଅଂଶ ନୁହନ୍ତି ତେଣୁ ବୋଧହୁଏ ସେଥିପାଇଁ ପିଲାମାନେ ସରକାରଙ୍କ ପ୍ରାଥମିକତାରେ ଆସନ୍ତି ନାହିଁ କିମ୍ବା ସେମାନଙ୍କ ପାଇଁ ପ୍ରସ୍ତୁତ ନୀତିକୁ ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଏ ନାହିଁ।

କ୍ଷୁଧା ଓ ଅପପୁଷ୍ଟିର ସବୁଠାରୁ ବଡ଼ କାରଣ ହେଉଛି ଅର୍ଥନୈତିକ ଅସମାନତା, ଦାରିଦ୍ର୍ୟ ଓ ମୁଦ୍ରାସ୍ଫୀତି। ଆଜି ଜନସଂଖ୍ୟାର ଏକ ବଡ଼ଅଂଶ ଖାଦ୍ୟ ଓ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ। ବିଶ୍ୱର ଯୁଦ୍ଧ, ମରୁଡ଼ି, ବନ୍ୟା, ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ଏହାକୁ ଜଟିଳ କରିଛି। କୃଷି କାର୍ଯ୍ୟ ବାଧାପ୍ରାପ୍ତ ହୋଇଯାଉଛି। ଖାଦ୍ୟ ଉତ୍ପାଦନ ଅସମାନ ଭାବରେ ବଣ୍ଟନ କରାଯାଉଛି। ଭାରତରେ ଦାରିଦ୍ର୍ୟ ଏବଂ ଶିଶୁ ଶ୍ରମର ବିପଜ୍ଜନକ ପରିଣାମ ଶିଶୁ ଶୋଷଣ ଆକାରରେ ସାମ୍ନାକୁ ଆସୁଛି। ରୁଷିଆ-ୟୁକ୍ରେନ ଯୁଦ୍ଧ ପରଠାରୁ ବିଶ୍ୱରେ ସରକାରୀ ଗହମ ମହଜୁଦ କମିବାରେ ଲାଗିଛି। ଭାରତରେ ଗତ ଏକ ବର୍ଷ ମଧ୍ୟରେ ଗହମ ଦର ୮ ପ୍ରତିଶତ ବୃଦ୍ଧି ପାଇଛି। ଭାରତ ଭଳି କୃଷିପ୍ରଧାନ ଦେଶରେ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟଶସ୍ୟ କ୍ରୟ ହେଉନଥିବା ବେଳେ ସରକାର ମାଗଣା ଖାଦ୍ୟଶସ୍ୟ ଯୋଜନା, ବିପିଏଲ୍ ଧାରୀଙ୍କୁ କମ୍ ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇଦେବା ପାଇଁ ଯୋଜନା ଚଳାଇଛନ୍ତି।

ଏକ ରିପୋର୍ଟ ଅନୁଯାୟୀ, ୨୦୨୨ ତୁଳନାରେ ୨୦୨୩ରେ ୨କୋଟି ୪୦ଲକ୍ଷ ଲୋକ ଅନାହାରର ସମ୍ମୁଖୀନ ହୋଇଛନ୍ତି। ଏହା ପଛର ମୁଖ୍ୟ କାରଣ ହେଉଛି ସୁଦାନ ଓ ଗାଜା ଭଳି ଅଞ୍ଚଳରେ ଖାଦ୍ୟ ନିରାପତ୍ତା ଦ୍ରୁତ ଗତିରେ ହ୍ରାସ ପାଇବା। ଯୁଦ୍ଧ ଓ ସଂଘର୍ଷରେ ପୀଡ଼ିତ ଦେଶଗୁଡ଼ିକରେ ଅନାହାର ଯୋଗୁଁ ସ୍ଥିତି ବିଗିଡ଼ିବାରେ ଲାଗିଛି। ଦକ୍ଷିଣ ସୁଦାନରେ ପ୍ରାୟ ୭୯, ୦୦୦ ଲୋକ ଭୋକ ଉପାସରେ ଅଛନ୍ତି। ଜଳବାୟୁ ପରିବର୍ତ୍ତନ ମଧ୍ୟ ଅନାହାର ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏଲ୍ ନିନୋ ୨୦୨୪ରେ ଶୀର୍ଷରେ ରହିଛି, ଯାହାର ସିଧାସଳଖ ପ୍ରଭାବ ଖାଦ୍ୟ ସୁରକ୍ଷା ଉପରେ ପଡ଼ିଛି।

ଏହା ଏକ ଜଣାଶୁଣା କଥା ଯେ କ୍ଷୁଧାର କୌଣସି ସୀମା ନାହିଁ। ପୃଥିବୀରେ ପ୍ରତି ପାଞ୍ଚ ଜଣ ଶିଶୁଙ୍କ ମଧ୍ୟରୁ ଜଣେ ଅପପୁଷ୍ଟିର ଶିକାର। ଅର୍ଥାତ୍ ପିଲାମାନଙ୍କୁ ଉପଯୁକ୍ତ ଖାଦ୍ୟ ମିଳୁନାହିଁ। ଏହା ସଙ୍କେତ ଦିଏ ଯେ ଆମେ ସମାଜ ଏବଂ ମାନବିକତା ପ୍ରତି ଆମର କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହେଉଛୁ। ଯଦି ପିଲାମାନେ ଭୋକରେ କାନ୍ଦୁଛନ୍ତି, ତେବେ ତାହା ପିତାମାତା ନୁହନ୍ତି, ବରଂ ବ୍ୟବସ୍ଥାର ବିଫଳତା। ସୁସ୍ଥ ଶୈଶବ ହିଁ ଏକ ସୁସ୍ଥ ସମାଜର ମୂଳଦୁଆ। ଯେତେବେଳେ ଭିତ୍ତିଭୂମି ଦୁର୍ବଳ, ତେବେ ସମାଜ କିପରି ଆଗକୁ ବଢ଼ିବ? ଗୋଟିଏ ପଟେ ସମଗ୍ର ବିଶ୍ୱର ଅର୍ଥନୀତିର ଉଜ୍ଜ୍ୱଳ ପରିସଂଖ୍ୟାନ ବିକାଶ ଓ ପ୍ରଗତିର ଡିଣ୍ଡିମ ପିଟୁଥିବା ବେଳେ ଅନ୍ୟପଟେ ୭୮.୩କୋଟି ଲୋକ ଆସନ୍ତା କାଲି ଭୋଜନ ପାଇବେ କି ନାହିଁ ତାହା ଜାଣନ୍ତି ନାହିଁ। ଏହାଠାରୁ ବଳି ବିଡ଼ମ୍ବନା କ'ଣ ହୋଇପାରେ?









## ଛିଣ୍ଡାଇ ନେଲେ ମହାପ୍ରଭୁଙ୍କ ଟାହିଆ

ପ୍ରାୟ ପ୍ରତିବର୍ଷ ଠାକୁର ପହଣ୍ଡିରେ ଆସି ଚାରମାଳ ଉପରକୁ ଉଠୁ ଉଠୁ ଟାହିଆକୁ ଟଣା ଘୋଷରା ଆରମ୍ଭ ହୋଇଯାଏ। କିନ୍ତୁ ଏଥରକ ଟାହିଆ ସୁରକ୍ଷିତ ରଖିବା ଲାଗି ବ୍ୟବସ୍ଥାବଳୀରେ ସ୍ପଷ୍ଟ ଉଲ୍ଲେଖ କରାଯାଇଥିଲା। ଦାରୁବିଗ୍ରହମାନେ ରଥ ଉପରକୁ ସମ୍ପୂର୍ଣ୍ଣ ଉଠିବା ପରେ ଟାହିଆଗୁଡ଼ିକ ସମ୍ମାନର ସହିତ ଖୋଲାଯିବ। ଟାହିଆ ଭାଙ୍ଗିଥିବା ବ୍ୟକ୍ତି ବା ଟାହିଆର ଅଂଶ ଧରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ୟବସ୍ଥାବଳୀରେ ସ୍ପଷ୍ଟ କରାଯାଇଥିଲା। ହେଲେ ବଡ଼ଠାକୁର ଶ୍ରୀବଳଭଦ୍ର ପହଣ୍ଡିରେ ଆସି ରଥାରୁଢ ହେବା ପର୍ଯ୍ୟନ୍ତ ଶ୍ରୀମସ୍ତକରେ ଟାହିଆ ଦୋଳାୟମାନ ହେଉଥିଲା। ରୁନ୍ଧା ପୂର୍ବରୁ ସେବାୟତମାନେ ଟାହିଆ ଖୋଲି ରଥର ଗୋଟିଏ ପାର୍ଶ୍ୱରେ ରଖିଥିଲେ। ହେଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟାହିଆ କ୍ଷେତ୍ରରେ ସେମିତି ଦୃଶ୍ୟ ଦେଖିବାକୁ ମିଳି ନ ଥିଲା। ଦୁଆର ବେଢ଼ା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ଟାହିଆ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିଥିଲା। ଏହାପରେ ଟାହିଆ ଖୋଲାଯିବା କଥା। କିନ୍ତୁ କିଛି ସେବାୟତ ତାଙ୍କ ପୂର୍ବ ସ୍ୱଭାବକୁ ଆୟତ୍ତ କରି ନ ପାରି ଟାହିଆକୁ ଛିଣ୍ଡାଇ ନେଇଥିଲେ।





## ରଥଯାତ୍ରା ଦେଖିଲେ ବିଶିଷ୍ଟ ବ୍ୟକ୍ତି

ମହାପ୍ରଭୁଙ୍କ ରଥଯାତ୍ରା ଦେଖିଛନ୍ତି ବହୁ ବିଶିଷ୍ଟ ବ୍ୟକ୍ତି। ପ୍ରଥମଥର ପାଇଁ ଜଣେ ରାଷ୍ଟ୍ରପତି ପୁରୀ ଆସି ରଥଯାତ୍ରା ଦେଖିଛନ୍ତି। ତେଣୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଦୁଇ ଉପମୁଖ୍ୟ ମନ୍ତ୍ରୀ କେଭି ସିଂହଦେଓ ଓ ପ୍ରଭାତୀ ପରିଡ଼ା, ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ରଥଯାତ୍ରାରେ ରଥାରୁଢ ଠାକୁରଙ୍କୁ ଦର୍ଶନ କରିଛନ୍ତି। ଏହି ଅବସରରେ ରଥଯାତ୍ରା ବିଶେଷାଙ୍କ ଉତ୍କଳ ପ୍ରସଙ୍ଗକୁ ଅତିଥିମାନେ ଉନ୍ମୋଚନ କରିଛନ୍ତି। ଏଥିସହିତ ରାଜ୍ୟର ବିଭିନ୍ନ ମନ୍ତ୍ରୀ, ସରକାରୀ ଅଧିକାରୀ, ବିଚାରପତି ମଧ୍ୟ ରଥଯାତ୍ରା ଦେଖିଛନ୍ତି। ଏମାନଙ୍କ ମଧ୍ୟରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସମେତ ମୁଖ୍ୟ ଶାସନ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତ ଥିଲେ।

## ପୁରାଣେ ପୁରୁଷୋତ୍ତମ-୫

### ଶିବ ମହାପୁରାଣ



ଅଷ୍ଟାଦଶ ମହାପୁରାଣ ଶୃଙ୍ଖଳାରେ ଶିବ ମହାପୁରାଣ ଅନନ୍ୟ। ଶିବଲୀଳା, ଶିବଜ୍ଞାନ, ଶୈବଦୀକ୍ଷା, ତଥା ଶୈବାଗମ ବିଷୟରେ ସମୃଦ୍ଧ ଏହି ପୁରାଣ। ଭକ୍ତି, ଜ୍ଞାନ, ସଦାଚାର, ଶୌଚାଚାର, ସାଧନା, ଉପାସନା, ଲୋକବ୍ୟବହାରାଦିର ସରଳବିଧି ଓ ସୁଗମ ତତ୍ତ୍ୱମୟ ଏହି ପୁରାଣରେ ରହିଛନ୍ତି ସମୁଦାୟ ୭ଟି ସଂହିତା, ୪୬୪ ଅଧ୍ୟାୟ ଓ ୨୪ ହଜାର ଶ୍ଳୋକ। ଏହାର ବିଦ୍ୟେଶ୍ୱରସଂହିତା(୨୨/୧୧) ରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଅନୁରୂପରେ ଶିବନୈବେଦ୍ୟକୁ 'ମହାପ୍ରସାଦ' ବୋଲି କୁହାଯାଇଛି- "ଶିବଦୀକ୍ଷାନ୍ୱିତୋ ଭକ୍ତୋ ମହାପ୍ରସାଦସଂଜ୍ଞକମ୍। ସର୍ବେଷାମପି ଲିଙ୍ଗାନାଂ ନୈବେଦ୍ୟଂ ଭକ୍ଷୟେଚ୍ଛୁଭମ୍।।" ସେହିପରି ରୁଦ୍ରସଂହିତାର ସତୀଖଣ୍ଡ(୬/୬୧) ରେ ଚତୁର୍ବର୍ଗଦାତା ଶିବଙ୍କୁ 'ପୁରୁଷୋତ୍ତମ' ବୋଲି ସ୍ତୁତି କରାଯାଇଛି- "ଧର୍ମାର୍ଥକାମମୋକ୍ଷାଣାଂ ଯ ଏକସ୍ତ୍ୱାଦିକାରଣମ୍। ତମେକଂ ଜଗତାମାଦ୍ୟଂ ଭଜସ୍ୱ ପୁରୁଷୋତ୍ତମମ୍।।" ଏହା ଚାରିବର୍ଣ୍ଣେ ଚଉବର୍ଗଦାନୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ସହ ସମତା ରଖେ। ପୁନଶ୍ଚ ଏହି ପୁରାଣର ରୁଦ୍ରସଂହିତା-ପାର୍ବତୀଖଣ୍ଡ (୩୭/୩୪-୩୫)ରେ ଶିବ-ପାର୍ବତୀଙ୍କ ବିବାହୋତ୍ସବରେ ହିମାଳୟଙ୍କ ନିମନ୍ତ୍ରଣ ରକ୍ଷା କରି 'ନୀଳ ପୁରୁଷୋତ୍ତମ' ପର୍ବତ ଯୋଗ ଦେଇଥିବା ବର୍ଣ୍ଣିତ- "ପୁରୁଷୋତ୍ତମଶୈଳୋଽପି ସପରିଚ୍ଛଦ ଆଦୃତଃ। ନୀଳଃ ସଲୀଳଃ ସସୁତଃ ସସ୍ତ୍ରୀକୋ ଦ୍ରବ୍ୟସଂଯୁତଃ।। ଆଜଗାମ ହିମାଗସ୍ୟ ଗୃହମାନନ୍ଦସଂଯୁତଃ।।।" ଏହା ପୁରୁଷୋତ୍ତମ-ମହାପ୍ରଭୁଙ୍କ 'ନୀଳଶୈଳ'ର ସୂଚନା ଦିଏ। ସେହି ରୁଦ୍ରସଂହିତା-ପାର୍ବତୀଖଣ୍ଡ (୪୯/୨୧,୨୫) ରେ ବିବାହକାଳରେ ଦେବଗଣ ମହାଦେବଙ୍କୁ ସ୍ତୁତି କଲାବେଳେ 'ଜଗନ୍ନାଥ' ଓ 'ପୁରୁଷୋତ୍ତମ' ଶବ୍ଦଦ୍ୱୟ ସମୁଚ୍ଚାରିତ ହୋଉଛନ୍ତି- "ତ୍ୱମାଦିସ୍ତ୍ୱମନାଦିଶ୍ଚ ପ୍ରକୃତେସ୍ତ୍ୱଂ ପରଃ ପୁମାନ୍। ବିଶ୍ୱେଶ୍ୱରୋ ଜଗନ୍ନାଥୋ ନିର୍ବିକାରଃ ପରାତ୍ପରଃ।। ମହାଦେବ ପରେଶାନ କରୁଣାକର ଶଙ୍କର। ପ୍ରସୀଦ ଦେବଦେବେଶ ପ୍ରସୀଦ ପୁରୁଷୋତ୍ତମ।।"

ଆହୁରି ମଧ୍ୟ ଏହି ପୁରାଣାନ୍ତର୍ଗତ-ବାୟବୀୟସଂହିତା-ପୂର୍ବଖଣ୍ଡ (୬/୨୦-୨୪) ରେ ପରଂବ୍ରହ୍ମ-ଶିବଙ୍କ ସ୍ୱରୂପ ନିରୂପଣବେଳେ ପୁରୁଷୋତ୍ତମ-ଶ୍ରୀଜଗନ୍ନାଥଙ୍କଠାରେ ଆରୋପିତ ବେଦାନ୍ତ ଓ ଶ୍ରୀମଦ୍‌ଭଗବଦ୍ଗୀତାସମୁକ୍ତ ବ୍ରହ୍ମତତ୍ତ୍ୱର ସମତା ଅବିକଳ ପରିଲକ୍ଷିତ ହୋଇଥାଏ। ଯଥା- "ସର୍ବାନନ-ଶିରୋଗ୍ରୀବଃ ସର୍ବଭୂତଗୁହାଶୟଃ। ସର୍ବବ୍ୟାପୀ ଚ ଭଗବାଂସ୍ତସ୍ମାତ୍ସର୍ବଗତଃ ଶିବଃ।। ସର୍ବତଃ ପାଣିପାଦୋଽୟଂ ସର୍ବତୋଽକ୍ଷିଶିରୋମୁଖଃ। ସର୍ବତଃଶ୍ରୁତିମାଁଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି।। ସର୍ବେନ୍ଦ୍ରିୟଗୁଣାଭାସଃ ସର୍ବେନ୍ଦ୍ରିୟବିବର୍ଜିତଃ। ସର୍ବସ୍ୟ ପ୍ରଭୁରୀଶାନଃ ସର୍ବସ୍ୟ ଶରଣଂ ସୁହୃତ୍।। ଅଚକ୍ଷୁରପି ଯଃ ପଶ୍ୟତ୍ୟକର୍ଣ୍ଣୋଽପି ଶୃଣୋତି ଯଃ। ସର୍ବଂ ବେତ୍ତି ନ ବେତ୍ତାଽସ୍ୟ ତମାହୁଃ ପୁରୁଷଂ ପରମ୍।। ଅଣୋରଣୀୟାନ୍ ମହତୋ ମହୀୟାନୟମବ୍ୟୟଃ। ଗୁହାୟାଂ ନିହିତଶ୍ଚାପି ଜନ୍ତୋରସ୍ୟ ମହେଶ୍ୱରଃ।।"

ପୁରୁଷୋତ୍ତମ-ଭଗବାନ୍‌ଙ୍କ ଉଦ୍ଦେଶ୍ୟରେ ଶ୍ରୀମଦ୍‌ଭଗବଦ୍ଗୀତା (୧୦/୩୦)ଙ୍କ ଉକ୍ତି- "କାଳଃ କଳୟତାମହମ୍"ର ଅନୁରୂପ ଶିବମହାପୁରାଣର ବାୟବୀୟସଂହିତା-ପୂର୍ବଖଣ୍ଡ(୭/୬)ରେ ଶିବଙ୍କ ତେଜକୁ 'କାଳ' ବୋଲି କୁହାଯାଇଛି- "କଳାକାଷ୍ଠାନିମେଷାଦିକଳାକଳିତବିଗ୍ରହମ୍। କାଳାମ୍ନେତି ସମାଖ୍ୟାତଂ ତେଜୋ ମାହେଶ୍ୱରଂ ପରମ୍।।" ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ବ୍ରହ୍ମାତ୍ମକ ମହାଦେବ-ଶିବ ଓ ବ୍ରହ୍ମଭୂତ ମହାବିଷ୍ଣୁ-ଜଗନ୍ନାଥ ଉଭୟ 'କାଳ'।

ସେହି ପୁରାଣ-ପୁରୁଷୋତ୍ତମଙ୍କୁ ପ୍ରାଣରୁ ପ୍ରଣାମ।


ପ୍ରସ୍ତୁତି: ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ମୋ- ୯୪୩୭୫୬୭୩୨୪




## ସେବା ପଛ, ସେଲ୍‌ଫି ଆଗ

ଭକ୍ତଙ୍କୁ ସେବା ଯୋଗାଇଦେବା ପାଇଁ ଆସିଥିଲେ ଏକାଧିକ ସ୍ୱେଚ୍ଛାସେବୀ ସଙ୍ଗଠନ। ରଥ କର୍ଡ଼ନ ଭିତରେ ବହୁ ସଙ୍ଗଠନର ସ୍ୱେଚ୍ଛାସେବୀ ରହିଥିଲେ। ସେମାନେ ଭକ୍ତଙ୍କୁ ବିଭିନ୍ନ ପ୍ରକାର ସେବା ମଧ୍ୟ ଯୋଗାଇ ଦେଉଥିଲେ। ହେଲେ କେତେଜଣ ସ୍ୱେଚ୍ଛାସେବୀ ସେଲ୍‌ଫିକୁ ଅଗ୍ରାଧିକାରୀ ଦେଉଥିବା ଦେଖିବାକୁ ମିଳିଥିଲା। ସୁଯୋଗ ପାଇବା ମାତ୍ରେ ସେମାନେ ସେଲ୍‌ଫି ନେଉଥିଲେ ନଚେତ୍ ଅନ୍ୟ କାହା ହାତକୁ ମୋବାଇଲ ବଢ଼ାଇ ବିଭିନ୍ନ ପ୍ରକାର ଫଟୋ ଉଠାଉଥିଲେ। କିଏ ରଥ ଦଉଡ଼ି ସଙ୍ଗରେ ତ ପୁଣି କିଏ ତିନିରଥ ଆଗରେ ଠିଆ ହୋଇ ସେଲ୍‌ଫି ଷ୍ଟିକ୍‌ରେ ସେଲ୍‌ଫି ନେଉଥିଲେ। ବିଶେଷକରି ବେଶଧାରୀ ଏବଂ ମହାପ୍ରଭୁଙ୍କ ରଥ ସମ୍ମୁଖରେ ନୃତ୍ୟ କରିବାକୁ ଆସିଥିବା ନୃତ୍ୟଶିଳ୍ପୀଙ୍କ ସହ ମଧ୍ୟ ସେଲ୍‌ଫି ନେବାର ସୁଯୋଗ ଛାଡୁ ନ ଥିଲେ ଏହି ସ୍ୱେଚ୍ଛାସେବୀମାନେ।



## ଆକର୍ଷଣ ସାଜିଲେ ବେଶଧାରୀ

ପ୍ରତିବର୍ଷ ରଥଯାତ୍ରାରେ ବହୁ ସଂଖ୍ୟକ ବେଶଧାରୀ ସାମିଲ ହୁଅନ୍ତି। କିଏ ହନୁମାନ ତ ଆଉ କେହି ଶିବ, ଗଣେଶ, କାଳୀ, ଦୁର୍ଗା, ନାଗା ଆଦି ବେଶ ଧାରଣ କରି ସେମାନଙ୍କ କଳା କୌଶଳ ପ୍ରଦର୍ଶନ କରିଥାନ୍ତି। ଏଥର ବହୁ ସଂଖ୍ୟକ ବେଶଧାରୀଙ୍କୁ କର୍ଡନ ଭିତରେ ଦେଖିବାକୁ ମିଳିଥିଲା। ବିଶେଷକରି ଶିବ, ହନୁମାନ ବେଶଧାରୀ ପ୍ରମୁଖ ଆକର୍ଷଣ ସାଜିଥିଲେ। ଶିବଙ୍କ ତାଣ୍ଡବ ନୃତ୍ୟ ସାଙ୍ଗକୁ ହନୁମାନ ବେଶଧାରୀଙ୍କ ବିଭିନ୍ନ ପ୍ରକାର ଅଙ୍ଗଭଙ୍ଗୀକୁ ଦେଖି ତାଙ୍କ ସହ ସେଲ୍‌ଫି ଏବଂ ଫଟୋ ଉଠାଉଥିଲେ ଶ୍ରଦ୍ଧାଳୁ। ସେହିପରି ସୁଦାମା ବେଶଧାରୀଙ୍କ ବନ୍ଧୁତ୍ୱର କଥା ସମସ୍ତଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ବଳରାମଙ୍କ ବେଶରେ ଜଣେ ଭକ୍ତ ଲଙ୍ଗଳ ଧରି ବୁଲୁଥିବା ମଧ୍ୟ ଦେଖିବାକୁ ମିଳିଥିଲା।





## ପାଣି ସ୍ପ୍ରେ କରି ଅଗ୍ନିଶମବାହିନୀ ନାକେଦମ୍

ରବିବାର ପାଗ ଗୁଳୁଗୁଳିଆ ରହିଥିଲା। ମଝିରେ ମଝିରେ ଯଦିଓ ଖରା ସାମାନ୍ୟ କମିଯାଉଥିଲା କିନ୍ତୁ ପ୍ରବଳ ଗୁଳୁଗୁଳି ହେଉଥିଲା। ଏଥିଯୋଗୁ ଅସ୍ତବ୍ୟସ୍ତ ହୋଇପଡୁଥିଲେ ଶ୍ରଦ୍ଧାଳୁ। ଏହି ସମୟରେ ଅଗ୍ନିଶମ ବାହିନୀ ପକ୍ଷରୁ ପାଣି ସ୍ପ୍ରେ କରାଯାଉଥିଲା। କର୍ଡନ ହେଉ କି ବଡ଼ଦାଣ୍ଡ ବିଭିନ୍ନ ସ୍ଥାନରେ ନିୟମିତ ପାଣି ସ୍ପ୍ରେ କରି ନାକେଦମ୍ ହୋଇପଡୁଥିଲେ ଅଗ୍ନିଶମ ବାହିନୀ କର୍ମଚାରୀ ଓ ସ୍ୱେଚ୍ଛାସେବୀ। କିନ୍ତୁ ସେମାନେ ତାଙ୍କ ଡ୍ୟୁଟିରେ ଖିଲାପ ନ କରି ଯଥାସମ୍ଭବ ଭକ୍ତଙ୍କୁ ଖରାତାତି ଏବଂ ଗୁଳୁଗୁଳିରୁ ରକ୍ଷା କରିବା ଲାଗି ଚେଷ୍ଟା କରୁଥିଲେ।

ବିଭିନ୍ନ ସ୍ଥାନରେ ଘୋଷଯାତ୍ରା

# ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ରଥଦାଣ୍ଡ



ମୋରଡ଼ା, ୭।୭(ସମିସ): ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା, ରାସଗୋବିନ୍ଦପୁର ଏବଂ ଶୁଳିଆପଦା ବ୍ଲକର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଚିତ୍ରଡାରେ ଥିବା ଧର୍ମକ୍ଷେତ୍ରରେ ରବିବାର ମହାପ୍ରଭୁଙ୍କ ପହଣ୍ଡି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଜୁଲାଇ ୭ ତାରଖରୁ ମହାଆଡମ୍ବରରେ ରଥଯାତ୍ରା ପାଳନ କରାଯିବା ନେଇ ଚିତ୍ରଡା ଶ୍ରୀ ଜଗନ୍ନାଥ ମନ୍ଦିର କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମହାପ୍ରଭୁଙ୍କ ରଥଯାତ୍ରା ଉପଲକ୍ଷେ ମନ୍ଦିର ପ୍ରାଙ୍ଗଣରେ ପ୍ରସିଦ୍ଧ ମେଳା ମଧ ୮ ତାରିଖରୁ ୧୯ ପର୍ଯ୍ୟନ୍ତ ୧୨ ଦିନ ମେଳା ବସିବ ବୋଲି କମିଟି ସଭାପତି ମନୋଜ ମହାନ୍ତ ସୂଚନା ଦେଇଛନ୍ତି। ତେବେ ଦୀର୍ଘ ତିନି ହେଲା ଏହି ମେଳା ଅନୁଷ୍ଠିତ ହୋଇଆସୁଛି। ପଡ଼ିଆ ସଫାସୁତୁରା ରଖିବା ସହିତ ଚୋରି ନିୟନ୍ତ୍ରଣ କରିବା ପାଇଁ ମନ୍ଦିର ସମ୍ମୁଖରେ ମୋରଡ଼ା ବ୍ଲକ ଡ୍ରାଇଭର ସଂଘର କର୍ମକର୍ତ୍ତା ଷ୍ଟଲ ଲଗାଇଛନ୍ତି। ରବିବାର ସକାଳ ୯ଟାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ନବଯୌବନ ବେଶ ଦର୍ଶନ କରାଇ ଦିନ ୪ଟା ୩୦ ସମୟରେ ମହାପ୍ରଭୁ ପହଣ୍ଡି ବିଜେ କରିଛନ୍ତି। ପ୍ରଥମେ ମା' ଭୈରବୀଙ୍କ ପୀଠରୁ ରଥ ଉପରକୁ ଆଜ୍ଞାମାଳ ଆସିଥିବା ବେଳେ ୧୨ ଜଣ ଦଇତାପତି ତିନି ଠାକୁରଙ୍କ ଝୁଲାଇ ଝୁଲାଇ ରଥକୁ ଆଣିଥିଲେ। ତେବେ ଆଜି ରଥକୁ ୩ ହାତ ଗଡ଼ାଯାଇ ରଖି ଦିଆଯାଇଥିଲା। ତେବେ ବର୍ଜ୍ୟବସ୍ତୁ ସୁପରିଚାଳନା ପାଇଁ ମେଳାରେ ଦୋକାନ ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ନିଜ ଦୋକାନ ଓ ଅନୁଷ୍ଠାନ ସମ୍ମୁଖରେ ଡଷ୍ଟବିନ ରଖିବାକୁ ଅନୁରୋଧ କରାଯାଇଛି। ସେହିପରି ମୋରଡ଼ା, ଝିଙ୍କିରିଆ, ମାଳିହତା, ଖୁରୁଣ୍ଟିଆ ଆଦି ସ୍ଥାନରେ ମଧ ରଥଯାତ୍ରା ପାଳିତ ହୋଇଛି।

**ଶୁକ୍ଳି** : ଶୁକ୍ଳି ଶ୍ରୀଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଥମେ ରାଜା ସଚ୍ଚିଦାନନ୍ଦ ଦେବଙ୍କୁ



ଶଙ୍ଖ ଘଣ୍ଟ ହୁଳହୁଳି ନାଦରେ ବିଜେ କରାଯାଇଥିଲା। ପରେ ରାଜାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ଅପରାହ୍ଣ ୪ଟା ସମୟରେ ପହଣ୍ଡି ବିଜେ ହୋଇଥିଲା। ପୂଜକ ଧବଳେଶ୍ୱର ପାଣିଗ୍ରାହୀ, ତ୍ରିଲୋଚନ ଦାଶ ଓ ପ୍ରସନ୍ନ କୁମାର ପଣ୍ଡା ଶ୍ରୀ ଜୀଉମାନଙ୍କ ପୂଜାର୍ଚ୍ଚନା କରିଥିଲେ। ପ୍ରଶାନ୍ତ କୁମାର ମହାନ୍ତି, କାହ୍ନୁଚରଣ ଗିରି ଓ ଡ଼ଃ ସଂଗ୍ରାମ କେଶରୀ ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶୁକ୍ଳି ସ୍ନାତକ ମହାବିଦ୍ୟାଳୟର ସ୍କାଉଟ ଛାତ୍ରଛାତ୍ରୀ ଖେଳ ଶିକ୍ଷକ ପ୍ରଶାନ୍ତ କୁମାର ମାଝିଙ୍କ ନେତୃତ୍ୱରେ ଦହି ସର୍ବତ ଓ ଟଙ୍କ ତୋରାଣି ସେବା ଯୋଗାଇ ଦେଇଥିଲେ।

**ଖୁଣ୍ଟିଂ** : ମୟୂରଭଞ୍ଜ ଜିଲ୍ଲା ଶୁକ୍ଳି ବ୍ଲକର ଖୁଣ୍ଟିଂଠାରେ ପରମ୍ପରା ଅନୁଯାୟୀ ଶ୍ରୀ ଜଗନ୍ନାଥଙ୍କ ଦ୍ୱିତୀୟ ବାର୍ଷିକ ପବିତ୍ର ଘୋଷଯାତ୍ରା ବିପୁଳ ଉତ୍ସାହ ଉଦ୍ଦୀପନାର ସହ ପାଳିତ ହୋଇଛି। ପ୍ରତ୍ୟୁଷରୁ ପୁରୋହିତ ଦିଲ୍ଲୀପ କୁମାର ପାଣିଗ୍ରାହୀ ଠାକୁରଙ୍କ ସମସ୍ତ ନୀତିକାନ୍ତି ସମ୍ପନ୍ନ କରିବା ପରେ ଚତୁର୍ଦ୍ଧା ବିଗ୍ରହ ପହଣ୍ଡିରେ ଆସି ସୁସଜ୍ଜିତ ରଥରେ ବିଜେ କରିଥିଲେ। ରଥ ଉପରେ ଠାକୁରଙ୍କୁ ଭୋଗ, କର୍ପୁର, ଆଳତୀ ଓ ପୁଷ୍ପାଞ୍ଜଳି ଅର୍ପଣ କରାଯିବା ପରେ ପୂର୍ବାହ୍ଣ ୧୧ଟାରେ ରଥଟଣା ଯାଇଥିଲା। ଘଣ୍ଟ ଓ ସଂକୀର୍ତ୍ତନ ସହ ସ୍ୱତନ୍ତ୍ରଭାବେ ମହିଳା ଓ କୁନି ଶ୍ରଦ୍ଧାଳୁମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ରଥକୁ ଘଡେଇକୁଦର, ପଣସି, ପାର୍ବତୀପୁର ଗ୍ରାମ ଦେଇ ଖୁଣ୍ଟିଂସ୍ଥିତ ମାଉସୀ



ମା' ମନ୍ଦିରକୁ ଆଣିଥିଲେ। ଇଂ. ସୁଶାନ୍ତ କୁମାର ନାଏକଙ୍କ ମୁଖ୍ୟ ପୃଷ୍ଠପୋଷାକତାରେ ଆୟୋଜିତ ମହାପ୍ରଭୁଙ୍କ ଏହି ଭବ୍ୟ ଉତ୍ସବରେ ମନ୍ମଥ କୁମାର ନାଏକ, ହରିଶ ଚନ୍ଦ୍ର ନାଏକ, ଅମରନାଥ ବେହେରା, ଲୋଚନ ନାଏକ, ଉମାକାନ୍ତ ମହାନ୍ତ, ହରେକୃଷ୍ଣ ନାଏକ ସମେତ ସ୍ଥାନୀୟ ଯୁବକ ସଂଘର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ଦେଖିବାକୁ ମିଳିଥିଲା।

**ବଡସାହି/ମାଣତ୍ରୀ:** ବଡସାହି ବ୍ଲକ ମାଣତ୍ରୀସ୍ଥିତ ପ୍ରସିଦ୍ଧ ହରିହର ପୀଠରେ ଜଗନ୍ନାଥ ଦଧିବାମନ ରୂପରେ ପୂଜା ପାଉଥିବା ବେଳେ ଏଠାରେ ପରମ୍ପରା ଅନୁସାରେ ରଥଯାତ୍ରା ଧୂମଧାମରେ ପାଳିତ ହୋଇଛି। ଶନିବାର ରଥ ଦକ୍ଷିଣମୋଡ ନେବା ପରେ ରବିବାର ପାରମ୍ପରିକ ରୀତିରେ ଦିଅଁମାନଙ୍କ ଗୁଣ୍ଡିଚା ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପୂର୍ବାହ୍ଣରେ ଜଗନ୍ନାଥଙ୍କୁ ପହଣ୍ଡି କରାଯାଇଥିଲା। ଠାକୁରଙ୍କୁ ରଥକୁ ଆଣିବା ସମୟରେ ସମସ୍ତ ପ୍ରକାର ନିତୀକାନ୍ତି କରାଯିବା ସହିତ ପଶ୍ଚିମାମୁଖି ରଖାଯାଇ ବାଟ ଭୋଗ ଓ ଆଳତି କରାଯାଇଥିଲା। ସଂକୀର୍ତ୍ତନ ମଣ୍ଡଳୀଙ୍କ ଗହଣରେ ଠାକୁରଙ୍କୁ ରଥ ଚତୁଃପାର୍ଶ୍ୱରେ ବୁଲାଯିବ ସହିତ ରଥାରୋହଣ କରାଯାଇଥିଲା। ଏହାପରେ ରଥରେ ରଥ ଭୋଗ କରାଯିବ ପରେ ରଥଟଣା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଶହଶହ ଲୋକଙ୍କ ଗହଳିରେ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇ ଥିବା ବେଳେ ଜୟ ଜଗନ୍ନାଥ ଧ୍ୱନିରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ମନ୍ଦିର ପରିଛା ପ୍ରଦୀପ କୁମାର ପଣ୍ଡା ଓ ବଡପଣ୍ଡା ମାନସ ରଞ୍ଜନ ପଣ୍ଡା ଏହାକୁ ପରିଚାଳନା କରିଥିଲେ। ଠାକୁର ମାଉସୀମା ମନ୍ଦିରରେ ପହଞ୍ଚିବା ପରେ ସେଠାରେ ମହାସ୍ନାନ କରାଯାଇ ବିଭିନ୍ନ ପ୍ରକାର ଭୋଗ ସହିତ କ୍ଷୀରି, କାକରା ଓ ମହନ ଭୋଗଲାଗି ହୋଇଥିଲା। ସେହିପରି ବଡସାହି, ଦେଉଳିଆ, କେନ୍ଦୁଡିହା, ଗଜଡି, ଗୁଡିଆଲବନ୍ଧ ଓ ଗେଣ୍ଡାଗଡ଼ିଆରେ ମଧ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୋମବାର ପ୍ରତାପପୁର, ତାଳପଦା ଓ ଛେଳିଆଠାରେ ରଥଯାତ୍ରା ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ କଇଁଫୁଲିଆରେ ରଥଯାତ୍ରା ଆରମ୍ଭ ହୋଇ ଦିଅଁମାନେ ଅଧାବାଟରେ ଅଟକିଛନ୍ତି। ଅନ୍ୟପକ୍ଷରେ ସବୁ ବର୍ଷ ପରି ବାଲେଶ୍ୱର ଓ ମୟୁରଭଞ୍ଜ ସୀମାନ୍ତ ରଥଯାତ୍ରାରେ ତିନି ଦିଅଁ ଗୋଟିଏ ରଥରେ ପଡୋଶୀ ବାଲେଶ୍ୱର ଜିଲ୍ଲାର ରାଉତୁରାପୁର ମନ୍ଦରରୁ ବାହାରି ମୟୂରଭଞ୍ଜ ଚେଙ୍ଗୁଆ-ମଙ୍ଗଳପୁର ଗ୍ରାମରେ ଥିବା ମାଉସୀମା ମନ୍ଦିରରେ ପହଞ୍ଚିଛନ୍ତି।

**ଯଶିପୁର:** ଯଶିପୁରର ଅଞ୍ଚଳର ବିଭିନ୍ନ ସ୍ଥାନରେ ରବିବାର ମହାସମାରୋହରେ ଘୋଷଯାତ୍ରା ପାଳିତ ହୋଇଯାଇଛି। ମାଟିଆଗଡ଼, ବାଲିଯୋଡି, ନେବଦା, ଗଡ଼ତଳସାହି ଗ୍ରାମରେ ରୀତିନୀତିରେ ପହଣ୍ଡି ହୋଇ କାଳିଆ ଠାକୁରଙ୍କ ସହ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ରଥ ଉପରକୁ ଅଣାଯାଇଥିଲା। ମାଟିଆଗଡ଼ରେ ହିମାଂଶୁଶେଖର ସେଠୀ, ନେବଦାରେ ଅମରେନ୍ଦ୍ର ମହାନ୍ତ,



ବାଲିଯୋଡିରେ ସାମ୍ବାଦିକ ବିରଞ୍ଚି ନାରାୟଣ ସାହୁ, ଗଡତଳସାହିରେ ସନଜ ବାରିକ ଛେରାପହଁରା କରିଥିଲେ। ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଲା ବଡଦାଣ୍ଡ। ଶହ ଶହ ଭକ୍ତଗଣ ସାମିଲ ହୋଇ ରଥ ଟାଣିଥିଲେ।

**କରଞ୍ଜିଆ:** କରଞ୍ଜିଆରେ ଚଳିତ ବର୍ଷ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଛି। ପ୍ରଭୁ ରତ୍ନ ସିଂହାସନରୁ ଅବତରଣ କରି ରଥରୂଢା ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଜଗନ୍ନାଥଙ୍କ ସହିତ ପ୍ରଭୁ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ପହଣ୍ଡି କରାଯାଇ ନିଜ ରଥରେ ବିଜେ କରାଇଥିଲେ। ପଣ୍ଡିତ ସନ୍ତୋଷ କୁମାର ମିଶ୍ର ଛେରା ପହଁରା କରିବା ପରେ ଭକ୍ତମାନେ ରଥ ଟାଣିଥିଲେ। ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିଲେ। ପରମ୍ପରା ଅନୁସାରେ, ରଥ ଆଜି ମହାନ୍ତି ସାହି ଛକରେ ଅଟକିଥିଲେ। ସେଠାରେ ଭକ୍ତମାନଙ୍କୁ ଦର୍ଶନ





ସାରସକଣା ଶ୍ରୀଜଗନ୍ନାଥ ପୀଠରେ ମହାପ୍ରଭୁ ସାରସକ୍ଷେତ୍ରାଧିପତିଙ୍କ ନବଯୌବନ ଦର୍ଶନ

ଦେଇଥିଲେ। ଆସନ୍ତାକାଲି ଠାକୁର ମାଉସୀ ମା' ମନ୍ଦିରରେ ପହଞ୍ଚିବେ। ସେଠାରେ ୮ ଦିନ ରହିବା ପରେ ନବମ ଦିନ ପୁଣି ନିଜ ମନ୍ଦିରକୁ ଫେରିବେ। ସେହିପରି କରଞ୍ଜିଆ ସହରର ବିଭିନ୍ନ ସାହିରେ ମଧ କୁନି କୁନି ଭକ୍ତ ରଥଟାଣିଥିଲେ।

**ମହୁଲଡିହା:** ଠାକୁରମୁଣ୍ଡା ବ୍ଲକର ୮ଟି ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଠାକୁରମୁଣ୍ଡାରେ ଅନୁଷ୍ଠିତ ରଥଯାତ୍ରା କାର୍ଯ୍ୟକ୍ରମ ଅବସରରେ ଅପରାହ୍ଣରେ ନେତ୍ର ଉତ୍ସବ ଓ ରଥ ପ୍ରତିଷ୍ଠା ନୀତି ଶେଷ ହେବାପରେ ସନ୍ଧ୍ୟା ୫ଟା ପରେ ପ୍ରଥମେ ସୁଦର୍ଶନଙ୍କୁ ଛେରା ପହଁରା କରାଯାଇ ରଥାରୂଢ କରାଗଲା। ପରେ ଛେରା ପହଁରା କରି ୩ ଦିଅଁଙ୍କୁ ପହଣ୍ଡି କରାଯାଇ ରଥାରୂଢ କରାଯାଇଥିଲା। ବସନ୍ତ ପୈବର୍ତ୍ତୀ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ରଥ ଟଣା କାର୍ଯ୍ୟ ଆରମ୍ଭ କରାଯାଇ ରଥ ଠାକୁରମୁଣ୍ଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅଟକି ଥିଲା। ପ୍ରତି ବର୍ଷ ଏହି ରଥ ଯାତ୍ରା ଦୁଇ ଦିନ ଧରି ପାଳିତ ହେଉଥିବା ବେଳେ ସୋମବାର ପୁଣି ରଥ ଟଣାଯାଇ ରଥ ମାଉସୀ ମା ମନ୍ଦିର ନିକଟରେ ପହଞ୍ଚିବ। ସେହିପରି ଦିଗଧର, ବୋଚିଂ, ପତ୍ରପଡ଼ା, ଖମଡ଼ିହା, କେଶଡ଼ିହା, ଖେଡ଼ିଆପଶି ଓ ବାଲିଘାଟରେ ମଧ ମହାସମାରୋହରେ ରଥଯାତ୍ରା ଅନୁଷ୍ଠିତ ହୋଇଛି।



## ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

ଉଦଳା, ୭।୭(ସମିସ): ଉଦଳା ବିଧାୟକ ଭାସ୍କର ମଢେଇଙ୍କ ନିର୍ଦ୍ଦେଶ କ୍ରମେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ହିନ୍ଦୁ ବିରୋଧି ମନ୍ତବ୍ୟ ବିରୋଧରେ ବାସନ୍ତୀ ମଣ୍ଡପ ଛକଠାରେ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଯୁବ ମୋର୍ଚ୍ଚା ଜିଲ୍ଲା ସମ୍ପାଦକ ପ୍ରାଚ୍ୟସୁମନ ମହାନ୍ତି ଏବଂ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ସାଏବାବୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ମୋଦି, ନଗରପାଳ



ପ୍ରମିଳା ପଣ୍ଡା, ଜିଲ୍ଲା ମହିଳାମୋର୍ଚ୍ଚା ଉପସଭାପତି ମମତା ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରାଣକୃଷ୍ଣ ବେରା, ବରିଷ୍ଠ ନେତା କମଳ କୁମାର ଧଳ, ପ୍ରଭାତ ପରିଡ଼ା, ଶରତ ଚନ୍ଦ୍ର ଦାସ, ବିଭୁତି ମହାନ୍ତ, ନଗର ସଭାପତି ଧୀରେନ୍ଦ୍ର ଖଣ୍ଡେଲୱାଲ, କାଉନସିଲର ବିଶ୍ୱରଞ୍ଜନ ମୋଦୀ, ଜିତେନ୍ ଦତ୍ତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଦର୍ଶ ଜେନା, ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ହୋ ଭାଷା ଲିପି ଶିକ୍ଷକ ପାଇଁ ପରୀକ୍ଷା ଦେଲେ ୨୦୪ ଆଶାୟୀ

କରଞ୍ଜିଆ, ୭।୭(ସମିସ): କରଞ୍ଜିଆ ବଣସାହି ସ୍ଥିତ ହୋ ସମାଜ ସାଂସ୍କୃତିକ ଭବନରେ ହୋ ଭାଷା ଲିପିର ଶିକ୍ଷକ ନିଯୁକ୍ତି ପରୀକ୍ଷା ଆଜି ଅନୁଷ୍ଠିତ ହୋଇଯାଇଛି। ବୀର ବିର୍ସାମୁଣ୍ଡା ଟ୍ରଷ୍ଟ ଏବଂ ହୋ ଛାତ୍ର ସଂଗଠନ ଓଡ଼ିଶା ତରଫରୁ ୱାରାଙ୍ଗିତି ଲିପିର ପ୍ରସାର ପାଇଁ ଓଡ଼ିଶାର ୭ଟି ଜିଲ୍ଲାର ୪୦ଟି କେନ୍ଦ୍ରରେ ଶିକ୍ଷାଦାନ କରାଯାଉଛି। ଆଜିର ପରୀକ୍ଷାରେ ମୋଟ ୨୦୪ ଆଶାୟୀ ଭାଗ



ନେଇଥିଲେ। ବୀର୍ସାମୁଣ୍ଡା ଟ୍ରଷ୍ଟର ପରିଚାଳନା ନିର୍ଦ୍ଦେଶକ ମଙ୍ଗଳ ସିଙ୍କୁ, କାର୍ଯ୍ୟକାରୀ ସଦସ୍ୟ ଗଣେଶ ଗାଗରାଇ, ଗୌରାଙ୍ଗ ବ ାନ୍ଦିଆ, କାହ୍ନୁ ବାନ୍ଦିଆ, ମାନସ ପୂର୍ତ୍ତି, ହୋ ଷ୍ଟୁଡେଣ୍ଟ ୟୁନିୟନର ଉପଦେଷ୍ଟା ଲକ୍ଷ୍ମୀଧର ସିଂ, ହୋ ସମାଜ ସାଂସ୍କୃତିକ ଭବନର ସମ୍ପାଦକ ବାଗୁନ ସୁନ୍ଦି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସାମାୟ ପୂର୍ତ୍ତି, ବୀରେନ ତିଉ, ଦେବରାଜ ମୁଣ୍ଡା, କୁନା କଣ୍ଡେୟା ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ।

## ଶ୍ରାଦ୍ଧ ଦିବସରେ ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି

ବେତନଟୀ, ୭।୭(ସମିସ): ପୁଣ୍ୟାତ୍ମା ଗାପବନ୍ଧୁ ଦାଶଙ୍କ ୯୬ତମ ଶ୍ରାଦ୍ଧ ଦିବସ ଅବସରରେ ବେତନଟୀ ସମାଜ ଓ ସିଭିଲ ସୋସାଇଟି ତରଫରୁ ମିଳିତଭାବେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସନ୍ଧ୍ୟାରେ ସ୍ଥାନୀୟ ରେଳ ଷ୍ଟେସନ ପରିସରରେ ଅନୁଷ୍ଠିତ ସଭାରେ ଭାସ୍କର ଚନ୍ଦ୍ର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାର ଉଦ୍ଦେଶ୍ୟଜ୍ଞାପନ ଓ ପ୍ରାରମ୍ଭିକ ସୂଚନା ସମାଜ ବେତନଟୀର ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ଓତା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ସୋସାଇଟିର ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି, ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ସମ୍ମାନିତ ବକ୍ତା ବାସୁଦେବ ନାପିତ, ସହଦେବ ଗିରି, ସନ୍ତୋଷ କୁମାର ଖଣ୍ଡା ପ୍ରମୁଖ ସ୍ୱର୍ଗତ ଗୋପବନ୍ଧୁଙ୍କ ଜୀବନ ଦର୍ଶନ ଓ କାର୍ଯ୍ୟାବଳୀ ସମ୍ବନ୍ଧରେ ଆଲୋଚନା କରିଥିଲେ। ପଣ୍ଡିତ ଗୋପବନ୍ଧୁଙ୍କ ବାରିପଦା ଆଗମନ, ରହଣୀ ଓ ଓକିଲ ଭାବେ କାର୍ଯ୍ୟାଦି ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଓଡ଼ିଶାରେ ବନ୍ୟା ଆସିଲେ, ଗୋପବନ୍ଧୁଙ୍କ ତ୍ୟାଗପୂତ ସେବା ହିଁ ମନେପଡେ ବୋଲି ବ୍ୟକ୍ତାମାନେ ପ୍ରକାଶ କରିଥିଲେ। ସଭାରେ ରାଧାକ୍ରିଷ୍ଣ ପାତ୍ର, ହରେନ୍ଦ୍ରନାଥ ବାରିକ, ହରେକୃଷ୍ଣ ବିଶ୍ୱାଳ, ବିଜୟ କୁମାର ଦ୍ୱିବେଦୀ, ରବୀନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ ବନ ମହୋତ୍ସବ

## ବିଜୁ ପଟ୍ଟନାୟକ ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ ପୁରସ୍କାର ପ୍ରଦାନ

ବାରିପଦା, ୭।୭(ସମିସ): ଗୋବର୍ଦ୍ଧନଷୋଳ ସ୍ଥିତ ସ୍ମୃତିବନାରେ ୭୫ତମ ଜିଲ୍ଲାସ୍ତରୀୟ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବନଖଣ୍ଡ ବିଭାଗ ଦ୍ୱାରା



ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଜୁ ପଟ୍ଟନାୟକ ଜଙ୍ଗଲ ସୁରକ୍ଷା ଏବଂ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଉପସ୍ଥିତ ଅନ୍ୟାନ୍ୟ ଅତିଥିଙ୍କ ସହିତ ବିଭିନ୍ନ ଚାରା ରୋପଣ କରିଥିଲେ। ଜିଲ୍ଲାପାଳ ମିଶନ ଶିମିଳିପାଳ ଏବଂ ମୟୂରଭଞ୍ଜ ଜିଲ୍ଲା ଭଳି ପ୍ରାକୃତିକ ସୌନ୍ଦର୍ଯ୍ୟ ଘେରା ଅଞ୍ଚଳରେ ବୃକ୍ଷର ଆବଶ୍ୟକ ଯେତିକି ବନ୍ୟପ୍ରାଣୀଙ୍କ ଆବଶ୍ୟକ ମଧ ସେତିକି। ଏଣୁ ସରକାରଙ୍କ ଯେଉଁ ମାଆ ପାଇଁ ଗଛଟିଏ ଯୋଜନାକୁ ସଫଳ ରୂପାୟନ ଦେବା ପାଇଁ ଆମେ ସଦାସର୍ବଦା ଚେଷ୍ଟିତ ରହିବା ବୋଲି ଜିଲ୍ଲାପାଳ କହିଥିଲେ। ଏହି ଅବସରରେ ପ୍ରକୃତି ମିତ୍ର, ବନ ସୁରକ୍ଷା ସମିତି ଓ ଇକୋ-ଡେଭଲପମେଣ୍ଟ କମିଟିକୁ ଉପଖଣ୍ଡ ସ୍ତରୀୟ ବିଜୁ ପଟ୍ଟନାୟକ ଜଙ୍ଗଲ ସୁରକ୍ଷା ଏବଂ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଥିଲା। କପ୍ତିପଦା ଉପଖଣ୍ଡ ପାଇଁ କୁଆଁରପାଳ, ବାରିପଦା ଉପଖଣ୍ଡ ପାଇଁ ବ୍ରାହ୍ମଣ ଗାଁ, ପଞ୍ଚପୀଢ଼ ଉପଖଣ୍ଡ ପାଇଁ ସାନ-ଉସକୀ, ବାମନଘାଟି ଉପଖଣ୍ଡ ପାଇଁ ବଡୁଦା, କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବନଖଣ୍ଡ ପାଇଁ ସଜନାପାଳ ଏବଂ କେନ୍ଦୁଝର ସଦର ପାଇଁ ରେବଣା-ଏନ ସୁରକ୍ଷା ସମିତି ଓ ଇକୋ-ଡେଭଲପମେଣ୍ଟ କମିଟିକୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା, ଶିମିଳିପାଳ (ଉତ୍ତର) ଉପ-ନିର୍ଦ୍ଦେଶକ ସାଇ କିରଣ, ଶିମିଳିପାଳ (ଦକ୍ଷିଣ) ଉପ-ନିର୍ଦ୍ଦେଶକ ସମ୍ରାଟ ଗୌଡା, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ହକାରୀ ବନ ସଂରକ୍ଷଣକାରୀ ଅରୁଣ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

ସେଙ୍ଗେଲ ଅଭିଯାନ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର

## ୧୦ରୁ ସମ୍ବିଧାନ ଓ ଜନତନ୍ତ୍ର ଲାଗୁ ଦାବିରେ ଧାରଣା

ବାରିପଦା, ୭।୭(ସମିସ): ଆଦିବାସୀ ସେଙ୍ଗେଲ ଅଭିଯାନ ବାରିପଦା ଜୋନାଲ କମିଟିର ସେଙ୍ଗେଲ ସଭାପତି ସହ ଅଲ୍ ଇଣ୍ଡିଆ ମାଝୀ ପାର୍ଗାନା ମାଡୱା ଓଡ଼ିଶା ପ୍ରଦେଶ କମିଟିର ସେଙ୍ଗେଲ ପାର୍ଗାନା ନାରାନ ମୁର୍ମୁଙ୍କ ନେତୃତ୍ୱରେ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଏସ୍‌ପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ସମସ୍ତ ଆଦିବାସୀ ଗ୍ରାମ ସମାଜରେ ସମ୍ବିଧାନ କାନୁନ ଏବଂ ଗଣତନ୍ତ୍ରକୁ ଲାଗୁ କରାଇବା ପାଇଁ ଆଗାମୀ ୧୦ ତାରିଖରୁ ଅଗଷ୍ଟ ୧୦ ଯାଏ ସଂଗଠନ ସକ୍ରିୟ ଥିବା ୯ଟି ଜିଲ୍ଲାର ସମସ୍ତ ବ୍ଲକ, ଉପଖଣ୍ଡ, ଜିଲ୍ଲା ମୁଖ୍ୟାଳୟ ସହିତ ରାଜଭବନ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା, ଅନଶନ, ରାଲି, ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏ ନେଇ ରାଷ୍ଟ୍ରପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ। ଆଦିବାସୀ ସ୍ୱଶାସନ ବ୍ୟବସ୍ଥା ନାମରେ ଚାଲୁ ବଂଶାନୁଗତ ନିଯୁକ୍ତ ମାଝୀ ପାର୍ଗାନା ଆଦି କୌଣସି କାନୁନ ମାନନ୍ତି ନାହିଁ, ବୁଝନ୍ତି ନାହିଁ, ରାଜତାନ୍ତ୍ରିକ ଭାବରେ ଏକଛତ୍ରବାଦୀ ଶାସନ ପ୍ରତ୍ୟେକ ଗ୍ରାମରେ ଜାରି ଥିବାରୁ ଆଦିବାସୀ ଗ୍ରାମ ସମାଜ ଗୁଲାମିର ଜୀବନ ବିତାଇବାକୁ ବାଧ ହେଉଛି। ଅର୍ଥାତ୍ ସମ୍ବିଧାନ କାନୁନ ଏବଂ ଗଣତନ୍ତ୍ର ଲାଗୁ ନ ଥିବାରୁ ଆଦିବାସୀ ଗ୍ରାମରେ ଡାହାଣୀ ନାମରେ ହତ୍ୟା କରିବା, ସାମାଜିକ ବହିଷ୍କାର (ବାସନ୍ଦ), ଅନ୍ଧବିଶ୍ୱାସ, ମନ ଇଚ୍ଛା ଜୋରିମାନା, ନିଶା ସେବନ, ଇର୍ଷା-ଦ୍ୱେଷ, ଆଦିବାସୀ ମହିଳା ବିରୋଧୀ ମାନସିକତା, ଭୋଟ କ୍ରୟ ବିକ୍ରୟ ଆଦି ପରମ୍ପରା ନାମରେ ଜାରି ରହିଛି। ଏଗୁଡିକ ସମାପ୍ତ କରିବା ପାଇଁ



ଆଦିବାସୀ ଗ୍ରାମ ସମାଜରେ ସମ୍ବିଧାନ କାନୁନ ଏବଂ ଗଣତନ୍ତ୍ର ଲାଗୁ କରିବାକୁ ରାଷ୍ଟ୍ରପତିଙ୍କୁ ଦାବିପତ୍ର ଦିଆଯିବ। ସ୍ମାରକପତ୍ର ପ୍ରଦାନ ବେଳେ ବାରିପଦା ଉପଖଣ୍ଡ ସେଙ୍ଗେଲ ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମ, ଜୋନାଲ ଉପସଭାପତି ବାହାଦୁର ମୁର୍ମୁ ଓ ଜୋନାଲ ଯୁବ ସଭାପତି ଲବ କିଶୋର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ସବୁଜ ସୁନ୍ଦର ହେବ ଚମ୍ପୁଆ ଏନ୍ଏସି



ଚମ୍ପୁଆ, ୭।୭ (ସମିସ)

ଆଗାମୀ ଦିନରେ ଚମ୍ପୁଆ ଏନ୍ଏସିରେ ୫ ହଜାର ଚାରା ରୋପଣ କରାଯିବ ବୋଲି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ ସୂଚନା ଦେଇଛନ୍ତି। ଆଜି ବନମହୋତ୍ସବ ସପ୍ତାହ ପାଳନ ଅବସରରେ ତଥା ପବିତ୍ର ଘୋଷଯାତ୍ରା ଦିନ ଏନଏସି ବିଭାଗର ଖତ ଉପଚାର କେନ୍ଦ୍ର ଠାରେ ଅଧ୍ୟକ୍ଷ ଶ୍ରୀ ସାହୁଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଏନ୍ଏସିକୁ ସବୁଜ ସୁନ୍ଦର କରି ଗଢିତୋଳିବା ଲକ୍ଷ୍ୟରେ ଏନଏସି ପକ୍ଷରୁ ପ୍ରାୟ ୫୦୦ ବିଭିନ୍ନ ଉପାଦେୟ ବୃକ୍ଷ ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ସମିତ୍ରା ବେହେରା ନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ। ପ୍ରମୁଖ ଏହି କାର୍ଯ୍ୟକୁ ସୁଭାରମ୍ଭ କରିଥିବା ବେଳେ ସମସ୍ତ କାଉନସିଲର, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛ ସାଥି, ଜଳ ସାଥି ଓ ମିଶନ ଶକ୍ତିର ସଭ୍ୟାମାନେ ଯୋଗଦେଇ ଚାରାରୋପଣ କରିଥିଲେ। ସିଟି ମିଶନ ମ୍ୟାନଜର ଅନୁନ୍ତ ଚରଣ ସାହୁଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ସତିସ୍ ମହାନ୍ତି, ବିଜୟ କୁମାର ମିଶ୍ର, ପ୍ରକାଶ ଚନ୍ଦ୍ର କୁଣ୍ଡୁ ସହଯୋଗ କରିଥିଲେ। ସବୁଜ ଚମ୍ପୁଆ ନିର୍ମାଣ ପାଇଁ ସବୁ ବର୍ଗର ଲୋକ ଆଗେଇ ଆସିବା ସହିତ ପରିବେଶର ସନ୍ତୁଳନତା ପାଇଁ ବୃକ୍ଷ ଏକ ମାତ୍ର ବିକଳ୍ପ ବୋଲି ଶ୍ରୀ ସାହୁ ସୂଚନା ଦେବା ସହିତ ଆଗାମୀ ଦିନରେ ଚମ୍ପୁଆ ଏନ.ଏ.ସି ପକ୍ଷରୁ ନିର୍ମାଣ କରାଯାଇଥିବା ମିନିପାର୍କ ଓ ଖୋଲା ସ୍ଥାନରେ ୫ ହଜାର ବୃକ୍ଷରୋପଣ କରାଯିବ ବୋଲି କାହିଛନ୍ତି।

# ବନ ମହୋତ୍ସବରେ ଚାରାରୋପଣ କଲେ ବିଧାୟକ



**ତେଲକୋଇ, ୭।୭ (ସମିସ):** କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ଜନ ସାଧାରଣଙ୍କୁ ସୁଲଭ ମୂଲ୍ୟରେ ଚାରା ପ୍ରଦାନ କରାଯାଉଥିବା ବେଳେ ବିଭାଗ ପକ୍ଷରୁ ବନାଞ୍ଚଳ ବ୍ୟାପୀ ଚାରାରୋପଣ କାର୍ଯକ୍ୟରମ ଜାରି ରହିଛି। ବନ ବିଭାଗ ପକ୍ଷରୁ ଦେଉଳଡିହା ଗ୍ରାମରେ ଆଜି ବନ ମହୋତ୍ସବ ଆୟୋଜିତ ହୋଇଥିବା ବେଳେ ସ୍ଥାନୀୟ ବିଧାୟକ ଡା. ଫକୀରମୋହନ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ବିଧିବଦ୍ଧ ଭାବେ ଉଦ୍ଯାପନ କରି ଚାରାରୋପଣ କରିଥିଲେ। ପ୍ରାରମ୍ଭରେ ତେଲକୋଇ ବଜାର ମଧ୍ୟରେ ଖୋଲା ଯାଇଥିବା ସୁଲଭ ଚାରା ବଣ୍ଟନ କେନ୍ଦ୍ରରେ ଯୋଗ ଦେଇ ଲୋକଙ୍କୁ ଚାରା ବଣ୍ଟନ କରିଥିଲେ। ତେବେ ଏହି କାର୍ଯ୍ୟକ୍ରମ ଜରିଆରେ ତେଲକୋଇ ବନାଞ୍ଚଳର ବିଭିନ୍ନ ଜଙ୍ଗଲ ଏବଂ ଖୋଲା ସ୍ଥାନ ମାନଙ୍କରେ ପାଖାପାଖି ୪୦ ହଜାରରୁ ଅଧିକ ମୂଲ୍ୟବାନ ଫଳ ଓ ଔଷଧୀୟ ଜାତୀୟ ଚାରାରୋପଣ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ତେଲକୋଇ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓ, ତେଲକୋଇ ବନପାଳ ମଳୟ କୁମାର ଜେନା, ବନରକ୍ଷୀ ପ୍ରଭାତୀ ଦାସ, ପୁଟୁଲୁ ନାୟକଙ୍କ ସମେତ ସମସ୍ତ ବନ କର୍ମଚାରୀ ଓ ବନ୍ୟପ୍ରାଣୀ ସୁରକ୍ଷା କର୍ମୀ ସାମିଲ ହୋଇଥିଲେ।

## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ତେଲକୋଇ, ୭।୭ (ସମିସ):** ତେଲକୋଇ ଥାନା ଖୁଣ୍ଟାପଡ଼ା ପଞ୍ଚାୟତ ଗୁଣ୍ଡୁରିଯୋଡ଼ା ଗ୍ରାମରେ ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ସୁରେଶ ପ୍ରଧାନ (୨୮)। ତେବେ ସୂଚନା ମୁତାବକ ସୁରେଶ ପଞ୍ଚାୟତ କାର୍ଯ୍ୟାଳୟକୁ ରାସନ୍ ଚାଉଳ ଆଣିବାକୁ ଯାଇଥିଲେ। ସେଠାରୁ ଚାଉଳ ଗ୍ରହଣ କରି ଅନ୍ୟଜଣେ ବନ୍ଧୁଙ୍କ ହାତରେ ଚାଉଳ ଘରକୁ ପଠାଇ ଦେଇଥିଲେ। ସେ କୌଣସି କାର୍ଯ୍ୟ ସାରି ଅପରାହ୍ନରେ ଘରକୁ ଫେରୁଥିଲେ। ହେଲେ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କୁ ମୃତ ଘୋଷଣା କରାଯାଇଛି। ଖବର ପାଇ ସ୍ଥାନୀୟ ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।


## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍



**ହାଟଡ଼ିହୀ, ୭।୭ (ସମିସ):** ନନ୍ଦିପଦା ଥାନା ଅନ୍ତର୍ଗତ ହାଟଡ଼ିହୀ ଗ୍ରାମର ଜିତେନ୍ଦ୍ର ବୈଠାଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଝରକା ଗ୍ରିଲ ତାଡ଼ି ଘରେ ପଶି ନଗଦ ୧୦ହଜାର ଟଙ୍କା ଝିଅ ବାହାଘର ପାଇଁ ଥିବା ସମସ୍ତ ସୁନା ଅଳଙ୍କାର ଲୁଟି ଚମ୍ପଟ ମାରିଛନ୍ତି। ଜିତେନ୍ଦ୍ରଙ୍କ କହିବାନୁସାରେ ରାତି ପ୍ରାୟ ୨ଟା ସମୟରେ ପାଖ ରୁମରୁ ଶବ୍ଦ ଶୁଣି ତାଙ୍କ ଝିଅ ଡ଼ାକିବାରୁ ଜିତେନ୍ଦ୍ର ସେ ଘରର କବାଟ ଖୋଲିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଦୁର୍ବୃତ୍ତ ମାନେ ଚତୁରତାର ସହିତ ଉକ୍ତ ରୁମକୁ ଭିତର ପଟୁ ବନ୍ଦ କରି ଚମ୍ପଟ ମାରିଥିଲେ। ରାତି ପାହିବା ପରେ ଏନେଇ ଶ୍ରୀଯୁକ୍ତ ବୈଠା ସକାଳେ ନନ୍ଦିପଦା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତିକରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ସାଇଣ୍ଟିଫିକ ଟିମ ଦ୍ୱାରା ଯାଞ୍ଚ କରାଇଥିବା ଜଣାଯାଇଛି। ଯାଞ୍ଚ ସମୟରେ ଜଣକ ଆଙ୍ଗୁଳି ଛାପ ମିଳିଥିବା ନେଇ ସାଇଣ୍ଟିଫିକ ଅଫିସର ଧର୍ମେନ୍ଦ୍ର ପାତ୍ର କହିଛନ୍ତି। ତେବେ, ଯାଞ୍ଚ ରିପୋର୍ଟ ଓ ସ୍ଥାନୀୟ ପୁଲିସର ତଦନ୍ତ ଚୋରକୁ ଧରିବାରେ ସହାୟକ ହେବ ବୋଲି ଜିତେନ୍ଦ୍ରଙ୍କ ପରିବାର ଲୋକେ ଆଶା ବାନ୍ଧିଛନ୍ତି।

## ଶିକ୍ଷାବିତଙ୍କ ସ୍ମୃତିଚାରଣ ସଭା

**ରାମଚନ୍ଦ୍ରପୁର, ୭।୭ (ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ବେଲସୁନ୍ଦରୀ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ମଲ୍ଲିକଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଶିକ୍ଷକ ବିଷ୍ଣୁନାରାୟଣ ସାମଲଙ୍କ ସଂଯୋଜନାରେ ସ୍ଥାନୀୟ ସରପଞ୍ଚ ଇଂ.ପ୍ରିୟବ୍ରତ ବରାଳ, ସମାଜସେବୀ ଡ.ରତିକାନ୍ତ ବରାଳ, ଆଇନଜୀବୀ ବିଚିତ୍ର କୁମାର ଚକ୍ର, ସମାଜସେବୀ ଶିବେନ୍ଦ୍ର ଚକ୍ର ସମେତ ଅନେକ ଜଣାଶୁଣା ବ୍ୟକ୍ତି ବିଶେଷ ଯୋଗ ଦେଇ ଦିବଂଗତ ଶିକ୍ଷକଙ୍କ ସ୍ମୃତିଚାରଣ କରିଥିଲେ। ପରେ ଭଜନ ପରିବେଷଣ କରାଯାଇଥିଲା। ଶେଷରେ ପରିବାର ପକ୍ଷରୁ ବଡପୁଅ ବିଶ୍ୱନାଥ ମଲ୍ଲିକ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।



### ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନୃଶଂସକାଣ୍ଡ

# ୨୦ରୁ ଉର୍ଦ୍ଧ୍ୱ ଛେଳିକୁ ବିଷ ଦେଇ ମାରିଦେଲେ



**ରାମଚନ୍ଦ୍ରପୁର, ୭।୭ (ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨୦ରୁ ଉର୍ଦ୍ଧ୍ୱ ଛେଳିଙ୍କୁ ବିଷ ଦେଇ ମାରିଦେଲେ। ଏଭଳି ସଙ୍ଗିନ ଅଭିଯୋଗ ଆସିଛି ଘସିପୁରା ଥାନା କେଶଦୁରାପାଳ ଗାଁରୁ। ଗ୍ରାମର ଟିକା ଦେହୁରୀ ନାମକ ଜଣେ ବ୍ୟକ୍ତି ୧୦ ଦିନ ତଳେ ମୃତ୍ୟୁବରଣ କରିଥିଲେ। ଟିକା ଅନେକ ଛେଳି ପାଳନ କରୁଥିଲେ। ଆଜି ସକାଳେ ଛେଳିଗୁଡିକ ସ୍ଥାନୀୟ ନଦୀ ପଠାରେ ଚରୁଥିବା ସମୟରେ ହଠାତ ୨୦ରୁ ଉର୍ଦ୍ଧ୍ୱ ଛେଳି ଛଟପଟ ହୋଇ ଟଳି ପଡ଼ିଥିଲେ। ଏହି ଘଟଣାରେ ଗାଁର ଅନ୍ୟ ଗୋଟିଏ ପରିବାର ଲୋକଙ୍କ ପ୍ରଶନ୍ନ ହାତଥିବା ପୀଡ଼ିତ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଛେଳିଗୁଡିକୁ ଖାଦ୍ୟରେ ବିଷ ଦେଇ ମରାଯାଇଥିବା ନେଇ ଘସିପୁରା ଥାନାରେ ମୃତ ଟିକା ଦେହୁରୀ ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି। ଘଟଣାକୁ ସବୁ ବର୍ଗରୁ ନିନ୍ଦା କରାଯାଉଥିବା ବେଳେ ଗାଁରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ସେପଟେ ମୃତ ଟିକା ଦେହୁରୀ ନିହାତି ଗରିବ ଶ୍ରେଣୀର ଲୋକ ହୋଇଥିବା ବେଳେ ଏକା ସଙ୍ଗେ ଏତେ ସଂଖ୍ୟକ ଛେଳି ମୃତ୍ୟୁକୁ ନେଇ ପରିବାର ବର୍ଗ ଅସହାୟ ହୋଇ ପଡ଼ିଛନ୍ତି। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଦୋଷୀ ବିରୁଦ୍ଧରେ କଠୋର ଦଣ୍ଡ ବିଧାନ କରିବାକୁ ସ୍ଥାନୀୟ ବିଜେପି ନେତା ଡ.ଶମ୍ଭୁନାଥ ରାଉତ ପୁଲିସ ପ୍ରଶାସନ ନିକଟରେ ଦାବି ରଖିଛନ୍ତି।

## ଆଇନସେବା ପ୍ରାଧିକରଣ ତରଫରୁ ଚାରାରୋପଣ



**କେନ୍ଦୁଝର, ୭।୭ (ସମିସ):** ଜିଲ୍ଲା ଆଇନସେବା ପ୍ରାଧିକରଣ କେନ୍ଦୁଝର ସୌଜନ୍ୟରୁ ଡିଏନ୍ ହାଇସ୍କୁଲ ପରିସରରେ ବନ ମହୋସବ ସପ୍ତାହ ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଉପସ୍ଥିତ ଅତିଥି, ଛାତ୍ରଛାତ୍ରୀ ବିଭିନ୍ନ ଜଙ୍ଗଲଜାତ ଔଷଧୀୟ ଓ ଫଳ ବୃକ୍ଷରୋପଣ କରିଥିଲେ। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଅଶୋକ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ବିଚାରପତି (ଦୁର୍ନୀତି ନିବାରଣ) ରଶ୍ମିତା ଦଳାଇ, ପରିବାର ଅଦାଲତ ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲ୍ଲା ଜଜ୍ ମମିତା ଦାଶ, ଅତିରିକ୍ତ ଜିଲ୍ଲା ଜଜ୍ (ପୋକ୍ସ) ମୋନାଲିସା ମହାନ୍ତି, ଅତିରିକ୍ତ ଜିଲ୍ଲା ଜଜ୍ (ଆଡହକ) ବିଜୟ କୁମାର ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ମହିଳା କୋର୍ଟ ବିଚାରପତି ନେହା ଦାସ, ପ୍ରାଧିକରଣ ସଚିବ ମାମୀ ବେହେରା, ସହ ଉପଖଣ୍ଡୀୟ ବିଚାରପତି ସୁମିତ୍ରା କୁମାରୀ ଦାସ, ପ୍ରଥମଶ୍ରେଣୀ କନିଷ୍ଠ ବିଚାରପତି ଅମ୍ବିକେଶ ପାଣିଗ୍ରାହୀ, ଆଦ୍ୟାଶା ମିଶ୍ର, କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍ଡି, ଏସିଏଫ୍ ଜିତେନ୍ଦ୍ର କୁମାର ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଟୋକ କୁଜୁର, ଡିଏନ୍ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରବୀର ମହାନ୍ତି, ଆଇନଜୀବୀ କରୁଣାକର ବ୍ରହ୍ମ, ପାରା ଆଇନ ସ୍ୱେଚ୍ଛାସେବୀ କିଶୋର ଚନ୍ଦ୍ର ଦାଶ, ମମତାମୟୀ ମହାନ୍ତ, ପ୍ରଦୀପ ସେଠୀ ଯୋଗଦାନ କରି ଚାରାରୋପଣ କାର୍ଯ୍ୟକ୍ରମରେ ଭାଗ ନେବା ସଂଗେ ସଂଗେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମନ୍ଦିର ପୁଷ୍କରିଣୀର ପୁନରୁଦ୍ଧାର

**ବେଲବାହାଲି, ୭।୭ (ସମିସ):** ରାଜ୍ୟ ବାହାରେ ଥାଇ ମଧ୍ୟ ନିଜ ଗାଁ ମାଟିକୁ ନ ଭୁଲି ସବୁବେଳେ ନିଜ ଗାଁ ମାଟି ପାଇଁ କିଛି କରିବାକୁ ଆଗେଇ ଆସୁଛନ୍ତି ସମାଜ ସେବୀ ଶରତ ଚନ୍ଦ୍ର ଦାସ। ଶରତଙ୍କ ଘର ଆନନ୍ଦପୁର ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ। ସେ ପିଲାଦିନୁ ନିଜ ଗାଁ ବିଦ୍ୟାଳୟରେ ପାଠପଢ଼ା ସାରିବା ପରେ ବାଙ୍ଗାଲୋରର ଏକ ଘରୋଇ କମ୍ପାନୀରେ ଦୀର୍ଘ ୨୦ ବର୍ଷ ଧରି ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ଶରତ ବାହାରେ ରହି ମଧ୍ୟ ପ୍ରତ୍ୟେକ ସମୟରେ ଅସହାୟ ଗରିବ ଲୋକଙ୍କୁ ସାହାଯ୍ୟ କରିବା ସହିତ ନିଜ ଗାଁରେ ଭାଗବତ ପ୍ରେମୀଙ୍କ ପାଇଁ ମଠ ମନ୍ଦିର ତିଆରି କରିଛନ୍ତି। ଗ୍ରାମରେ ଥିବା ବିଭିନ୍ନ ଅନୁଷ୍ଠାନକୁ ମଧ୍ୟ ସାହାଯ୍ୟ ସହଯୋଗ କରିବା ପାଇଁ ଆଗେଇ ଆସିଥାନ୍ତି। ମଙ୍ଗଳପୁର ଗ୍ରାମରେ ବହୁ ପୁରାତନ କାଳରୁ ଗ୍ରହରାଜ ଶନିଶ୍ଚର ମହାରାଜ ପୂଜା ପାଇ ଆସୁଛନ୍ତି। ମନ୍ଦିର ପାଖରେ ଥିବା ପୁଷ୍କରିଣୀରୁ ପାଣି ଆଣି ଶ୍ରଦ୍ଧାଳୁ ଓ ଭକ୍ତମାନେ ଶନିଙ୍କ ପାଖରେ ଜଳାଭିଷେକ କରିଥାନ୍ତି। ଏହି ପୁଷ୍କରିଣୀରେ ଏବେ ବହୁ ଅନାବନା ଗଛ ଓ ଦଳ ହୋଇ ପୁରା ଅପରିଷ୍କାର ହୋଇଯାଇଥିବା ବେଳେ ଶ୍ରଦ୍ଧାଳୁ ମାନେ ପୁଷ୍କରିଣୀରୁ ପାଣି ଆଣି ପାରୁ ନଥିଲେ। ଗ୍ରାମର କିଛି ସଚେତନ ଯୁବକ ଏହି କଥା ଶରତଙ୍କୁ ଜଣାଇବା ପରେ ଶରତ ନିଜର ଆର୍ଥିକ ଅନୁଦାନରେ ଏହି ପୁଷ୍କରିଣୀର ପୁନରୁଦ୍ଧାର ସହିତ ଏକ ଗଣେଶ ମନ୍ଦିର ଏବଂ ଚାରିପଟେ ଥିବା ଖାଲି ଜାଗା ଉପରେ ପାର୍କ କରିବା ପାଇଁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେବା ସହ ପୁଷ୍କରିଣୀର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି।



## କେରେଲା ଇଂରାଜୀ ବିଦ୍ୟାଳୟର ବନ ମହୋତ୍ସବ



**ଚମ୍ପୁଆ, ୭।୭ (ସମିସ):** ଚମ୍ପୁଆ କେରେଲା ଇଂରାଜୀ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଚମ୍ପୁଆ ବନବିଭାଗ ଅଧିକାରୀ କେ. ନାଗରାଜୁ, ଏସିଏଫ୍ ଅକ୍ଷୟ ଛତ୍ରୀୟ, ବିଦ୍ୟାଳୟର ସଭାଧ୍ୟକ୍ଷ ଡ.ରାଜମୋହନ ପିଏସ, ସମ୍ପାଦିକା ଉମା ରାଜମୋହନ, ପରିଚାଳକ ମୁରଲୀଧର କେଏସ୍, କାର୍ଯ୍ୟାଳୟ ସଭାଧ୍ୟକ୍ଷ ଦୈତାରୀ ସାହୁ, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ବି. ରାମାରାଜୁଙ୍କ ମିଳିତ ତତ୍ତ୍ୱାବଧାନରେ ଏହି ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅତିଥିମାନଙ୍କ ଦ୍ୱାରା ବଦ୍ୟାଳୟ ପରିସରରେ ବଭିନ୍ନ ପ୍ରକାରର ଚାରା ଲଗାଯାଇଥିଲା। ବୃକ୍ଷ ହିଁ ଜୀବନ, ତା ବିନା ମଣିଷ ସମାଜ ବଞ୍ଚି ରହିବା ଅସମ୍ଭବ। ତେଣୁ ପ୍ରତ୍ୟେକ ଚାରାରୋପଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

## ଶିରିଆବାହାଳ ବିଦ୍ୟାଳୟରେ ଚାରାରୋପଣ

**ବାଲିବନ୍ଧ, ୭।୭ (ସମିସ):** ଝୁମ୍ପୁରା ବ୍ଲକ ବାଲିବନ୍ଧ ପଞ୍ଚାୟତ ଅନ୍ତର୍ଗତ 'ପ୍ରକୃତିମିତ୍ର' ପ୍ରାପ୍ତ ଶିରିଆବାହାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରାକାର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ/ସଭ୍ୟାମାନଙ୍କ ଦ୍ୱାରା ବନମହୋତ୍ସବ ସାମିଲ ହୋଇଥିଲେ। ଅତିଥି ଭାବେ ବାଲିବନ୍ଧ ସମିତିସଭ୍ୟ ମହେନ୍ଦ୍ର କୁମାର ପଟ୍ଟନାୟକ, ଝୁମ୍ପୁରା ବ୍ଲକ ଏବିଇଓ ଜୟନ୍ତୀ ମଲ୍ଲିକ, ଝୁମ୍ପୁରା ଥାନାଧିକାରିଣୀ ସମବାରୀ ହାଁସଦା, ସବ୍ଇନସ୍ପେକ୍ଟର ସନାତନ ମହାନ୍ତ, ଏଏସଆଇ ଶ୍ରୀବନ୍ତ ନାଏକ, ସିଆରସିସି ପ୍ରମୋଦ କୁମାର ବେହେରା ପ୍ରମୁଖଙ୍କ ସହିତ ସ୍ଥାନୀୟ ନେତୃବୃନ୍ଦ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଆମ୍ବ, ଅଁଳା, ନିମ୍ବ, ପିଜୁଳି, ଡାଳିମ୍ବ, କରମଙ୍ଗା, ସେଓ, ଚେରି, ସପେଟା, ସଜନା, ଅମୃତଭଣ୍ଡା ତଥା ବିଭିନ୍ନ ପ୍ରକାରର ଫୁଲ ଚାରରୋପଣ କରାଯାଇଥିଲା। ବନମହୋତ୍ସବ ସପ୍ତାହ ପରି ପବିତ୍ର କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ନେଇ ଶିକ୍ଷକ ମଧୁସୂଦନ ପ୍ରଧାନ, ଜୋନେଶ ଆପଙ୍ଗ, ଜଗତ ମୋହନ ଦଳେଇ, ମହେନ୍ଦ୍ର ମାଝୀ, ଏନଜିଓ ସଭ୍ୟ ପ୍ରକାଶ ଦାସ, ଉମାମଣୀ ମାଝୀ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାଜେଶ ମାଝୀ ପ୍ରମୁଖ ସହଯୋଗ କରିଥିଲେ।



## ଆଇନ୍ ସେବା କମିଟି ପକ୍ଷରୁ ବନ ମହୋତ୍ସବ



**ଚମ୍ପୁଆ, ୭।୭ (ସମିସ):** ବନ ମହୋତ୍ସବ ସପ୍ତାହ ଉତ୍ସବ ଅବସରରେ ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ବିଚାର ବିଭାଗୀୟ ଅଧିକାରୀ, କୋର୍ଟ କର୍ମଚାରୀ ଏବଂ ବନ ବିଭାଗ ଅଧିକାରୀ ଓ କର୍ମଚାରୀ, ବିଦ୍ୟାଳୟ ର ଶିକ୍ଷକ ଓ ଶିକ୍ଷୟିତ୍ରୀ ଙ୍କ ସହୋଯୋଗରେ ଚମ୍ପୁଆ ମହତାବ୍ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଆଜି ୪୦ରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା ବୋଲି ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ୍ ଆଇନ୍ ସେବା କମିଟିର ଅଧ୍ୟକ୍ଷ ପ୍ରଣୟ କୁମାର ଦାସ ସୂଚନା ଦେଇଥିଲେ। ଏହି ଅବସରରେ ସବଜଜ୍ ପ୍ରିତିସ୍ କୁମାର ପ୍ରଧାନ, ଏସ୍ଡିଜିଏମ୍ ଦୀପକ କୁମାର ସାଠୁଆ, ଜେଏମ୍ଏଫ୍ସି ସୁଶ୍ମିତା ମିଶ୍ର, ଆଇଏଫ୍ଏସ୍ କେ. ନାଗାରାଜୁ, ବନଖଣ୍ଡ ରେଞ୍ଜର ଅକ୍ଷୟ କୁମାର ଛତ୍ରୀଆ, ବନପାଳ ନଗେନ୍ଦ୍ର ଜେନା, କମିଟିର ସହକାରୀ ଅବଦୁଲ୍ ସୁରଜ୍ ଖାନ୍, ଯଜ୍ଞକର ସାହୁ, ମନୋଜ କୁମାର ନାଏକ, ହେମନ୍ତ କୁମାର ମହାନ୍ତ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ।

# ବନ୍ୟପ୍ରାଣୀ ସଂରକ୍ଷଣ ଆଧାରିତ ଚିତ୍ରକଳା ପ୍ରଦର୍ଶନୀ



**ଆନନ୍ଦପୁର, ୭।୭ (ସମିସ):** ଆନନ୍ଦପୁରର ଫକିରପୁରସ୍ଥିତ ବାଲୁଙ୍କେଶ୍ୱର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ୍ୟପ୍ରାଣୀ ସଂରକ୍ଷଣ ଚିତ୍ରକଳା ପ୍ରଦର୍ଶନୀ ଏବଂ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ପରେ ପରେ ଉକ୍ତ ବିଦ୍ୟାଳୟରେ ବନ୍ୟପ୍ରାଣୀ ସଂରକ୍ଷଣ ଚିତ୍ରକଳା ପ୍ରଦର୍ଶନୀ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରଦର୍ଶନୀରେ ସପ୍ତମ ଶ୍ରେଣୀର ଛାତ୍ରୀ ଅନ୍ୱେଷା ନାହାକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଷଷ୍ଠ ଶ୍ରେଣୀର ସୁଜ୍ଞାନୀ ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହି କ୍ରମରେ ଅଷ୍ଟମ ଶ୍ରେଣୀର ଶ୍ରଦ୍ଧାଞ୍ଜଳି ସା ଏବଂ ସ୍ନେହାଶ୍ରୀ ସାହାଣୀ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ବିଜେତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଲତା ମଙ୍ଗଳ କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ଚିତ୍ରକଳା ପ୍ରଦର୍ଶନୀର ଆୟୋଜକ ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ବନ୍ୟପ୍ରାଣୀ ସଂରକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରକୃତିପ୍ରେମୀ ପ୍ରସନ୍ନ ନାହକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ଆୟୋଜକ ତ୍ରିଲୋଚନ ସାହୁ ଧନ୍ୟବାଦ୍ ପ୍ରଦାନ କରିଥିଲେ।

# କାମରେ ଲାଗୁନି ଅଧାରୁ ଅଧିକ ସିସି କ୍ୟାମେରା

ଚମ୍ପୁଆ, ୭।୭ (ସମିସ)




ଚମ୍ପୁଆ ସହର ବର୍ତ୍ତମାନ ସିସିଟିଭି ଅଧୀନରେ ରହିଥିବାବେଳେ ଅସାମାଜିକ କାର୍ଯ୍ୟକଳାପକୁ ମୁକାବିଲା କରିପାରିବାର କ୍ଷମତା ରଖିଥିଲେ ହେଁ କାର୍ଯ୍ୟକ୍ଷମ ହେବାର ଦେଢମାସ ମଧ୍ୟରେ ଅଧାରୁ ଅଧିକ କାମରେ ଲାଗୁନଥିବା ଜଣାଯାଇଛି। ଏହି କ୍ୟାମେରା ୨୪ ଘଣ୍ଟା କାମ କରୁନଥିବା ବେଳେ ଯେଉଁ କ୍ୟାମେରା ଚାଲୁଛି ତାହା ମଧ୍ୟରୁ ଅନେକ ଲାଇଭ ଚାଲୁଥିଲେ ମଧ୍ୟ ରେକର୍ଡିଂ ହେଉନାହିଁ ବୋଲି ଚମ୍ପୁଆ ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁସାରେ ଚମ୍ପୁଆ ସହରରେ ରାମଲା, ପାଞ୍ଚପୋଖରିଆ, ବସଷ୍ଟାଣ୍ଡ, ବର୍ଡର ନାକା ପୋଷ୍ଟ, ଗାନ୍ଧୀ ଛକ, ଶିବମନ୍ଦିର ପଡ଼ିଆ ଓ ମୁଖ୍ୟ ବଜାରରେ ଚମ୍ପୁଆ ଏନ୍ଏସି ପକ୍ଷରୁ ୨୫ ଲକ୍ଷ ଟଙ୍କା ଉର୍ଦ୍ଧ୍ୱ ବ୍ୟୟରେ ୩୬ ଗୋଟି ସିସି କ୍ୟାମେରା ଲଗାଯାଇଛି। ଏହି କ୍ୟାମେରା ଗୁଡିକରେ ଦାୟିତ୍ୱ ଚମ୍ପୁଆ ପୋଲିସ ହାତରେ ରହିଥିବା ବେଳେ ଚମ୍ପୁଆ ସହରରେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପକୁ ରୋକା ଯାଇ ସହରରେ ଶାନ୍ତି ଶୃଙ୍ଖଳାକୁ ବଳବତର ରଖାଯାଇପାରିବାର ଲକ୍ଷ୍ୟ ରଖାଯାଇଥିଲା। ଏହି କ୍ୟାମେରା ମାଧ୍ୟମରେ ବାହାରୁ ଚମ୍ପୁଆ ସହରକୁ ପ୍ରବେଶ କରୁଥିବା ଏବଂ ସହରରୁ ବାହାରକୁ ଯାଉଥିବା ଗାଡି ଘୋଡା ଠାରୁ ଆରମ୍ଭ କରି ଅସାମାଜିକ ଲୋକଙ୍କ ଉପରେ ନଜର ସହଜରେ ରଖାଯାଇପାରୁଥିଲା। ମାତ୍ର ବର୍ତ୍ତମାନ ମୁଖ୍ୟ ସ୍ଥାନ ଯଥା ବର୍ଡର ଛକ, ସାତକୁଟୁଣିଆ ଛକ, ରାମଲା, ଶିରପୁର ଆଦି ଅଞ୍ଚଳରେ ଲାଗିଥିବା କ୍ୟାମେରା ଅନେକ ସମୟରେ ଆପେଆପେ ବନ୍ଦ ହୋଇଯାଉଛି ବୋଲି ଆଇଆଇସି ଦେବକି ନାଏକ ସୂଚନା ଦେଇଛନ୍ତି। ଫଳରେ ବିଭିନ୍ନ ଅସାମାଜିକ କାଯ୍ୟକଳାପର ତଦନ୍ତ ପାଇଁ ଦୋକାନ ଗୁଡିକରେ ଥିବା କ୍ୟାମେରାର ସହାୟତା ଲୋଡାଯାଉଛି। ଏ ନେଇ ଏନଏସି ନିର୍ବାହୀଅଧିକାରୀ ଅନିରୁଦ୍ଧ ପ୍ରଧାନଙ୍କୁ ପଚାରିବାରୁ କହିଛନ୍ତି ଯେ ଅଚଳ କ୍ୟାମେରା ଗୁଡିକୁ ତୁରନ୍ତ ପ୍ରଦାନକାରୀ ସଂସ୍ଥା ମାଧ୍ୟମରେ ମରାମତି କରାଯିବ।

## ଶ୍ରୀଶ୍ରୀ ବଳଦେବଜୀଉଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା

# ବାଟରେ ଅଟକିଲା ରଥ; ସୋମବାର ପୁଣି ହେବ ଟଣା






**କେନ୍ଦୁଝର,୭।୭ (ସମିସ):** କେନ୍ଦୁଝରର ରାଷ୍ଟ୍ରଦେବତା ଶ୍ରୀଶ୍ରୀ ବଳଦେବଜୀଉଙ୍କର ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ରବିବାର ହଜାର ହଜାର ଭକ୍ତଙ୍କ ଗହଣରେ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି। ଗୋଟିଏ ଦିନରେ ତିନି ନୀତି ପଡ଼ିବାରୁ ନୀତି ସମ୍ପର୍ଣ୍ଣରେ ବିଳମ୍ବ ହୋଇଥିଲା। ରବିବାର ଗୋଟିଏ ଦିନରେ ନେତ୍ରୋତ୍ସବ, ଉଭାଯାତ୍ର ଓ ରଥଯାତ୍ରା ପଡିଥିବାରୁ ସନ୍ଧ୍ୟା ପର୍ଯ୍ୟନ୍ତ ନୀତି ଅନୁଷ୍ଠିତ ହୋଇ ପହଣ୍ଡି ହୋଇଥିଲା। ପରେ ୫୦ ହଜାରରୁ ଅଧିକ ଭକ୍ତଙ୍କ ଗହଳିରେ ବିଶ୍ୱର ସର୍ବବୃହତ ରଥକୁ ସାମାନ୍ୟ ଆଗକୁ ଟାଣି ରଥ ଟଣା କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା। ଅନ୍ୟପକ୍ଷରେ ସୋମବାର ୧୦ଟାରେ ରଥଟଣା ହେବ ବୋଲି ଜଣାପଡିଛି। ରଥଯାତ୍ରାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ଭକ୍ତ ବଡ଼ଦାଣ୍ଡରେ ରୁଣ୍ଡିଭୂତ ହୋଇଥିଲେ।

ସୂଚନାଯୋଗ୍ୟ ଯେ, ୧୯୯୫ ମସିହାରେ ରଥରେ ଅଶ୍ଳୀଳ ରଥଗୀତକୁ ବନ୍ଦ କରାଯାଇଥିବା ବେଳେ ୨୦୦୮ ମସିହାରେ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ସନ୍ଧ୍ୟାରେ ରଥଟଣା ଆରମ୍ଭ ହୋଇଥିଲା। ବିଶ୍ୱର ସର୍ବବୃହତ ନନ୍ଦିଘୋଷ ରଥ ଭାବେ ପରିଚିତ କେନ୍ଦୁଝର ବଳଦେବଜୀଉଙ୍କ ରଥ ଅପରାହ୍ନରେ ଶ୍ରୀଜୀଉମାନଙ୍କୁ ରଥ ଉପରକୁ ନିଆଯାଇଥିଲା। ପ୍ରତ୍ୟୁଷ ୫ଟାରେ ଶ୍ରୀଜୀଉମାନଙ୍କର ଅବକାଶ ଶେଷ ହେବା ପରେ ନେତ୍ରଦାନ, ଉଭା, ସକାଳ ଧୂପ, ଲୁଗାଲାଗି, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ମଙ୍ଗଳାର୍ପଣ, ପୁଷ୍ପାଞ୍ଜଳି, ଚକାଭିଡ଼ା ଓ ପହଁଣ୍ଡି ବେଶ ଅନୁଷ୍ଠିତ ହୋଇଥିଲା। ୪.୩୦ମିନିଟ୍‌ରେ ପହଣ୍ଡି ଆରମ୍ଭ ହୋଇ ୫.୩୦ଟାରେ ପହଣ୍ଡି ଶେଷ ହୋଇଥିଲା। ପୁଷ୍ପାଞ୍ଜଳି ପରେ ଘଣ୍ଟଘଣ୍ଟା, ଖୋଳକୀର୍ତ୍ତନ ଓ ଲୋକଙ୍କର ହରିବୋଲ ହୁଳହୁଳି ଧ୍ୱନିରେ ଧାଡ଼ି ପହଣ୍ଡିରେ ପ୍ରଥମେ ପ୍ରଭୁ ସୁଦର୍ଶନ ପରେ ବଳଦେବଜୀଉ, ମାତା ସୁଭଦ୍ରା ଓ ଶେଷରେ ଶ୍ରୀଜଗନ୍ନାଥଙ୍କୁ ରଥ ଚାରିପଟେ ସାତଥର ପ୍ରଦକ୍ଷିଣ କରିବା ପରେ ରଥାରୁଢ଼ କରାଯାଇଥିଲା। ପହଣ୍ଡି ଶେଷ ହେବା ସହିତ ଚାର ମାଳ ଫିଟାଯାଇ ପ୍ରଭୁଙ୍କୁ ବେଶ କରାଯାଇଥିଲା। ଘୋଡ଼ାବନ୍ଧା ଓ ରଥ ଉପରେ ଚକାଭିଡ଼ା କାର୍ଯ୍ୟକ୍ରମ ଶେଷ ହେବା ପରେ ୬.୩୦ରେ ଛେରାପହଁରା କାର୍ଯ୍ୟ ଶେଷ ହୋଇଥିଲା। ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ତତ୍ତ୍ୱାବଧାନରେ ସ୍ଥାନୀୟ ଘୁଙ୍ଗୁରୁ କ୍ଲବରେ ରଥଯାତ୍ରାର ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଇଲେଭେନ୍ ବୁଲେଟ୍ କ୍ଲବ, ୟଙ୍ଗ ଜିନିୟସ କ୍ଲବ ଓ କେନ୍ଦୁଝର ଇଞ୍ଜିନିୟରିଂ ସ୍କୁଲ ତରଫରୁ ଭକ୍ତମାନଙ୍କୁ ମାଗଣାରେ ପ୍ରସାଦ ବିତରଣ କରାଯାଇଥିଲା। ଶ୍ରୀ ଗୋପାଳଜୀଉ ମଠ ଓ ରଥ ବେଞ୍ଚ ସଂଗଠନ ତରଫରୁ ପାଣି, ଦହିପାଣି ବଣ୍ଟନ ହେଉଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ଅସ୍ଥାୟୀ ଚିକିତ୍ସାଳୟ ଖୋଲାଯାଇଥିଲା। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ରେଡକ୍ରସ୍, ଏନ୍‌ସିସି ଛାତ୍ରଛାତ୍ରୀ ରଥଯାତ୍ରା ଦେଖିବାକୁ ଆସିଥିବା ଭକ୍ତମାନଙ୍କୁ ପାନୀୟ ଜଳ ବଣ୍ଟନ, ପ୍ରାଥମିକ ଚିକିତ୍ସା ଆଦି ସଂପର୍କରେ ତଦାରଖ କରିଥିଲେ। କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ, ଏସ୍‌ପି ନିତୀନ କୁଶଲକର, ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଏଡିଏମ୍ ଲଳିତ ସୋରେଙ୍ଗ, ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ସୌମ୍ୟ ସାର୍ଥକ ମିଶ୍ର, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ.ସନ୍ତୋଷ କୁମାର ବେହେରା, ସଦର ତହସିଲଦାର, କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଜିଲ୍ଲା ପ୍ରଶାସନର ବରିଷ୍ଠ ପ୍ରଶାସକମାନଙ୍କ ଉପସ୍ଥିତିରେ ନିତି ସଂପନ୍ନ ହୋଇଥିଲା। ଏମାନଙ୍କ ବ୍ୟତୀତ ରଥଟଣା ସମୟରେ କେନ୍ଦୁଝର ଲୋକସଭା ସଦସ୍ୟ ଅନନ୍ତ ନାୟକ, କେନ୍ଦୁଝରଗଡ଼ ପୌରପାଳିକାର ଅଧକ୍ଷା ନିକୁ ସାହୁ, କାଉନସିଲର, ସ୍ୱେଚ୍ଛାସେବୀ ସଂଗଠନ, ସାମ୍ବାଦିକ, ବୁଦ୍ଧିଜୀବୀ ଉପସ୍ଥିତି ଥିବା ବେଳେ ସେବାୟତ ଓ ପୂଜାପଣ୍ଡାମାନେ ଏହି ନୀତି ସୁପରିଚାଳନାରେ ସହାୟତା କରିଥିଲେ। କେନ୍ଦୁଝର ଏସ୍‌ପିଙ୍କ ନେତୃତ୍ୱରେ ବରିଷ୍ଠ ପୁଲିସ ଅଧିକାରୀମାନଙ୍କ ସହିତ ୧୫ ପ୍ଲାଟୁନ ପୁଲିସ ଫୋର୍ସ, ୨ଜଣ ଅତିରିକ୍ତ ଏସ୍‌ପି, ୫ ଜଣ ଡିଏସପି, ୮ ଜଣ ଇନ୍ସପେକ୍ଟର, ୧୫ଜଣ ସବଇନ୍ସପେକ୍ଟର,୨୦ଜଣ ଏଏସଆଇ ସମେତ ସାଦା ପୋଷାକଧାରୀ ପୁଲିସ ମୁତୟନ ହୋଇଥିଲେ। ସୂଚନା ଅନୁସାରେ ସୁନାବେଶ ଶେଷ ପର୍ଯ୍ୟନ୍ତ ଏଥିସହିତ ସମ୍ପୂର୍ଣ୍ଣ ବଡ଼ଦାଣ୍ଡ ଅଞ୍ଚଳକୁ ସିସିଟିଭି ନଜରରେ ରଖାଯାଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ ମଧ୍ୟ ବ୍ୟବସ୍ଥା ହୋଇଛି। ଏଥିସହ ରଥଯାତ୍ରା ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ୱାଚ୍ ଟାୱାରରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହା ସହିତ ଜିଲ୍ଲା ଅନ୍ୟସ୍ଥାନମାନଙ୍କରେ ମଧ ରଥ ଟଣା ଆରମ୍ଭ ହୋଇଛି।

**ଗୋଟିଏ ଦିନରେ ତିନି ନୀତି ପାଇଁ ବିଳମ୍ବ**

## ଚମ୍ପୁଆରେ ମହାପ୍ରଭୁଙ୍କ ଘୋଷଯାତ୍ରା

**ଚମ୍ପୁଆ,୭।୭(ସମିସ):** ଆଜି ପବିତ୍ର ଘୋଷଯାତ୍ରା। ଏହି ଘୋଷ ଯାତ୍ରା ଚମ୍ପୁଆ ସ୍ଥିତ ବଳଦେବ ମନ୍ଦିରରେ ଭକ୍ତିପୁତ ଭାବେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଚମ୍ପୁଆ ସଦର ମହକୁମାର ଯାତ୍ରାପଡ଼ିଆ ଠାରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ପବିତ୍ର ଘୋଷଯାତ୍ରା ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ଏହି ଘୋଷଯାତ୍ରାରେ ପ୍ରତ୍ୟୁଷରୁ ଯଥାରିତୀନିତୀ ଅନୁଯାୟୀ ତିନି ଠାକୁରଙ୍କ ପୂଜାର୍ଚ୍ଚନା ଆରମ୍ଭ କରାଯାଇଥିଲା। ଅପରାହ୍ନ ୪ଟା ସମୟରେ ଆଜ୍ଞାମାଳ ଆସିବା ପରେ ଚତୁର୍ଦ୍ଧା ମୂର୍ତ୍ତିକୁ ସୁସଜ୍ଜିତ କରି ଟାହିଆ ପିନ୍ଧାଇ ଅପରାହ୍ନ ୫ଟା ବେଳେ ପହଣ୍ଡି କରି ରଥାରୁଢ କରାଯାଇଥିଲା। ଉପଜିଲ୍ଲାପାଳ ସୁକାନ୍ତ କୁମାର ମାଝୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଘୋଷ ଯାତ୍ରାରେ ତହସିଲଦାର ଧର୍ମେନ୍ଦ୍ର କୁମାର ଶତପଥି ଛେରାପହଁରା କରିଥିଲେ। ପରେ ରଥଟଣା ଆରମ୍ଭ କରାଯାଇଥିଲା। ଭକ୍ତ ଭିଡକୁ ଲକ୍ଷକରି ଶୃଙ୍ଖଳିତ ରଥଯାତ୍ରା ପରିଚାଳନା ନିମନ୍ତେ ଚମ୍ପୁଆ ଆଇଆଇସି ଦେବକୀ ନାଏକ ବ୍ୟାପକ ପୁଲିସ ବ୍ୟବସ୍ଥା କରିବା ସହ ଶୃଙ୍ଖଳିତ ଯାତ୍ରା ସମାପନ କରାଯାଇଥିଲା। ଏଥିରେ ମୟୂରଭଞ୍ଜ ଜିଲ୍ଲା, ଝାରଖଣ୍ଡ ଓ ସ୍ଥାନୀୟ ଅଞ୍ଚଳର ପ୍ରାୟ ୫ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ପରିଶେଷରେ ହରିବୋଲ ହୁଳହୁଳି ଶବ୍ଦ ସହ ଘଣ୍ଟନାଦରେ ରଥାରୁଢ଼ ମହାପ୍ରଭୁ ମାଉସୀ ଘରେ ପହଞ୍ଚିଥିଲେ।



## ଉଖୁଣ୍ଡାରେ ରଥଯାତ୍ରା

**ଉଖୁଣ୍ଡା/ଝୁମ୍ପୁରା,୭।୭(ସମିସ):** ଝୁମ୍ପୁରା ବ୍ଲକ ଉଖୁଣ୍ଡା ଡିପାସହିଠାରେ ରବିବାର ଶାନ୍ତିଶୃଙ୍ଖଳା ସହ ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସକାଳୁ ପାରମ୍ପାରିକ ରୀତିନୀତି ଅନୁସାରେ ପୂଜକ ଭାସ୍କର ତ୍ରିପାଠୀ ଶ୍ରୀଜୀଉ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନ ୫ ଟାରେ ପ୍ରଥମେ ପହଣ୍ଡି ବିଜେ ପରେ ଶ୍ରୀ ଜଗନ୍ନାଥ ବଳଭଦ୍ର ସୁଭଦ୍ରାଙ୍କୁ ରଥାରୂଢ଼ କରାଯାଇଥିଲା। ରଥଯାତ୍ରା କମିଟିର ସଭାପତି ତ୍ରିବେଣୀ ମହାନ୍ତ ରଥ ଉପରେ ଜଗନ୍ନାଥଙ୍କ ରୀତିନୀତି ଅନୁସାରେ ଛେରାପହଁରା କରିଥିଲେ। ପାଗ ଅନୁକୂଳ ଥିବାରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଏଥିରେ ସହଯୋଗ କରିଥିଲେ କମିଟିର ସଦସ୍ୟ ବେଣୁଧର ମହାନ୍ତ, ବୈଶାଖୁ ନାଏକ, ଝାଡେଶ୍ୱର ମହାନ୍ତ, ଗୁରୁଦେବ ମହାନ୍ତ, ପୁରୁଷୋତ୍ତମ ମହାନ୍ତ, ବିଜୁ ମହାନ୍ତ, ଭାସ୍କର ମହାନ୍ତ, ଲକ୍ଷ୍ମୀ ପାତ୍ର, ପର୍ଶୁରାମ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ ପ୍ରମୁଖ। ଶାନ୍ତି ଶୃଙ୍ଖଳା ପାଇଁ ବାରିଆ ପୋଲିସ ପକ୍ଷ ରୁ ବ୍ୟାପକ ବ୍ୟବସ୍ଥା କରଯାଇଥିଲା।



## ବନାଯୋଡ଼ିରେ ବାଇକ୍‌କୁ ଧକ୍କା ଦେଲା ଟ୍ରକ୍ | ଜଣେ ମୃତ; ୨ ଗୁରୁତର

**କେନ୍ଦୁଝର,୭।୭(ସମିସ):** କେନ୍ଦୁଝର ଦେଇ ଯାଇଥିବା ଜାତୀୟ ରାଜପଥ ୨୦ର ବନାଯୋଡ଼ିଠାରେ ରବିବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଯାଇଛି। ଏକ ଟ୍ରକ ଚାପରେ ଜଣେ ବାଇକ୍ ଆରୋହୀଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ଓଡି-ଏବି-୨୩୮୬ ନମ୍ବର ବିଶିଷ୍ଟ ଏକ ବାଇକ୍‌ରେ ତିନିଜଣ ଯୁବକ କେନ୍ଦୁଝର ଆଡୁ ପଦ୍ମପୁର ଆଡ଼କୁ ଦ୍ରୁତ ଗତିରେ ଯାଉଥିଲେ। ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ ବାଇକ୍‌କୁ ଧକ୍କା ଦେବାରୁ ଜଣେ ବାଇକ୍ ଆରୋହୀଙ୍କ ମୁଣ୍ଡ ଉପରେ ଟ୍ରକ୍ ଚଢି ଯାଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଅନ୍ୟ ଦୁଇଜଣ ବାଇକ୍ ଆରୋହୀଙ୍କୁ ଗୁରୁତର ଆହତ ଅବସ୍ଥାରେ ଡାକ୍ତରଖାନା ନିଆଯାଇଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଲାଇଥିବା ବେଳେ ଟ୍ରକ୍ ଡ୍ରାଏଇଭର ଫେରାର ହୋଇଥିବା ସୂଚନା ମିଳିଛି।

## ଆନନ୍ଦପୁରର ବିଭିନ୍ନ ସ୍ଥାନରେ ଘୋଷଯାତ୍ରା

**ଆନନ୍ଦପୁର,୭।୭ (ସମିସ):** ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆନନ୍ଦପୁରରେ ଭାବ ଓ ଭକ୍ତିମୟ ପରିବେଶରେ ପାଳିତ ହୋଇଛିଫ ପ୍ରତ୍ୟୁଷରୁ ରୀତିନୀତି ଅନୁଯାୟୀ ଚତୁର୍ଦ୍ଧାମୂରତିଙ୍କ ପୂଜାର୍ଚ୍ଚନା କରାଯିବା ପରେ ଘୋଷଯାତ୍ରା ବେଶ କରାଯାଇଥିଲା। ଦିନ ୧ ଟା ୪୫ ମିନିଟ୍ ସମୟରେ ଅଣସର ପିଣ୍ଡିରୁ ଗୋଟି ପହଣ୍ଡିରେ ଶ୍ରୀଜୀଉମାନେ ରଥ ପରିକ୍ରମା କରି ରଥାରୂଢ ହୋଇଥିଲେ। ରାଜପୁରୋହିତ ଶରତ ଚନ୍ଦ୍ର ମିଶ୍ରଙ୍କ ବେଦପାଠ ପରେ ପୂଜାପଣ୍ଡା, ସୁଆର, ଖୁଣ୍ଟିଆ, ସେବାୟତମାନଙ୍କ ଦ୍ୱାରା ରଥରେ ଶୁଭ କଳସ ସ୍ଥାପନ ପରେ ପରିଛା ସୁଦର୍ଶନ ମିଶ୍ର ଛେରାପହଁରା କରିଥିଲେ। ପୁରୋହିତ ଶରତ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୂଜାପଣ୍ଡା ଜଗବନ୍ଧୁ ଦାଶ, ଯଶୋବନ୍ତ କର, ରବିନ୍ଦ୍ର ଦାଶ, ସୁଆର ଲକ୍ଷ୍ମଣ ପାଢୀ, ଶଙ୍କର୍ଷଣ ମିଶ୍ର, ବିଶ୍ୱନାଥ ପାତ୍ର, ପଦ୍ମଲୋଚନ ପାଣିଗ୍ରାହୀ, ସେବାୟତ ସୋମନାଥ ସାହୁ, ଶରତ ମହାରଣା, କୃଷ୍ଣଚନ୍ଦ୍ର ସାହୁ, ଜୟକୃଷ୍ଣ ସାହୁ, ପବନ ବେହେରାଙ୍କ ଦ୍ୱାରା ରଥାରୂଢ ତିନି ଦିଅଙ୍କ ନୀତିକାନ୍ତି ସମ୍ପର୍ଣ୍ଣ କରିଥିଲେ। ଦେବୋତ୍ତର ଅଧିକାରୀ ତଥା ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କ ନିର୍ଦ୍ଦେଶରେ ରଥ ଅଧିକାରୀ ଆଶୁତୋଷ ପଟ୍ଟନାୟକ, ମନ୍ଦିର ପରିଚାଳକ ସୁରେନ୍ଦ୍ର ମିଶ୍ର, କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରବଚକ ରମାକାନ୍ତ ନାୟକ, ଡ. ରାମଚନ୍ଦ୍ର ନାୟକ, ଉମାକାନ୍ତ ନାୟକ, ଗଦାଧର ମିଶ୍ର, ଅଧାପକ ବିଜୟ କୁମାର ସାହୁ, ସନ୍ଧ୍ୟାରାଣୀ ପୃଷ୍ଟି, ସରୋଜ କୁମାର ସାହୁ, ଅଧାପିକା ଆଭାରାଣୀ ବଳ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଧାରାବିବରଣୀ ପ୍ରଦାନ କରିଥିଲେ। ସହକାରୀ ଜିଲ୍ଲାପାଳ ତପନ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ଆଇନ ଶୃଙ୍ଖଳା ପରିସ୍ଥିତି ତଦାରଖ କରିଥିଲେ। ବଡ଼ଦାଣ୍ଡରେ ଭକ୍ତମାନଙ୍କ ଜନସମାଗମ ଦୃଷ୍ଟିରୁ ଆନନ୍ଦପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ବଳ, ପରିମଳ ଅଧିକାରୀ ଭାଗୀରଥି ଦାଶଙ୍କ ତତ୍ତ୍ୱାବଧାନରେ ଥଣ୍ଡା ପାନୀୟ ଜଳ ବିତରଣ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଜନସ୍ୱାସ୍ଥ୍ୟ ଜଳ ଯୋଗାଣ ବିଭାଗ ଜରିଆରେ ପାନୀୟ ଜଳ, ଆଶୁ ଚିକିତ୍ସା କେନ୍ଦ୍ର, ରୌଦ୍ରତାପର ମୁକାବିଲା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ରାସ୍ତାରେ ପାଣି ସିଞ୍ଚନ, ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ସୂଚନା କେନ୍ଦ୍ରରୁ ଭକ୍ତମାନଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରକାର ସୂଚନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୂଚନା ଅଧିକାରୀ ଦେବେନ୍ଦ୍ର ରାଉତରାୟ, ନାରାୟଣ ଦାଶ, ଚନ୍ଦ୍ରଶେଖର ଦଳେଇ, ପରିଚାଳନା କମିଟିର ଲଳିତ କୁମାର ପାତ୍ର, ଅଜୟ କୁମାର ମହାପାତ୍ର, ବନବିହାରୀ ଧଳ, ଲକ୍ଷ୍ମୀଧର ମିଶ୍ର, ଗୌରାଙ୍ଗ ଚରଣ ନାହାକ, ମମତାରାଣୀ ଜେନା ସହଯୋଗ କରିଥିଲେ। ସେହିପରି ଆନନ୍ଦପୁର ଉପଖଣ୍ଡର ଶାଳପଡା, ଖପରାଖାଇ, ଘସିପୁରା, କେଶଦୁରାପାଳ, ବସନ୍ତପୁରା, ବିରଗୋବିନ୍ଦପୁର. ବେଲବାହାଳି, ଶାଳବଣୀ, ବାତୋ, ଜରଦା ଗ୍ରାମରେ ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ପରେ ତିନି ଠାକୁର ମାଉସୀ ବାଡିରେ ସାଧାରଣ ଦର୍ଶନ ଦେଉଥିବା ଜଣାଯାଇଛି।



## ଅଧା ବାଟରେ ଅଟକିଲେ ମହାପ୍ରଭୁ

**ବେଲବାହାଳି,୭।୭(ସମିସ):** ଆନନ୍ଦପୁର ଉପଖଣ୍ଡ ବେଲବାହାଳିରେ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ହେବା ପରେ ଚଳିତବର୍ଷକୁ ଦ୍ୱିତୀୟତମ ରଥଯାତ୍ରା ଅନୁଷ୍ଠିତ ହୋଇଛି। ବହୁବର୍ଷ ପୂର୍ବରୁ ଏହି ସ୍ଥାନରେ ରଥଯାତ୍ରା ପାଳନ କରାଯାଉଥିବା ବେଳେ ନୂତନ ଜଗନ୍ନାଥ ମନ୍ଦିର ତିଆରି ହେବା ପରେ ତାର ନାମ ବେଲକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ନାମ ଦିଆହୋଇଛି। ଦୁଇବର୍ଷ ହେବ ବଡ଼ରଥ ତିଆରିକରି ହଜାର ହଜାର ଭକ୍ତଙ୍କ ଗହଣରେ ଗାଁ ଭିତରେ ବଡ଼ଦାଣ୍ଡ ଭାବେ ରଥଟାଣି ରଥଯାତ୍ରା ପାଳନ କରାଯାଇଛି। ମନ୍ଦିର ପୂଜକ, ସେବାୟତ ଏବଂ କମିଟିର ସଦସ୍ୟମାନେ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ଟାଣିନେଇଥିଲେ। କମିଟି ପକ୍ଷରୁ ସମସ୍ତ ପ୍ରକାର ଶାନ୍ତିଶୃଙ୍ଖଳା ବ୍ୟବସ୍ଥା କରାଯାଇଛି। ତେବେ ମନ୍ଦିର ନିକଟରୁ ରଥକୁ ଭକ୍ତ ମାନେ ଟାଣି ଟାଣି ଗାଁ ଭିତର ଦେଇ ୨କିଲୋମିଟର ଦୂର ନେଇ ଅଧା ବାଟରେ ଅଟକି ରଖିଥିବା ଦେଖିବାକୁ ମିଳିଛି। ଆସନ୍ତାକାଲି ମହାପ୍ରଭୁ ମାଉସୀ ମା' ଘରକୁ ବିଜେ କରିବେ।



## ଦୁଇ ଜିଲ୍ଲା ମଧ୍ୟରେ ଭାଇଚାରା ସମ୍ପର୍କ ଯୋଡ଼େ ଜରଦା ରଥଯାତ୍ରା



**ରାମଚନ୍ଦ୍ରପୁର,୭।୭(ସମିସ):** ଘସିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଜରଦା ଜଗନ୍ନାଥ ମନ୍ଦିରରୁ ଚତୁର୍ଦ୍ଧା ମୁରତି ନବଦିନାତ୍ମକ ରଥଯାତ୍ରାରେ ବାହାରି ଦୀର୍ଘ ଦୁଇ କିଲୋମିଟର ଦୂର ଯାଜପୁର ଜିଲ୍ଲା ଅନ୍ଧାରୀ ଗ୍ରାମକୁ ଯାଇଥାନ୍ତି। ଏହି ଯାତ୍ରା ଦୁଇ ଜିଲ୍ଲା ମଧ୍ୟରେ ଭାଇଚାରା ସମ୍ପର୍କ ଯୋଡିଥାଏ। ରଥ ଯାତ୍ରା ଅବସରରେ ପ୍ରଭାତରୁ ବ୍ରାହ୍ମଣ ବିଚିତ୍ରାନନ୍ଦ ଦାଶଙ୍କ ଦ୍ୱାରା ଦୁଆରଫିଟା, ଅବକାଶ, ମଇଲମ ନୀତିକାନ୍ତି ପରେ ପ୍ରଥମ ଧୂପ ଲାଗି ହୋଇଥିଲା। ମଧ୍ୟାହ୍ନ ଭୋଗ ଓ ଧୂପ ଲାଗି ପରେ ଭକ୍ତ ମାନେ ସାହାଣ ମେଲା ଦର୍ଶନ ଓ ଭୋଗ ଲଗାଇଥିଲେ। ଅପରାହ୍ନରେ ତିନି ଠାକୁରଙ୍କୁ ବ୍ରାହ୍ମଣ ଗୌରାଙ୍ଗ ପଣ୍ଡା, ନରେନ କୁମାର ନନ୍ଦ ଓ ବିଚିତ୍ରାନନ୍ଦ ଦାଶ ପହଣ୍ଡି ବିଜେ କରାଇ ରଥ ଉପରକୁ ପାଛୋଟି ନେଇଥିଲେ। ଠାକୁର ରାଜା ଭାବରେ ଗ୍ରାମର ଦୁର୍ଯ୍ୟୋଧନ ବିଶ୍ୱାଳ ଛେରାପହଁରା କାର୍ଯ୍ୟ ସମାପନ କରିଥିଲେ। ସେବକ ଅମୂଲ୍ୟ ଜେନା ଫୁଲ ଚନ୍ଦନ ଲାଗି କରିଥିଲେ। ରଥରେ ତିନି ଠାକୁରଙ୍କୁ ସମସ୍ତ ପୁରୁଷ ଓ ମହିଳା ଭକ୍ତ ମାନେ ଦର୍ଶନ କରି ସାରିବା ପରେ ମୁଖ୍ୟଡାହୁକ ରାମକୃଷ୍ଣ ବଳଙ୍କ ନିର୍ଦ୍ଦେଶରେ ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଇଥିଲେ। ଉକ୍ତ ରଥଯାତ୍ରା ଦୁଇଟି ଜିଲ୍ଲାର ଜନମାନସର ସମନ୍ୱୟରେ ଅନୁଷ୍ଠିତ ହେଉଥିବାରୁ ଏଠାରେ ଉତ୍ତମ ଭାଇଚାରା ସମ୍ପର୍କ ଯୋଡିଥାଏ। ସମସ୍ତ କାର୍ଯ୍ୟକ୍ରମକୁ ସୁଶାନ୍ତ ବିଶ୍ୱାଳ, କାର୍ତ୍ତିକ ବିଶ୍ୱାଳ, ରବୀନ୍ଦ୍ର ଓଝା, ସ୍ମୃତିରଞ୍ଜନ ସାମଲ, ପୀତବାସ ସାମଲ, ସୁଦର୍ଶନ ଜେନା ସମେତ ଦୁଇ ଗ୍ରାମର ଶହଶହ ଶ୍ରଦ୍ଧାଳୁ ପରିଚାଳନା କରିଥିଲେ। ରଥଟଣା ଜାତୀୟ ରାଜପଥ ୨୦ ଉପରେ ହେଉଥିବାରୁ ରାମଚନ୍ଦ୍ରପୁର ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଆସନ୍ତାକାଲି ରଥ ମାଉସୀ ଘର ନିକଟରେ ପହଞ୍ଚିବ ବୋଲି ଜଣାପଡିଛି।

## ତେଲକୋଇରେ ଘୋଷ ଯାତ୍ରା



**ତେଲକୋଇ,୭।୭(ସମିସ):** ତେଲକୋଇ ବ୍ଲକର ବିଭିନ୍ନ ସ୍ଥାନରେ ଆଜି ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଧୁମ୍‌ଧାମରେ ଅନୁଷ୍ଠିତ ହୋଇଯାଇଛି। ତେଲକୋଇ ମୁଖ୍ୟାଳୟ ସମେତ ଆକୁଳ, ପୋଡାଙ୍ଗ, ତାଳପଦା, ଝାଟିକି ପଶି ନୂଆଗାଁ ଆଦି ଅଞ୍ଚଳରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ନିତିକାନ୍ତି ଅନୁସାରେ ମହାପ୍ରଭୁଙ୍କ ପହଣ୍ଡି ବିଜେ କରାଯାଇ ରଥାରୂଢ଼ ହେବା ପରେ ଅପରାହ୍ନରେ ମାଉସୀ ମା' ମନ୍ଦିର ଅଭିମୁଖେ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେଲକୋଇ ରଥ ଯାତ୍ରାରେ ୫ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିବା ଦେଖାଯାଇଥିଲା। ବିଧାୟକ ଡାକ୍ତର ଫକିର ମୋହନ ନାଏକ ରଥଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ରାଜନଗର ଦଧିବାମନଜୀଉ ଓ ମଲ୍ଲୀପଶିରେ ରଥଯାତ୍ରା




**ତୁରୁମୁଙ୍ଗା,ପାଟଣା,୭।୭(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଦଧିବାମନଜୀଉ ଏବଂ ମଲ୍ଲୀପଶିରେ ଭକ୍ତିମୟ ପରିବେଶରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ବଡ଼ିଭୋରରୁ ରାଜନଗର ଦଧିବାମନଜୀଉଙ୍କ ସମସ୍ତ ରୀତିନୀତି ସମ୍ପନ୍ନ ହୋଇ ତିନି ଠାକୁରଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯିବା ପରେ ପରିଛା ଦୁର୍ଯ୍ୟୋଧନ ମିଶ୍ର ଛେରାପହଁରା କରିଥିଲେ। ପୂଜକ ପ୍ରଦୀପ କୁମାର ମିଶ୍ର, ସତ୍ୟାନନ୍ଦ ପଣ୍ଡା, ପ୍ରଦୀପ ପାଣି ପୂଜାର୍ଚ୍ଚନା କରିଥିଲେ। ଦେବୋତ୍ତର ବିଭାଗ ପକ୍ଷରୁ ତହସିଲଦାର ଲୀଳାବତୀ ନାୟକ ରଥଯାତ୍ରା ପରିଚାଳନା କରିଥିଲେ। ନନ୍ଦିଘୋଷ ରଥକୁ ହଜାର ହଜାର ଭକ୍ତ ଟାଣିନେଇଥିଲେ। ଗଳଗଣ୍ଡି ନିକଟରେ ରଥ ଅଟକି ରହିଥିବା ବେଳେ ଆସନ୍ତାକାଲି ଅପରାହ୍ନ ୩ଟାରେ ପୁଣି ରଥଟଣା ଯାଇ ମାଉସୀ ମା' ମନ୍ଦିରକୁ ନିଆଯିବ। ରଥଯାତ୍ରାର ଧାରା ବିବରଣୀ ଭାଷ୍ୟକାର ଅକ୍ଷୟ ନାରାୟଣ ମିଶ୍ର, କୈବଲ୍ୟ ଚନ୍ଦ୍ର ସାହୁ ଓ ସଚ୍ଚିଦାନନ୍ଦ ମହାକୁଡ ପ୍ରଦାନ କରିଥିଲେ। ଉଭୟ ରାଜନଗର ଓ ମଲ୍ଲୀପଶିରେ ବିଧାୟକ ଅଖିଳଚନ୍ଦ୍ର ନାଏକ ଓ ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ରଥରେ ଉପସ୍ଥିତ ରହି ରଥାରୂଢ଼ ତିନିଠାକୁରଙ୍କୁ ଦର୍ଶନ କରିଥିଲେ। ରାଜନଗରରେ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କ ନେତୃତ୍ୱରେ ୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ମଲ୍ଲୀପଶି ଠାରେ ପାର୍ଥସାରଥୀ ବେଜଙ୍କ ତତ୍ତ୍ୱାବଧାନରେ ରାଜା ରବିନାରାୟଣ ସିଂ ଛେରାପହଁରା କରିଥିଲେ। ପୂଜକ ଭାବେ କୁଳମଣି ଷଡଙ୍ଗୀ ଓ ପ୍ରହ୍ଲାଦ ପଲେଇ ଦେବନୀତି ସମ୍ପାଦନ କରିଥିଲେ। ଏଠାରେ ତିନିଠାକୁରଙ୍କ ପାଇଁ ତିନୋଟି ରଥ କରାଯାଇଥିବା ବେଳେ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିଲେ। ମଲ୍ଲୀପଶିରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନ ୧ ସେକ୍ସନ ଫୋର୍ସ ସହ ଆଇନ ଶୃଙ୍ଗଳା ରକ୍ଷା କରିଥିଲେ। ସେହିଭଳି ସରାସକୋଲା ମାଛଗଡ଼, ଟାଙ୍ଗରପଡା ଖୀରେଇଟାଙ୍ଗିରୀ ଆଦି ଅଞ୍ଚଳରେ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି।



# ପହଞ୍ଚିଲେ ଯମରାଜ ଯାତ୍ରା ହେଲା ରଦ୍ଦ

ଓଲା ତଥା ଉବର୍ ସେବା ଯୋଗୁଁ ଏବେ ଲୋକଙ୍କ ଯାତ୍ରା ଅଧିକ ସୁବିଧାଜନକ ହୋଇପାରିଛି। ଏହା ଯାତ୍ରୀଙ୍କୁ ସୁରକ୍ଷିତ ଯାତ୍ରା ମଧ୍ୟ ପ୍ରଦାନ କରିଥାଏ। ସେହିପରି ଯାତ୍ରୀଙ୍କୁ ଏଥିରେ ନିଜ ଇଚ୍ଛାନୁସାରେ ଯାତ୍ରା ରଦ୍ଦ କରିବାର ଅନୁମତି ବି ମିଳିଥାଏ। ଏହି କ୍ରମରେ ଏବେ ଜଣେ ବ୍ୟକ୍ତିଙ୍କ ଓଲା ରଦ୍ଦର କାରଣ ଚର୍ଚ୍ଚା ସାଉଁଟୁଛି। ଏହାର ଏକ ଭିଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। କର୍ଣ୍ଣାଟକର ଜଣେ ବ୍ୟକ୍ତି ଓଲା ଚାଳକଙ୍କ ନାଁ ପାଇଁ ନିଜ ଯାତ୍ରାକୁ ରଦ୍ଦ କରିଛନ୍ତି। ଚାଳକଙ୍କ ନାଁ 'ଯମରାଜ' ହୋଇଥିବାରୁ ସେ ଯାତ୍ରା କରି ନ ଥିବା କହିଛନ୍ତି। ସାମାଜିକ ଗଣାମଧ୍ୟମରେ ଏନେଇ ଏକ ପୋଷ୍ଟ ସେୟାର୍ କରାଯାଇଛି। ଏହି ପୋଷ୍ଟରେ ଓଲା ମେସେଜ୍ ଦେଖିବାକୁ ମିଳିଛି। ଅସଲରେ ଏହା ହେଉଛି ଓଲା ପକ୍ଷରୁ ଆସିଥିବା ନୋଟିଫିକେସନ୍‌ର ସ୍କ୍ରିନ୍‌ସଟ୍। ଯେଉଁଥିରେ ଲେଖାଯାଇଛି, 'ଯମରାଜ ପହଞ୍ଚି ଯାଇଛନ୍ତି ଏବଂ ତୁମ ସ୍ଥାନରେ ଅପେକ୍ଷା କରିଛନ୍ତି।' ଏହା ଦେଖି ସମ୍ପୃକ୍ତ ବ୍ୟକ୍ତି ଜଣକ ଓଲା ବୁକିଂ ରଦ୍ଦ କରିଥିବା ଜଣାପଡ଼ିଛି। ହିନ୍ଦୁଧର୍ମରେ ଯମରାଜଙ୍କୁ ମୃତ୍ୟୁର ଦେବତା କୁହାଯାଏ। ସେଥିପାଇଁ ସେ ଏଭଳି କରିଥିବା ନେଇ ଆଲୋଚନା ହେଉଛି। ଅନ୍ୟପଟେ ଏହି ପୋଷ୍ଟରେ ଲୋକମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି। ତେବେ ଏଭଳି ଘଟଣା ପ୍ରଥମ ଥର ପାଇଁ ଘଟିନାହିଁ। ଏହାପୂର୍ବରୁ ନୋଏଡାର ଜଣେ ଯାତ୍ରୀ ତାଙ୍କ କ୍ୟାବ୍ ଡ୍ରାଇଭରଙ୍କ ନାମ 'ଆତ୍ମା' ହୋଇଥିବା କଥାକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଥିଲେ।

# ବଲିଉଡ୍‌କୁ ଫେରିବେ ପାକିସ୍ତାନୀ ଅଭିନେତା ଫୱାଦ୍



ପାକିସ୍ତାନୀ ଅଭିନେତା ଫୱାଦ୍ ଖାନ୍ ପାକିସ୍ତାନ ସହ ଭାରତରେ ବି ବେଶ୍ ଲୋକପ୍ରିୟ। ସୁନ୍ଦର ଚେହେରା ସାଙ୍ଗକୁ ତାଙ୍କର ନିଖୁଣ ଅଭିନୟ ଦର୍ଶକଙ୍କ ମନକୁ ବେଶ୍ ଛୁଇଁଛି। ୨୦୧୪ ମସିହାରେ ଫୱାଦ୍ ସୋନମ୍ କପୁରଙ୍କ ସହ 'ଖୁବ୍‌ସୁରତ୍' ଫିଲ୍ମରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ୨୦୧୬ ପରେ ସେ ବଲିଉଡ୍‌ରୁ ଦୂରେଇ ଗଲେ। ପୁଣି ଥରେ ଫୱାଦ୍ ବଲିଉଡ୍‌କୁ ଫେରୁଛନ୍ତି। ପାଖାପାଖି ଆଠବର୍ଷ ପରେ ସେ ବଲିଉଡ୍‌ରେ କାମ କରିବାକୁ ଯାଉଛନ୍ତି। ଏହି ଫିଲ୍ମରେ ତାଙ୍କ ନାୟିକା ସାଜିବେ ବାଣୀ କପୁର। ଫିଲ୍ମର ସୁଟିଂ ଲଣ୍ଡନରୁ ଆରମ୍ଭ ହେବ। ଏବେ ଫିଲ୍ମର ପ୍ରିପ୍ରଡକ୍ସନ୍ କାମ ଚାଲିଛି। କିନ୍ତୁ ଫିଲ୍ମର ନିର୍ମାତା ଏଯାଏ ବିଧିବଦ୍ଧ ଭାବେ କିଛି ସୂଚନା ଦେଇ ନାହାନ୍ତି। ନିକଟ ଅତୀତରେ ବାଣୀଙ୍କ ଅଭିନୀତ ଅଧିକାଂଶ ଫିଲ୍ମ ଫ୍ଲପ୍ ସାବ୍ୟସ୍ତ ହୋଇଛି। ତେବେ ଫୱାଦ୍‌ଙ୍କ ସହ ତାଙ୍କର ଏହି ଫିଲ୍ମ ହିଟ୍ ହେବ ବୋଲି ସେ ଆଶା କରୁଛନ୍ତି। ଏଠାରେ ପ୍ରକାଶ ଥାଉ କି, ୨୦୧୬ରେ ପାକିସ୍ତାନୀ କଳାକାରମାନେ ଭାରତୀୟ ଫିଲ୍ମଗୁଡ଼ିକରେ କାମ କରିବେ ନାହିଁ ବୋଲି ବ୍ୟାନ୍ ଲଗାଯାଇଥିଲା। ଫୱାଦ୍ ଶେଷ ଥର ପାଇଁ କରନ୍ ଜୋହର୍‌ଙ୍କ ଫିଲ୍ମ 'ଏ ଦିଲ୍ ହୈ ମୁସ୍‌କିଲ୍' ଫିଲ୍ମରେ ଦେଖାଯାଇଥିଲେ।

## ଆଜିର ଇତିହାସ

- ୧୬୯୩ - ନ୍ୟୁୟର୍କ ପୋଲିସ ବର୍ଦ୍ଦିକୁ ମଞ୍ଜୁରି ପ୍ରଦାନ।
- ୧୮୮୯-ଆମେରିକା ଖବରକାଗଜ 'ଦ ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ପ୍ରକାଶନ।
- ୧୯୧୪- ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଜ୍ୟୋତି ବସୁଙ୍କ ଜନ୍ମ।
- ୧୯୪୮ - ଆମେରିକା ବାୟୁସେନାରେ ମହିଳାଙ୍କ ଭର୍ତ୍ତି ଆରମ୍ଭ।
- ୧୯୫୪- ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଦ୍ୱାରା ପଞ୍ଜାବରେ ଜଳ ବିଦ୍ୟୁତ୍ ପରିଯୋଜନା ଆରମ୍ଭ।
- ୨୦୦୭ - ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ପରଲୋକ।

# ବୁଦ୍ଧିଆ କୁକୁଡ଼ା

କାନାଡ଼ାର ଗାବ୍ରିଓଲା ଦ୍ୱୀପର ଲେସି ନାମକ ଏକ କୁକୁଡ଼ା ବିଶ୍ୱର ସବୁଠୁ ବୁଦ୍ଧିମାନ କୁକୁଡ଼ା ଭାବେ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। ଏହି କୁକୁଡ଼ା ମଣିଷ ଭଳି ଅକ୍ଷର, ସଂଖ୍ୟା ଓ ରଙ୍ଗ ଚିହ୍ନି ଏହି ସଫଳତା ହାସଲ କରିଛି। ଯାହା ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଏକ ପାଞ୍ଚଜଣିଆ କୁକୁଡ଼ା ଗ୍ରୁପ୍‌ରେ ଲେସି ଏକ ମିନିଟ୍‌ରେ ୬ଟି ଅକ୍ଷର, ରଙ୍ଗ ଓ ସଂଖ୍ୟାକୁ ଚିହ୍ନି ଏହି ରେକର୍ଡ ହାସଲ କରିବାରେ ସଫଳ ହୋଇଛି।


ଚିହ୍ନିପାରୁଛି ଅକ୍ଷର ଓ ରଙ୍ଗ

ଗାବ୍ରିଓଲା ଦ୍ୱୀପର ପ୍ରାଣୀ ବିଶେଷଜ୍ଞ ଇମିଲି କ୍ୟାରିଙ୍ଗଟନଙ୍କ କହିବାନୁଯାୟୀ, ସେ ଗତ ବର୍ଷ ୫ ଟି ହାଇଲାଇନ୍ କୁକୁଡ଼ା କିଣିଥିଲେ। ଏହାପରେ ସେ କୁକୁଡ଼ାମାନଙ୍କୁ ରଙ୍ଗ ତଥା ଅକ୍ଷର ଆଦି ଚିହ୍ନିବା ନେଇ ପ୍ରଶିକ୍ଷଣ ଦେଇଥିଲେ । ବହୁତ କମ୍ ସମୟରେ କୁକୁଡ଼ାଗୁଡ଼ିକ ଏସବୁ ଶିଖି ନେଇଥିଲେ। କୁକୁଡ଼ାଙ୍କୁ ପ୍ରଶିକ୍ଷଣ ଦେବା ପରେ କ୍ୟାରିଙ୍ଗଟନ ଗିନିଜ୍ ରେକର୍ଡ କରିବାକୁ ଭାବିଥିଲେ। କ୍ୟାରିଙ୍ଗଟନ ପାଞ୍ଚଟି କୁକୁଡ଼ାଙ୍କୁ ଅକ୍ଷର, ରଙ୍ଗ ଚିହ୍ନଟ କରିବାପାଇଁ ଏକ ମିନିଟ୍ ସମୟ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଲେସି ଏକ ମିନିଟ୍ ସମୟ ମଧ୍ୟରେ ୬ ଟିଅକ୍ଷର, ରଙ୍ଗ ଓ ସଂଖ୍ୟା ଚିହ୍ନଟ କରି ଏହି ଗିନିଜ୍ ବିଶ୍ୱ ରେକର୍ଡ କରିଛି।

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ଚାକିରି ବଦଳି ହୋଇପାରେ। ଜମି ନିବେଶ ପାଇଁ ବର୍ତ୍ତମାନ ଅନୁକୂଳ ସମୟ। ପରିବାର ଓ ବନ୍ଧୁଙ୍କ ସହଯୋଗ ରହିବ। ସମାଜସେବାରେ ସମୟ ବିତିପାରେ।

**ବୃଷ:** କର୍ମକ୍ଷେତ୍ରରେ ନିଜ ମତ ରଖନ୍ତୁ। ପ୍ରେମ ବ୍ୟାପାରରେ ସଫଳ ହେବେ। ଅଯଥା କଥାରୁ ଦୂରେଇ ରୁହନ୍ତୁ। ଦୀର୍ଘଦିନର ଆଶା ପୂରଣ ହେବ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ।

**ମିଥୁନ:** ଯାନବାହନ କିଣିବା ଯୋଗ ଅଛି। ଧନପ୍ରାପ୍ତି ଯୋଗ ରହିଛି। ସେୟାର ମାର୍କେଟରେ ନିବେଶ କରନ୍ତୁନି। ବିଳମ୍ବରେ କାର୍ଯ୍ୟ ହେବ। ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ।

**କର୍କଟ:** ଦିନଟି ଶୁଭଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତି ବିକ୍ରି କରିବା ଯୋଜନା କରିବେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ। ବ୍ୟବସାୟ ଆରମ୍ଭ କରିବା ପାଇଁ ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ପରିବାରରେ ହସଖୁସିର ପରିବେଶ ରହିବ। ସମ୍ମାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଘରେ ପୂଜାପାଠ ଆୟୋଜନ କରିବେ।

**କନ୍ୟା:** କୌଣସି କାମ ସମୟାନୁସାରେ ସମ୍ପନ୍ନ କରିବେ ନାହିଁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ। ଯାନବାହାନ କିଣିପାରନ୍ତି।

**ବିଚ୍ଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟା ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ଧନୁ:** ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ।

**ମକର:** ବାପାମାଆଙ୍କ ସହଯୋଗ ମିଳିବ। ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ।

**କୁମ୍ଭ:** କର୍ମ ଅନୁସାରେ ଫଳ ମିଳିବ। ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। ଚାକିରିରେ ବଦଳି ସମ୍ଭାବନା ଅଛି। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାରକରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

# ହେରାପଞ୍ଚମୀ

## ଅଭିମାନରେ ନନ୍ଦିଘୋଷ ରଥ ଭାଙ୍ଗନ୍ତି ମହାଲକ୍ଷ୍ମୀ



**ରଥଯାତ୍ରାର ଏକ ବିଶେଷ ନୀତି ହେଉଛି ହେରାପଞ୍ଚମୀ। ଏହା ରଥଯାତ୍ରାର ପଞ୍ଚମ ଦିବସରେ ଅର୍ଥାତ୍ ଆଷାଢ଼ ଶୁକ୍ଳ ଷଷ୍ଠୀରେ ପାଳିତ ହୋଇଥାଏ। ମହାପ୍ରଭୁ ଗୁଣ୍ଡିଚା ଘରେ ବିଜେ କରିଥିବା ସମୟରେ ଏହି ନୀତି ପାଳିତ ହୋଇଥାଏ। ଏଥିରେ ଦାମ୍ପତ୍ୟ ଜୀବନର ମାନ ଅଭିମାନର ଝଲକ ଦେଖିବାକୁ ମିଳିଥାଏ। ଶ୍ରୀ ଜଗନ୍ନାଥ ବଡ଼ ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସହିତ ରତ୍ନବେଦୀ ଛାଡ଼ି ଜନ୍ମବେଦୀକୁ ଯାଇଥାନ୍ତି। କିନ୍ତୁ ସାଙ୍ଗରେ ମା' ଲକ୍ଷ୍ମୀଙ୍କୁ ନେଇ ନ ଥିବାରୁ ସେ ଅଭିମାନ କରନ୍ତି। ସେଥିପାଇଁ ମହାଲକ୍ଷ୍ମୀ ରାଗରେ ନନ୍ଦିଘୋଷ ରଥର ଖଣ୍ଡେ କାଠ ଭାଙ୍ଗି ଦିଅନ୍ତି।**

**ମହାଲକ୍ଷ୍ମୀଙ୍କ ଗୋପନ ଯାତ୍ରା:** 'ଦେଖା ହେବା' ବା 'ଦର୍ଶନ କରିବା' ବିଧିକୁ ଶ୍ରୀମନ୍ଦିର ଭାଷାରେ 'ହେରା' କୁହାଯାଏ। ହେରାପଞ୍ଚମୀକୁ ନେଇ ଏକ ଉପାଖ୍ୟାନ ଅଛି। ଶ୍ରୀ ଜଗନ୍ନାଥ ବଡ଼ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ରଥଯାତ୍ରା ଦିନ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି। ଫଳରେ ଲକ୍ଷ୍ମୀଙ୍କ ମନ ଦୁଃଖ ହୁଏ। ନିଜର ଦୁଃଖ ସେ ମା' ବିମଳାଙ୍କ ପାଖରେ ପ୍ରକାଶ କରନ୍ତି। ମା' ବିମଳା ମହାଲକ୍ଷ୍ମୀଙ୍କୁ ସାନ୍ତ୍ୱନା ଦିଅନ୍ତି। ଏହା ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ମହାଲକ୍ଷ୍ମୀ ଶ୍ରୀମନ୍ଦିରରୁ ଗୋପନରେ ଯାତ୍ରା କରନ୍ତି।

**ମିଳେ ନାହିଁ ଜଗାଙ୍କ ଦର୍ଶନ:** ଏହିଦିନ ଶ୍ରୀମନ୍ଦିରର ଭଣ୍ଡାର ଘରେ ବିଜେ କରିଥିବା ମା' ଲକ୍ଷ୍ମୀ ଠାକୁରାଣୀଙ୍କ ମାଜଣା, ବନକଲାଗି, ପାଟ, ଅଳଙ୍କାର ଲାଗି ପରେ ପନ୍ତି ଭୋଗ ହୁଏ। ମା' ଲକ୍ଷ୍ମୀ ପାଲିଙ୍କିରେ ଶ୍ରୀମନ୍ଦିରରୁ ବାହାରି ବଡ଼ଦାଣ୍ଡ ଦେଇ ଗୁଣ୍ଡିଚା ଘର ରଥ ପାଖକୁ ଯାଆନ୍ତି। ଘଣ୍ଟ, କାହାଳି ବାଜାରେ ପରିବେଶ ମୁଖରିତ ହୁଏ। ମହାଲକ୍ଷ୍ମୀଙ୍କ ବିମାନ ନାକଚଣା ଦ୍ୱାର ଦେଇ ଗଲାବେଳେ ତେନ୍ତୁଳି ଗଛ ମୂଳରେ ବନ୍ଦାପନା ହୁଏ। ଏହାପରେ ମା' ଲକ୍ଷ୍ମୀଙ୍କ ବିମାନକୁ ରଥ ପାଖକୁ ନିଆଯାଏ। ତେବେ ମହାଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ମହାପ୍ରଭୁଙ୍କ ଦର୍ଶନ ପାଆନ୍ତି ନାହିଁ।

**ନନ୍ଦିଘୋଷ ରଥ କାଠ ଭାଙ୍ଗନ୍ତି:** ଗୁଣ୍ଡିଚା ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ସହ ଭେଟ ନ ହେବାରୁ ମା' ଲକ୍ଷ୍ମୀ ଅଭିମାନ କରନ୍ତି। ସେଥିପାଇଁ ସେ ରାଗରେ ନନ୍ଦିଘୋଷ ରଥର ଖଣ୍ଡିଏ କାଠ ଭାଙ୍ଗି ଦିଅନ୍ତି। ରଥ କାଠ ଭାଙ୍ଗିବାର କାରଣ ହେଲା, ଜଗନ୍ନାଥ ମହାଲକ୍ଷ୍ମୀଙ୍କୁ ସାଙ୍ଗରେ ନ ନେଇ ଭାଇ ଭଉଣୀଙ୍କ ସହ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି। ଅନ୍ୟପଟେ ମା' ଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିରକୁ ଶୋଭାଯାତ୍ରାରେ ଯାଉଥିବା ବେଳେ ପ୍ରତ୍ୟାବର୍ତ୍ତନ ତାଙ୍କର ବେଶ୍ ନିରାଡମ୍ବର ଭାବେ ହୋଇଥାଏ।

ହେରାଗୋହିରୀ ସାହି ବାଟେ ଲକ୍ଷ୍ମୀଙ୍କୁ ବଡ଼ଦେଉଳକୁ ବାହୁଡ଼ା ବିଜେରେ ଅଣାଯାଏ। ଏହାପରେ ପ୍ରତ୍ୟାଗମନ ପଇଁ ରଥ ଦକ୍ଷିଣାଭିମୁଖୀ କରାଯିବା ନିମନ୍ତେ ମହାପ୍ରଭୁ ଆଦେଶ ଦେଇଥାନ୍ତି। ଫଳରେ ହେରା ପଞ୍ଚମୀ ପରଦିନ ପ୍ରଭୁଙ୍କର ଆଜ୍ଞାମାଳ ଦିଆଯିବା ପରେ ରଥ ଦକ୍ଷିଣମୋଡ଼ ହୋଇଥାଏ। ତେବେ ଏହି ଧାର୍ମିକ ନୀତି ପଛରେ ସାମାଜିକ ଭାବ ଜଡ଼ିତ ହୋଇ ରହିଛି। ଏଣୁ ହେରାପଞ୍ଚମୀକୁ ଦାମ୍ପତ୍ୟ ଅଭିମାନର ପ୍ରତୀକ ଭାବେ ବିବେଚନା କରାଯାଏ।

# ସ୍ୱସ୍ତି

## ଜାଣନ୍ତି କି

ଶ୍ରୀମନ୍ଦିରରେ ଅନେକ ନିଆରା ଶବ୍ଦ ବ୍ୟବହାର ହୁଏ। ଯାହା ସେବାୟତଙ୍କ ମୁହଁରୁ ଶୁଣିବାକୁ ମିଳିଥାଏ। ସେମିତି ଏକ ଶବ୍ଦ ହେଉଛି, **'ମାଲ୍ ବାହାରିବା'।** ଏହାର ଅର୍ଥ ହେଉଛି, ମହାପ୍ରଭୁଙ୍କ ଧୂପ ଶେଷ ପରେ ଭିତରୁ କିମ୍ବା ଭୋଗମଣ୍ଡପରୁ ଭୋଗଦ୍ରବ୍ୟ ବାହାରିବା।



## ଗୀତାବାଣୀ

ଯୁକ୍ତଃ କର୍ମଫଳଂ ତ୍ୟକ୍ତ୍ୱା ଶାନ୍ତିମାପ୍ନୋତି ନୈଷ୍ଠିକୀମ୍।
ଅଯୁକ୍ତଃ କାମକାରେଣ ଫଳେ ସକ୍ତୋ ନିବଧ୍ୟତେ॥



କର୍ମଯୋଗୀ କର୍ମଫଳ ତ୍ୟାଗ କରି ନୈଷ୍ଠିକୀ ଶାନ୍ତି ପ୍ରାପ୍ତ ହୁଏ। କିନ୍ତୁ ସକାମ ମନୁଷ୍ୟ କାମନା ହେତୁ ଫଳରେ ଆସକ୍ତ ହୋଇ ବାନ୍ଧି ହୋଇଯାଏ।

(ପଞ୍ଚମୋଽଧ୍ୟାୟଃ: ଶ୍ଳୋକ-୧୨)

## ତିନି ରାଶିଙ୍କ ଭାଗ୍ୟୋଦୟ

ରାହୁ-କେତୁ ଦେଢ଼ ବର୍ଷ ପରେ ରାଶି ପରିବର୍ତ୍ତନ କରନ୍ତି। ଏଣୁ ସେମାନଙ୍କର ଶୁଭ ଓ ଅଶୁଭ ଫଳ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ। ଜୁଲାଇ ୮ରୁ କେତୁ ହସ୍ତ ନକ୍ଷତ୍ରର ତୃତୀୟ ଚରଣରୁ ବାହାରି ଦ୍ୱିତୀୟ ଚରଣରେ ପ୍ରବେଶ କରିବେ। କେତୁଙ୍କ ଏହି ନକ୍ଷତ୍ର ପରିବର୍ତ୍ତନ ସମସ୍ତ ରାଶି ଉପରେ ପ୍ରଭାବ ପକାଇବ। ବିଶେଷକରି ଏହି ତିନି ରାଶିଙ୍କର ଭାଗ୍ୟୋଦୟ ହେବ।

**ମେଷ:** କ୍ୟାରିୟରରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ନିବେଶ ପାଇଁ ଉତ୍ତମ ସମୟ।

**ବୃଷ:** ଆୟରେ ଉନ୍ନତି ହେବ। ଚାକିରିରେ ପଦୋନ୍ନତି ହେବ। ନୂଆ ଯାନବାହନ ନଚେତ୍ ଜମିବାଡ଼ି କିଣିବେ। ବ୍ୟବସାୟରେ ଉନ୍ନତି ଘଟିବ।

**ମକର:** ଅଚାନକ ଧନଲାଭ ହେବ। ପାରିବାରିକ ଜୀବନ ସୁଖମୟ ହେବ। ବିଦ୍ୟାର୍ଥୀଙ୍କ ପାଇଁ ଉତ୍ତମ ସମୟ। ନିବେଶରୁ ଲାଭ ମିଳିବ।



## କୋପା ଆମେରିକା ଫୁଟବଲ

# ବିପର୍ଯ୍ୟୟ: ବ୍ରାଜିଲକୁ ହରାଇଲା ଉରୁଗୁଏ

## ସେମିରେ ଆର୍ଜେଣ୍ଟିନା-କାନାଡା, ଉରୁଗୁଏ-କଲମ୍ବିଆ



**ଲସ୍ ଭେଗାସ,୭ ।୭ (ଏଜେନ୍ସି)**

ଦକ୍ଷିଣ ଆମେରିକା ସର୍ବବୃହତ୍ ତଥା ବିଶ୍ୱ ତୃତୀୟ ସର୍ବାଧିକ ଲୋକପ୍ରିୟ ଫୁଟବଲ ଟୁର୍ଣ୍ଣାମେଣ୍ଟ କୋପା ଆମେରିକାର ସେମିଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି । ୧୦ ତାରିଖ ବୁଧବାର ପ୍ରଥମ ସେମିଫାଇନାଲରେ ଗତଥରର ଚାମ୍ପିଅନ ଆର୍ଜେଣ୍ଟିନା ଓ ପଦାର୍ପଣ କରିଥିବା କାନାଡା ଏବଂ ୧୧ ତାରିଖ ଗୁରୁବାର ଦ୍ୱିତୀୟ ସେମିରେ ଉରୁଗୁଏ ଓ କଲମ୍ବିଆ ପରସ୍ପରକୁ ଭେଟିବେ । ରବିବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ କଲମ୍ବିଆ ୫-୦ ଗୋଲରେ ପାନାମାକୁ ହରାଇ ସେମିକୁ ଉଠିଛି । ଅନ୍ୟଏକ କ୍ୱାର୍ଟରରେ ଉରୁଗୁଏ ପେନାଲ୍ଟି ସୁଟ୍‌ଆଉଟ୍‌ରେ ବ୍ରାଜିଲକୁ ୪-୨ ଗୋଲରେ ପରାସ୍ତ କରି ବିପର୍ଯ୍ୟୟ ଘଟାଇବା ସହ ସେମିକୁ ଉଠିଛି ।

### ସୁଟ୍‌ଆଉଟ୍‌ରେ ହାରିଲା ବ୍ରାଜିଲ

ସ୍ଥାନୀୟ ଆଲେଜାଏଣ୍ଟ ଷ୍ଟାଡିୟମରେ ବ୍ରାଜିଲ ଓ ଉରୁଗୁଏ ପରସ୍ପରକୁ ଭେଟିଥିଲେ ଓ ଏହି ମ୍ୟାଚ୍ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା । ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା । ଫଳରେ ପେନାଲ୍ଟି ସୁଟ୍‌ଆଉଟ୍ ସହାୟତା ନିଆଯାଇଥିଲା । ଏଥିରେ ବ୍ରାଜିଲ ୨-୪ ଗୋଲରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛି । ଫିଫା ମାନ୍ୟତାରେ ବ୍ରାଜିଲା ଚତୁର୍ଥ ସ୍ଥାନରେ ରହିଥିବା ବେଳେ ଉରୁଗୁଏ ୧୦ଟି ସ୍ଥାନ ନିମ୍ନ ଅର୍ଥାତ ୧୪ତମ ସ୍ଥାନରେ ରହିଛି । ୨୦୧୧ରେ ଟାଇଟଲ ହାସଲ କରିବା ପରେ ଉରୁଗୁଏ ପ୍ରଥମଥର ପାଇଁ ସେମିକୁ ଉଠିଛି ଓ ୧୯ ୯୫ରେ ପ୍ରଥମଥର ପାଇଁ ବ୍ରାଜିଲକୁ ହରାଇଛି । ସାରା ଟୁର୍ଣ୍ଣାମେଣ୍ଟରେ ବ୍ରାଜିଲ ଆଶାନୁରୂପ ପ୍ରଦର୍ଶନ କରିବାରେ ସଫଳ ହୋଇନାହିଁ । ପରାଜୟ ପାଇଁ ବ୍ରାଜିଲ କୋଚ୍ ଡୋରିଭାଲ ଜୁନିଅର ନିଜକୁ ଦାୟୀ କରିଛନ୍ତି । ସରା ମ୍ୟାଚ୍‌ରେ କିନ୍ତୁ ବ୍ରାଜିଲ ଉନ୍ନତ ପ୍ରଦର୍ଶନ କରିଥିଲା । ବଲ୍ ପଜେସନ, ପାସ, ପାସ୍ ଆକ୍ୟୁରେସି ଓ ସଟ୍ ଅନ୍ ଟାର୍ଗେଟ୍‌ରେ ବ୍ରାଜିଲ ଆଗରେ ରହିଥିଲା । କିନ୍ତୁ ସଟ୍ ମାରିବାରେ ଉରୁଗୁଲ ଦୁଇଗୁଣା ଆଗରେ ରହିଥିଲା । ବ୍ରାଜିଲ କୋପା ଆମେରିକରା ୯ଥର ଚାମ୍ପିଅନ, ୧୨ଥର ରନର୍ସଅପ୍ ହୋଇଥିବା ବେଳେ ଉରୁଗୁଏ ୧୫ଥର ଚାମ୍ପିଅନ ଓ ୬ ଥର ରନର୍ସଅପ୍ ବିବେଚିତ ହୋଇଛି ।

### ପାନାମାର ଆତ୍ମସମର୍ପଣ

ରବିବାର ଖେଳାଯାଇଥିବା ତୃତୀୟ କ୍ୱାର୍ଟର ଫାଇନାଲ ମୁକାବିଲାରେ କଲମ୍ବିଆ ୫-୦ ଗୋଲରେ କେନ୍ଦ୍ର ଆମେରିକୀୟ ଦେଶ ପାନାମାକୁ ଅତି ସହଜରେ ପରାସ୍ତ କରିଥିଲା । ଏହି ମ୍ୟାଚ୍‌ରେ ପାନାମା ଏକ ପ୍ରକାର ଆତ୍ମ ସମର୍ପଣ କରିଥିଲା । ପାନାମାର ଦୁର୍ବଳ ରକ୍ଷଣଭାଗ କଲମ୍ବିଆ ପାଇଁ ସୁଯୋଗ ସୃଷ୍ଟି କରିଥିଲା । ଫଳରେ କଲମ୍ବିଆ ଖେଳାଳି ଗୋଟିଏ ପରେ ଗୋଟିଏ ଗୋଲ ଦେଇଥିଲେ । କଲମ୍ବିଆ ତରଫରୁ ୮ମ ମିନିଟ୍‌ରେ ଝୋନ୍ କୋରଡୋବା, ୧୫ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଜେମ୍ସ ରୋଡ୍ରିଗ୍ୱେଜ, ୪୧ତମ ମିନିଟ୍‌ରେ ଲୁଇସ୍ ଡିଆଜ, ୭୦ତମ ମିନିଟ୍‌ରେ ରିଚାର୍ଡ ରାଇଓସ୍ ଓ ଶେଷରେ ମ୍ୟାଚର ଅନ୍ତିମ ଭାଗ ଇଞ୍ଜୁରି ଟାଇମ ଚତୁର୍ଥ ମିନିଟ୍‌ରେ ମିଗୁଏଲ ବୋର୍ଜା ପେନାଲ୍ଟି ଜରିଆରେ ଗୋଲ ସ୍କୋର କରିଥିଲେ । କଲମ୍ବିଆ ଖେଳାଳି ଅଧିକ ସମୟ ବଲକୁ ନିଜ ଅକ୍ତିଆରରେ ରଖିଥିଲେ । ପାସ୍, ପାସ୍ ଆକ୍ୟୁରେସି, ସଟ୍ ଅନ୍ ଟାର୍ଗେଟ୍‌ରେ କଲମ୍ବିଆ ଆଗରେ ରହିଥିଲେ ମଧ୍ୟ ସଟ୍‌ରେ କଲମ୍ବିଆ ଅଗାରେ ରହିଥିଲା । କଲମ୍ବିଆ ଫିଫା ମାନ୍ୟତାର ଦ୍ୱାଦଶ ସ୍ଥାନରେ ରହିଥିବା ବେଳେ ପାନାମା ୪ମ୍ ସ୍ଥାନରେ ରହିଛି । କଲମ୍ବିଆ ଥରେ ଲେଖାଏ ଚାମ୍ପିଅନ ଓ ରନର୍ସଅପ ହୋଇଥିବା ବେଳେ ପାନାମ ଏପର୍ଯ୍ୟନ୍ତ ସଫଳ ହୋଇନାହିଁ ।

---

**● ଆମେରିକା ମେଜର ଲିଗ୍ କ୍ରିକେଟ**

## ଡିଏଲ୍‌ରେ ଜିତିଲା ୱାଶିଂଟନ ଫ୍ରିଡମ୍

**ମୋରିସ୍‌ଭିଲେ, ୭।୭(ଏଜେନ୍ସି):** ୱାଶିଂଟନ ଫ୍ରିଡମ ମାତ୍ର ୭.୪ ଓଭର ଖେଳି ଏଠାରେ ଚାଲିଥିବା ଆମେରିକା ମେଜର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଏମ୍‌ଆଇ ନ୍ୟୁୟର୍କକୁ ପରାସ୍ତ କରିଛି । ଏହା ଫଳରେ ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁୟର୍କ ପ୍ରଥମ ପରାଜୟ ବରଣ କରିଛି । ଏହି ମ୍ୟାଚ୍‌ରେ ନିକୋଲସ ପୂରଣ ୪୪, ରାଶିଦ୍ ଖାନ୍ ୧୫ବଲ୍‌ରେ ୩୧ ଓ ରୁବେନ କ୍ଲିଣ୍ଟନ ୨୨ ବଲ୍‌ରେ ୨୮ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ନ୍ୟୁୟର୍କ ଦଳ ୯ ୱିକେଟରେ ୧୫୪ ରନ୍ କରିଥିଠଲା । ପ୍ରତିପକ୍ଷ ଦଳର ସୌରଭ ନେତ୍ରାଭାଲକର ଓ ଜଷ୍ଟିନ ଡିଲ ୩ଟି ଲେଖାଏଁ ୱିକେଟ ପାଇଥିଲେ । ଜବାବରେ ୱାଶିଂଟନ ଫ୍ରିଡମ୍ ୭.୪ ଓଭରରେ ଟ୍ରାଭିସ୍ ହେଡ (୧)ଙ୍କ ୱିକେଟ ହରାଇ ୫୫ ରନ୍ କରିଥିଲାବେଳେ ବର୍ଷା ଯୋଗୁ ଆଉ ଖେଳ ସମ୍ଭବ ହୋଇ ନ ଥିଲା । ଏହା ଫଳରେ ଡିଏଲ ପଦ୍ଧତିରେ ୱାଶିଂଟନକୁ ବିଜୟୀ ଘୋଷିତ କରାଯାଇଥିଲା । ଦଳ ପକ୍ଷରୁ ଅଧିନାୟକ ଷ୍ଟିଭେନ ସ୍ମିଥ ୨୮ ବଲ୍ ଖେଳି ୪ ଚୌକା ଓ ୩ ଛକା ସହ ୪୬ ରନ୍‌ରେ ଅପରାଜିତ ରହିଥିଲେ । ସୌରଭଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା ।

ପୂର୍ବରୁ ଖେଳାଯାଇଥିବା ପ୍ରଥମ ଲିଗ୍ ମ୍ୟାଚ୍‌ରେ ଏମ୍‌ଆଇ ନ୍ୟୁୟର୍କ ୬ ୱିକେଟରେ ସିଏଟଲ ଓର୍କାସକୁ ପରାସ୍ତ କରିଥିଲା । ଏହି ମ୍ୟାଚ୍‌ରେ ୩୭ ବଲ୍‌ରୁ ଅପରାଜିତ ୬୨ ରନ୍ କରିଥିବା ପୂରନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ସେହିପରି ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଲସ୍ ଏଞ୍ଜେଲସ ନାଇଟ୍ ରାଇଡର୍ସ ୧୨ ରନ୍‌ରେ ଟେକ୍ସାସ ସୁପର କିଙ୍ଗ୍‌କୁ ହରାଇଥିଲା । ଏହି ମ୍ୟାଚ୍‌ରେ ବିଜୟୀ ଦଳର ଉନ୍ମୁକ୍ତ ଚାନ୍ଦ ୪୫ ବଲ୍‌ରେ ସର୍ବାଧିକ ୬୮ ରନ୍ କରିଥିଲେ । କିନ୍ତୁ ଟେକ୍ସାସ ପାଳିରେ ୩୩ ରନ୍ ଦେଇ ୪ ୱିକେଟ ନେଇଥିବା ଅଲି ଖାନ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ଏହି ପ୍ରତିଯୋଗିତାର ଚତୁର୍ଥ ଲିଗ୍ ମ୍ୟାଚ୍ ସାନ ଫ୍ରାନ୍ସିସ୍କୋ ୟୁନିକର୍ଣ୍ଣସ ଓ ଲସ୍ ଏଞ୍ଜେଲ୍ସ ନାଇଟ୍ ରାଇଡର୍ସ ମଧ୍ୟରେ ଖେଳାଯିବ ।

---

## ଏସିଆନ୍ ସ୍କ୍ୱାଶ୍‌ରେ ଅଭୟଙ୍କୁ ଡବଲ୍ ଟାଇଟଲ୍




**ଜୋହର, ୭ ।୭ (ଏଜେନ୍ସି):** ଭାରତର ଅଭୟ ସିଂ ମାଲେସିଆରେ ଅନୁଷ୍ଠିତ ଏସିଆନ ସ୍କ୍ୱାଶ ଡବଲ୍ ଚାମ୍ପିଅନସିପ୍‌ରେ ଡବଲ୍ ଟାଇଟଲ୍ ହାସଲ କରିଛନ୍ତି । ସେ ଜ୍ୟୋତ୍ସ୍ନା ଚିନାପ୍ପାଙ୍କ ସହ ମିଶ୍ରିତ ଯୁଗଳରେ ଏବଂ ଭେଲଭାନ ସେନ୍ଥିଲକୁମାରଙ୍କ ସହ ମିଶି ପୁରୁଷ ଯୁଗଳରେ ଚାମ୍ପିଅନ୍ ହୋଇଛନ୍ତି । ରବିବାର ଖେଳାଯାଇଥିବା ମିଶ୍ରିତ ଯୁଗଳ ଫାଇନାଲରେ ଅଭୟ ଓ ଜ୍ୟୋତ୍ସ୍ନାଙ୍କ ଯୋଡ଼ି ୨-୧ (୧୧-୮, ୧୦-୧୧, ୧୧-୫)ରେ ହଂକଂର ତୋଙ୍ଗ ୱିଙ୍ଗ୍ ଓ ମିଙ୍ଗ୍ ହଂଗ ତାଙ୍କ୍ ଯୋଡ଼ିଙ୍କୁ ପରାସ୍ତ କରିଥିଲେ । ଏଥିପୂର୍ବରୁ ପୁରୁଷ ଯୁଗଳରେ ସେନ୍ଥିଲକୁମାରଙ୍କୁ ସାଥୀ କରି ଖେଳୁଥିବା ଅଭୟ ଫାଇନାଲରେ ୨-୦ (୧୧-୮, ୧୧-୧୦)ରେ ହଂକଂ ଯୋଡ଼ି ଚେଙ୍ଗ ନା ଚିଙ୍ଗ୍ ଓ ଲାଇ ଚେଉକ ନାମ ମାଥ୍ୟୁଙ୍କୁ ପରାସ୍ତ କରି ପ୍ରତିଯୋଗିତାରେ ୨ୟ ଟାଇଟଲ୍ ଜିତିଥିଲେ । ୨୫ ବର୍ଷୀୟ ଅଭୟ ଗତବର୍ଷ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ରହିଥିଲେ ।

---

**କାନାଡା ଓପନ୍ ବ୍ୟାଡ୍‌ମିଣ୍ଟନ**

## ସେମିରେ ହାରିଲେ ପ୍ରିୟାଂଶୁ

**କାଲଗାରୀ,୭ ।୭ (ଏଜେନ୍ସି):** ଏଠାରେ ଚାଲିଥିବା କାନାଡା ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଉଦୀୟମାନ ଖେଳାଳି ପ୍ରିୟାଂଶୁ ରାଜାୱତ୍ ସେମି ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ପୁରୁଷ ଏକକ ପ୍ରତିଯୋଗିତାରେ ପ୍ରିୟାଂଶୁ ସେମରେ ୧୭-୨୧, ୧୦-୨୧ରେ ଫ୍ରାନ୍ସର ଆଲେକ୍ସ ଲାନିଏରଙ୍କଠାରୁ ପରାସ୍ତ ହୋଇଛନ୍ତି । ଆଲେକ୍ସ ମାତ୍ର ୪୫ ମିନିଟ୍‌ରେ ପ୍ରିୟାଂଶୁଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି । ଟାଇଟଲ ପାଇଁ ଫାଇନାଲରେ ଲାନିଏର ଏବେ ଜାପାନର ଷଷ୍ଠ ସିଡ୍ ଖେଳାଳି କୋକି ୱାତାନାବେଙ୍କୁ ଭେଟିବେ । ଏଥିସହ ଏହି ଟୁର୍ଣ୍ଣାମେଣ୍ଟରୁ ଭାରତୀୟ ଅଭିଯାନ ଶେଷ ହୋଇଛି । ବିଡବ୍ଲ୍ୟୁଏଫ୍ ମାନ୍ୟତାରେ ପ୍ରିୟାଂଶୁ ୩୯ତମ ସ୍ଥାନରେ ରହିଥିବା ବେଳେ ଲାନିଏର ୩୭ତମ ସ୍ଥାନରେ ରହିଛନ୍ତି । କୋକି ଅନ୍ୟଏକ ସେମିଫାଇନାଲରେ ନିଜ ଦେଶର ୟୁସି ତାନାକାଙ୍କୁ ୨୨-୨୦, ୨୧-୧୩ରେ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି । ପ୍ରିୟାଂଶୁ କ୍ୱାର୍ଟର ଫାଇନାଲ ମୁକାବିଲାରେ ଶ୍ରେଷ୍ଠ ସିଡ୍ ଖେଳାଳି ତଥା ବିଶ୍ୱର ୪ ନଂ ଖେଳାଳି ଡେନମାର୍କର ଆଣ୍ଡର୍ସ ଆଣ୍ଟୋନସେନଙ୍କୁ ୨୧-୧୧, ୧୭-୨୧, ୨୧-୧୯ରେ ପରାସ୍ତ କରି ବିପର୍ଯ୍ୟୟ ଘଟାଇବା ସହ ସେମିଫାଇନାଲରେ ପ୍ରବେଶ କରିଥିଲେ । କିନ୍ତୁ ଫାଇନାଲରେ ସେ ଏହି ପ୍ରଦର୍ଶନ ବଜାୟ ରଖିପାରି ନଥିଲେ । ପୂର୍ବରୁ ଭାରତୀୟ ମହିଳା ଯୁଗଳ ଯୋଡି ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଥିଲେ । ତୃତୀୟ ସିଡ୍ ମାନ୍ୟତା ପାଇଥିବା ଏହି ଭାରତୀୟ ଯୋଡି ୧୮-୨୧, ୨୧-୧୯, ୧୬-୨୧ରେ ଚାଇନିଜ ତାଇପେ ଯୋଡି ସିଏ ପେଇ-ସାନ ଓ ହଙ୍ଗ ଏନ୍-ଜୁଙ୍କଠାରୁ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ ପଡିଥିଲେ ।



---

**୧୯ ବର୍ଷରୁ କମ୍ ଏକଦିବସୀୟ କ୍ରିକେଟ**

## ସିଦ୍ଧେଶ୍ୱରଙ୍କୁ ୬ ୱିକେଟ; ସମ୍ବଲପୁର-ବି ବିଜୟୀ



**କଟକ,୭।୭(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକରେ ୧୯ବର୍ଷରୁ କମ୍ ଆନ୍ତଃ ଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି । ପୂର୍ବରୁ ବାତିଲ ହୋଇଥିବା ଲିଗ ପର୍ଯ୍ୟାୟର ୨ଟି ମ୍ୟାଚ୍ ରବିବାର ଆୟୋଜନ କରାଯାଇଥିଲା । ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ସମ୍ବଲପୁର-ବି ୬ ୱିକେଟରେ ଦେବଗଡ଼କୁ ପରାସ୍ତ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦେବଗଡ ୯୫ରନରେ ଅଲଆଉଟ ହୋଇଥିଲା । ସିଦ୍ଧାର୍ଥ ନାୟକ ସର୍ବାଧିକ ୧୭ରନ କରିଥିଲେ । ସମ୍ବଲପୁର-ବି' ତରଫରୁ ସିଦ୍ଧେଶ୍ୱର ବେହେରାଙ୍କୁ ୬ଟି ୱିକେଟ ମିଳିଥିଲା । ସେ ୪୩ରନ ବ୍ୟୟ କରି ଏହି ସଫଳତା ପାଇଥିଲେ । ଉତ୍ତମ ସିଂହ ୨ଟି ୱିକେଟ ଅକ୍ତିଆର କରିଥିଲେ । ୧୪.୩ ଓଭରରେ ୪ ୱିକେଟ ହରାଇ ସମ୍ବଲପୁର-ବି' ସହଜ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଅମନ ପାଣ୍ଡେ ଦଳ ନିମନ୍ତେ ସର୍ବାଧିକ ୩୧ରନ କରିଥିଲେ । ଦେବଗଡ଼ ପକ୍ଷରୁ ସେଖ୍ ନକିବ ୩ଟି ଏବଂ ଆଲୋକ ପାତ୍ର ଗୋଟିଏ ୱିକେଟ ଅକ୍ତିଆର କରିଥିଲେ । ସିଦ୍ଧେଶ୍ୱରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା ।

ରେଭେନ୍ସା ଗ୍ରାଉଣ୍ଡ-୧ରେ ନୟାଗଡ ଏବଂ ମୟୂରଭଞ୍ଜ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ପୁର୍ନବାର ବାତିଲ ହୋଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ନୟାଗଡ ସମସ୍ତ ୱିକେଟ ହରାଇ ୧୪୫ରନ କରିଥିଲା । ଦିବ୍ୟଜ୍ୟୋତି ପଟ୍ଟନାୟକ ୬୮ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ମୟୂରଭଞ୍ଜର ଚନ୍ଦନ ସିଂହ ଏବଂ ମହମ୍ମଦ ରାଜା ଯଥାକ୍ରମେ ୪ଟି ଏବଂ ୨ଟି ୱିକେଟ ହାସଲ କରିଥିଲେ । ମୟୂରଭଞ୍ଜ ୧୩ ଓଭର ଖେଳି ଦୁଇ ୱିକେଟ ବିନିମୟରେ ୪୯ରନ କରିଥିବା ବେଳେ ବର୍ଷା ଯୋଗୁଁ ମ୍ୟାଚ୍ ବନ୍ଦ ରହିଥିଲା । ପରେ ଓଦା ଆଉଟଫିଲ୍ଡ ଯୋଗୁଁ ଖେଳ ପୁର୍ନବାର ଆରମ୍ଭ କରିବା ସମ୍ଭବପର ହୋଇ ନଥିଲା । ଫଳରେ ମ୍ୟାଚ୍‌କୁ ବାତିଲ ଘୋଷଣା କରାଯାଇଥିଲା ।

---

**ଅଟଳ ବିହାରୀ ରାଜ୍ୟ ଓପନ ଚେସ୍**

## ହର୍ଷିତ ଚାମ୍ପିଅନ, ଲଳିତ ରନର୍ସଅପ୍



**ଭୁବନେଶ୍ୱର, ୭।୭(ସମିସ):** କଟକର ଦୁଇ ଖେଳାଳି ହର୍ଷିତ ରଞ୍ଜନ ସାହୁ ଓ ଲଳିତ ରଞ୍ଜନ ସାହୁ ଦ୍ୱିତୀୟ ଅଟଳ ବିହାରୀ ସେନାପତି ସ୍ମାରକୀ ଚେସ୍ ପ୍ରତିଯୋଗିତାରେ ଯଥାକ୍ରମେ ଚାମ୍ପିଅନ ଓ ରନର୍ସଅପ୍ ହୋଇଛନ୍ତି । ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଖେଳାଳି ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ । କିନ୍ତୁ ବୁକୋଲଜ୍‌ରେ ହର୍ଷିତ ଉନ୍ନତ ପ୍ରଦର୍ଶନ କରି ଟାଇଟଲ ଜିତିନେଇଥିଲେ । ଏମାନଙ୍କ ପଛକୁ ୫ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ । ସେମାନଙ୍କ ମଧ୍ୟରୁ ଭୁବନେଶ୍ୱରର ଏନ୍ ସୁନ୍ଦର ରାଜନ, କଟକର ରବୀନ୍ଦ୍ର ଓଝା, ଯାଜପୁରର ସୃଜନ ପ୍ରଣୟ ରାୟ, ଭୁବନେଶ୍ୱରର ରଞ୍ଜନ ମଲ୍ଲିକ ଓ ଭୁବନେଶ୍ୱରର ଅବିନାଶ ବଳିୟାରସିଂ ଯଥାକ୍ରମେ ତୃତୀୟରୁ ସପ୍ତମ ସ୍ଥାନ ଅଧିକାର କରିଛନ୍ତି । କେଶୁରାର ରୟାଲ ପବ୍ଲିକ୍ ସ୍କୁଲରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟକୁ ପ୍ରିନ୍ସପାଲ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିଲାବେଳେ ଏବିଆଇଟିର ଏମ୍‌ସିଏ ବିଭାଗ ମୁଖ୍ୟ ଅମରେଶ ସାହୁ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ ।

---

**ଉଗାଣ୍ଡା ପାରା ବ୍ୟାଡମିଣ୍ଟନ୍**

## ଦୀପରଞ୍ଜନ, ନୁରୁଲଙ୍କୁ ଡବଲ କାଂସ୍ୟ

**ଭୁବନେଶ୍ୱର,୭ ।୭ (ସମିସ):** ପୂର୍ବ ଆଫ୍ରିକୀୟ ଦେଶ ଉଗାଣ୍ଡାର ରାଜଧାନୀ କାମ୍ପାଲାଠାରେ ଅନୁଷ୍ଠିତ ଉଗାଣ୍ଡା ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ଓଡ଼ିଆ ଖେଳାଳିମାନେ ମୋଟ୍ ୫ଟି ପଦକ ହାସଲ କରିଛନ୍ତି । ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ରବିବାର ସମ୍ପର୍ଣ୍ଣ ହୋଇଛି । ନୁରୁଲ ହୁସେନ ଖାନ ଓ ଦୀପରଞ୍ଜନ ବିଶୋଇ ଦୁଇଟି ଲେଖାଏ ଓ ସୁଭ୍ରତିତ ମହରାଣା ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି । ପୁରୁଷ ଏକକ ଏସ୍‌ଏଲ୍-୪ ବର୍ଗରେ ଦୀପରଞ୍ଜନ ବିଶୋଇ ସେମିଫାନାଲରେ ନିଜ ଦେଶର ଅଭିଜିତ ସାଖୁଜାଙ୍କଠାରୁ ୨୧-୧୭, ୨୧-୧୦ରେ ପରାସ୍ତ ହୋଇ କାଂସ୍ୟ ପଦକ ଜିତିଛନ୍ତି । ଏହାପୂର୍ବରୁ ସେ କ୍ୱାର୍ଟର ଫାଇନାଲରେ ଅନ୍ୟତମ ଭାରତୀୟ ଖେଳାଳି ଯୋଗେଶଙ୍କୁ ୨୧-୧୮, ୨୨-୨୦ରେ ପରାସ୍ତ କରି ସେମିକୁ ଉଠିଥିଲେ । ସେହିପରି ଅନ୍ୟତମ ଓଡ଼ିଆ ଖେଳାଳି ନୁରୁଲ ହୁସେନ ଖାନ୍ ଡବ୍ଲ୍ୟୁଏଚ୍୨ ବର୍ଗ ସେମିଫାଇନାଲରେ ନିଜ ଦେଶର ମୁନା ଖଲିଦଙ୍କଠାରୁ ୮-୨୧, ୮-୨୧ରେ ପରାସ୍ତ ହୋଇ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି । ପୂର୍ବରୁ ସେ କ୍ୱାର୍ଟରରେ ନିଜ ଦେଶର ସନ୍ତୋଷ ଗୋବିନ୍ଦନଙ୍କୁ ୧୬-୨୧, ୨୩- ୨୧, ୨୧-୧୫ରେ ପରାସ୍ତ କରି ସେମିକୁ ଉଠିଥିଲେ । ଅନ୍ୟପଟେ ପୁରୁଷ ଯୁଗଳ ଏସ୍‌ଏଲ୪ ବର୍ଗରେ ଦୀପରଞ୍ଜନ ଓ ସୁଭ୍ରଜିତ ମହାରଣା କ୍ୱାର୍ଟର ଫାଇନାଲ ବାଇ ପାଇ ସେମିକୁ ଉଠିଥିଲେ ଏବଂ ସେମିରେ ଅନ୍ୟତମ ଭାରତୀୟ ଯୋଡି ଜତୀନ ଆଜାଦ ଓ ଅଭିଜିତ ସାକୁଜାଙ୍କଠାରୁ ୨୧-୧୭, ୨୧-୧୯ରେ ପରାସ୍ତ ହୋଇ କାଂସ୍ୟ ପଦକ ହାସଲ କରିଛନ୍ତି । ସେହିପରି ପୁରୁଷ ଯୁଗଳ ଡବ୍ଲ୍ୟୁଏଚ୍୧- ଡବ୍ଲୁଏଚ୍୨(ହ୍ୱିଲ ଚେୟାର) ବର୍ଗରେ ନୁରୁଲ ଓ ତାଙ୍କ ଇସ୍ରାଏଲ ସାଥି କୋନଷ୍ଟାନଷ୍ଟିନ ଅଫିନୋଗେନୋଭ ୧୭-୨୧, ୧୧-୨୧ରେ ଭାରତୀୟ ଯୋଡି ପୂର୍ଣ୍ଣ ରାଓ ଚପରା ଓ ମୁନା ଖଲିଦଙ୍କଠାରୁ ପରାସ୍ତ ହୋଇ କାଂସ୍ୟ ପଦକ ଜିତିଛନ୍ତି । ଅନ୍ୟତମ ଓଡ଼ିଆ ଖେଳାଳି ବିଭାସିନ୍ଧୁ ବାରିକ ଏହି ଟୁର୍ଣ୍ଣାମେଣ୍ଟରେ ପଦାର୍ପଣ କରି ଆକର୍ଷଣୀୟ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ଓ ଅନ୍ୟତମ ଭାରତୀୟ ଖେଳାଳି ଦୀନେଶ ରାଜାଇୟାଙ୍କଠାରୁ ୧୧-୨୧, ୧୧-୨୧ରେ ପରାସ୍ତ ହୋଇଥିଲେ ।

---

# ଷଷ୍ଠଥର ଲାଗି ସେମିରେ ନେଦରଲାଣ୍ଡସ

**ୟୁରୋକପ୍**

**ବର୍ଲିନ, ୭ ।୭ (ଏଜେନ୍ସି):** ଚଳିତ ୟୁରୋକପ୍‌ର ୧୭ତମ ସଂସ୍କରଣର ସେମିଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଛି । ମଙ୍ଗଳବାର ରାତିରେ ସ୍ପେନ ଓ ଫ୍ରାନ୍ସ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ । ସେହିଭଳି ନେଦରଲାଣ୍ଡସ ଓ ଇଂଲଣ୍ଡ ମଧ୍ୟରେ ବୁଧବାର ରାତିରେ ୨ୟ ସେମିଫାଇନାଲ ଖେଳାଯିବ । ରବିବାର ଗ୍ରାଣ୍ଡଫାଇନାଲ ଅନୁଷ୍ଠିତ ହେବ ।

### ଆତ୍ମଘାତୀ ଗୋଲରେ ବିଦା ହେଲା ତୁର୍କୀ

ଶନିବାର ରାତିରେ ଖେଳାଯାଇଥିବା ଅନ୍ତିମ ତଥା ୪ର୍ଥ କ୍ୱାର୍ଟର ଫାଇନାଲରେ ମର୍ଟ ମଲଡର୍‌ଙ୍କ ଆତ୍ମଘାତୀ ଗୋଲ୍ ବଳରେ ତୁର୍କୀ ପ୍ରତିଯୋଗିତାରୁ ବିଦାୟ ନେଇଛି । ଏକଦା ପଛୁଆ ରହିଥିଲେ ମଧ୍ୟ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ନେଦରଲାଣ୍ଡସ ୨-୧ ଗୋଲରେ ତୁର୍କୀକୁ ହରାଇଦେଇଥିଲା । ଏଥିସହ ନେଦରଲାଣ୍ଡସ ୟୁରୋକପ୍ ଇତିହାସରେ ୬ଷ୍ଠଥର ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି । ଶେଷଥର ଲାଗି ନେଦରଲାଣ୍ଡସ ୨୦୦୪ରେ ସେମିଫାଇନାଲ ଖେଳିଥିଲା । ଏହି କ୍ୱାର୍ଟର ଫାଇନାଲ ମ୍ୟାଚର ୩୫ତମ ମିନିଟ୍‌ରେ ମଧ୍ୟଭାଗ ଖେଳାଳି ସମେଟ ଅକ୍ୟାଦିନଙ୍କ ଗୋଲ୍ ବଳରେ ତୁର୍କୀ ପ୍ରଥମାର୍ଦ୍ଧରେ ୧-୦ରେ ଅଗ୍ରଣୀ ଲାଭ କରିଥିଲା । ତେବେ ଦ୍ୱିତୀୟାର୍ଦ୍ଧରେ ନେଦରଲାଣ୍ଡସ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା । ୭୦ତମ ମିନିଟ୍‌ରେ ଷ୍ଟିଫାନ ଡି ଭରିଜଙ୍କ ଚମତ୍କାର ହେଡର୍ ବଳରେ ନେଦରଲାଣ୍ଡସ ମ୍ୟାଚକୁ ୧-୧ର ବରାବର୍‌ସ୍ଥିତିକୁ ଆଣିଥିଲା । ଏହାର ୬ ମିନିଟ୍ ପରେ ତୁର୍କୀର ମର୍ଟ ମଲଡର୍ ଚାପର ବଶବର୍ତ୍ତୀ ହୋଇ ନିଜ ଗୋଲ୍ ପୋଷ୍ଟ ମଧ୍ୟକୁ ବଲ୍‌କୁ ପଠାଇ ଏକ ଆତ୍ମଘାତୀ ଗୋଲ୍ ଦେଇଥିଲେ । ଫଳରେ ନେଦରଲାଣ୍ଡସ ୨-୧ରେ ଅଗ୍ରଣୀ ନେବା ସହ ଶେଷରେ ମ୍ୟାଚକୁ ଜିତିନେଇ ସେମିଫାଇନାଲରେ ପହଞ୍ଚିଥିଲା ।




**ସେମିଫାଇନାଲ କାର୍ଯ୍ୟସୂଚୀ**

**ପ୍ରଥମ:** ସ୍ପେନ-ଫ୍ରାନ୍ସ, ମଙ୍ଗଳବାର (ରାତି ୧୨ଟା ୩୦)

**ଦ୍ୱିତୀୟ:** ଇଂଲଣ୍ଡ-ନେଦରଲାଣ୍ଡସ, ବୁଧବାର (ରାତି ୧୨ଟା ୩୦)

**ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଶତକ**

# ଦ୍ୱିତୀୟ ଟି-୨୦ରେ ଜିତିଲା ଭାରତ




**ହରାରେ,୭।୭(ଏଜେନ୍ସି):** ବାମହାତୀ ଓପନର ଅଭିଷେକ ଶର୍ମାଙ୍କ ପ୍ରଥମ ତଥା ବିସ୍ଫୋରକ ଶତକ ବଳରେ ଏଠାରେ ରବିବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଭାରତ ୧୦୦ରନ୍‌ରେ ଜିମ୍ବାୱେକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୧-୧ ସମାନ ସ୍ତରରେ ରହିଛି। ସିରିଜ୍‌ର ତୃତୀୟ ମ୍ୟାଚ୍ ଏହିଠାରେ ଆସନ୍ତା ୧୦ରେ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୨ ୱିକେଟରେ ୨୩୪ ରନ୍ କରିଥିଲା। ଅଭିଷେକ ୪୭ ବଲ୍‌ରେ ୧୦୦, ଋତୁରାଜ ଗାଏକ୍‌ୱାଡ ୪୭ ବଲ୍‌ରେ ଅପରାଜିତ ୭୭ ଓ ରିଙ୍କୁ ସିଂ ୨୨ ବଲ୍‌ରେ ଅପରାଜିତ ୪୮ ରନ୍ କରିଥିଲେ। ଜବାବରେ ଜିମ୍ବାୱେ ୧୮.୪ ଓଭରରେ ୧୩୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଏହା ଫଳରେ ଭାରତ ଠିକ୍ ୧୦୦ ରନ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ଠିକ୍ ୧୦୦ ରନ୍ କରିଥିବା ଭାରତର ଅଭିଷେକଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏଠାରେ ସେ ଗତକାଲି ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ ମଧ୍ୟ ଖାତା ଖୋଲିବାରେ ସମର୍ଥ ହୋଇ ନ ଥିଲେ।

ଏକ ନୂତନ ତଥା ଯୁବ ଖେଳାଳିଙ୍କୁ ନେଇ ଗଠିତ ଭାରତ ଏଠାରେ ଜିମ୍ବାୱେ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ଆସି ପ୍ରଥମ ମ୍ୟାଚ୍‌ରେ ହାରିଯିବା ପରେ ତୀବ୍ର ସମାଲୋଚିତ ହୋଇଥିଲା। ଟି-୨୦ ବିଶ୍ୱକପ୍ ଜିତିବା ପରେ ପ୍ରଥମ ମ୍ୟାଚ୍‌ରେ ଭାରତ ହାରିବା ଘଟଣାକୁ ଉଭୟ ସମର୍ଥକ ଓ କର୍ମକର୍ତ୍ତା ସହଜରେ ଗ୍ରହଣ କରି ପାରି ନ ଥିଲେ। ଏଣୁ ରବିବାର ଦ୍ୱିତୀୟ ମ୍ୟାଚ୍‌ରେ ଭାରତଠାରୁ ପ୍ରଭାବୀ ପ୍ରଦର୍ଶନ ଆଶା କରାଯାଉଥିଲା। ଏଠାରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେବା ପରେ ଅଧିନାୟକ ଶୁବମାନ ଗିଲ (୨) ଦ୍ୱିତୀୟ ଓଭରରେ ଆଉଟ ହେବା ଦଳକୁ ଶକ୍ତ ଧକ୍କା ଲାଗିଥିଲା। କିନ୍ତୁ ଅନ୍ୟତମ ଓପନର ଅଭିଷେକ ଶର୍ମା ଓ ନଂ-୩ରେ ଖେଳିବାକୁ ଆସିଥିବା ଋତୁରାଜ ଗାଏକୱାଡ୍ ଧୈର୍ଯ୍ୟର ସହ ଘରୋଇ ବୋଲରଙ୍କ ମୁକାବିଲା କରି ପାଳି ଆଗକୁ ବଢ଼ାଇଥିଲେ। ଏହା ପରେ ଅଭିଷେକଙ୍କ ବ୍ୟାଟରୁ ବିସ୍ଫୋରକ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ସେ ଡିଓନ ମାୟର୍ସଙ୍କ ଗୋଟିଏ ଓଭରରୁ ୨୮ ରନ୍ ଉଠାଇବା ସହ ମାତ୍ର ୪୬ ବଲ୍‌ରେ ଶତକ ହାସଲ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ମାତ୍ର ୦ କରିଥିବା ସନ୍‌ରରାଇଜର୍ସ ହାଇଦ୍ରାବାଦ୍‌ର ଏହି ବାମହାତୀ ଓପନର ଷ୍ଟାଇଲ୍‌ରେ ୧୦୦ ରନ୍ ପୂରଣ କରିଥିଲେ। କିନ୍ତୁ ଏହାର ପରବର୍ତ୍ତୀ ବଲରେ ସେ ଆଉଟ ହୋଇଯାଇଥିଲେ। ଏହି ବିସ୍ଫୋରକ ପାଳିରେ ୭ଟି ଚୌକା ଓ ୮ଟି ବିରାଟ ଛକା ସାମିଲ ରହିଥିଲା। ଅଭିଷେକ ତାଙ୍କ ଟି-୨୦ ତଥା ଅନ୍ତର୍ଜାତୀୟ କ୍ରିକେଟ ଜୀବନର ମାତ୍ର ଦ୍ୱିତୀୟ ମ୍ୟାଚ୍‌ରେ ଶତକ ହାସଲ କରି ସବୁଠାରୁ କମ୍ ମ୍ୟାଚ୍ ଖେଳି ରେକର୍ଡର ଅଧିକାରୀ ହୋଇଛନ୍ତି। ସେହିପରି ଦ୍ୱିତୀୟ ୱିକେଟରେ ସେ ଓ ଗାଏକୱାଡ ୭୬ ବଲ୍‌ରୁ ୧୩୭ ରନ୍ ଉଠାଇ ଭାରତକୁ ଏକ ବଡ଼ ସ୍କୋରର ମୂଳଦୁଆ ପକାଇଥିଲେ। ଭାରତ ଏଯାଏ ଖେଳିଥିବା ସମସ୍ତ ଟି-୨୦ କ୍ରିକେଟରେ ଏହା ଥିଲା ସର୍ବାଧିକ ଭାଗୀଦାରି। ଅନ୍ୟପଟେ ଗାଏକ୍‌ୱାଡ ସ୍ଥିର ପ୍ରଦର୍ଶନ କରୁଥିଲେ ମଧ୍ୟ ନଂ-୪ରେ ବ୍ୟାଟିଂ କରିବାକୁ ଆସି ରିଙ୍କୁ ସିଂ ଦ୍ରୁତ ରନ୍ ସଂଗ୍ରହ କରିବାର ଧାରା ବଜାୟ ରଖିଥିଲେ। ସେ ଓ ଗାଏକ୍‌ୱାଡ ଅବିଭକ୍ତ ତୃତୀୟ ୱିକେଟ ଭାଗିଦାରୀରୁ ୩୬ ବଲ ବା ୬ ଓଭରରେ ୮୭ ରନ୍ ଉଠାଇ ଭାରତକୁ ଏକ ବିଶାଳ ସ୍କୋର ଦେଇଥିଲେ। ଏଥିରେ ରିଙ୍କୁ ମାତ୍ର ୨୨ ବଲ୍ ଖେଳି ୨ଚୌକା ଓ ୫ ଛକା ସହ ୪୮ ଓ ଗାଏକୱାଡ ୧୪ ବଲ୍‌ରୁ ୩୬ ରନ୍‌ର ଯୋଗଦାନ ଦେଇଥିଲେ। ଏକ ଦାୟିତ୍ୱପୂର୍ଣ୍ଣ ପାଳି ଖେଳିଥିବା ଚେନ୍ନାଇ ସୁପର କିଙ୍ଗ୍‌ସ ଅଧିନାୟକ ଗାଏକୱାଡ ୪୭ ବଲ୍‌ର ସାମ୍‌ନା କରି ୧୧ ଚୌକା ଓ ୧ଛକା ସହ ୭୭ ରନ୍‌ରେ ଅପରାଜିତ ରହିଥିଲେ।

୨୩୫ ରନ୍‌ର ବିଜୟ ଲକ୍ଷ୍ୟ ହାସଲ କରିବା ଜିମ୍ବାୱେ ପକ୍ଷେ କେବଳ କଷ୍ଟକର ନୁହେଁ ଅସମ୍ଭବ ଥିଲା। ତଥାପି ଦଳ ସଂଘର୍ଷ କରି ୧୩୪ ରନ୍ ଭରଣା କରିପାରିଥିଲା। ଦଳ ପକ୍ଷରୁ ଓପନର ୱେସଲୀ ମାଧେଭେରେ ସର୍ବାଧିକ ୪୩, ନଂ-୯ରେ ଖେଳିଥିବା ଲ୍ୟୁକ୍ ଜୋଙ୍ଗ୍‌ୱେ ୩୩, ନଂ-୩ରେ ବ୍ୟାଟିଂ କରିଥିବା ଯୁବ ଖେଳାଳି ବ୍ରିଆନ ବେନେଟ୍ ୯ ବଲ୍‌ରେ ୧ ଚୌକା ଓ ୩ ଛକା ସହ ୨୬ ରନ୍ କରିଥିଲେ। ଭାରତ ପକ୍ଷରୁ ଦୁଇ ଫାଷ୍ଟ ବୋଲର ମୁକେଶ କୁମାର ଓ ଆଭେଷ ଖାନ୍ ୩ଟି ଲେଖାଏଁ, ସ୍ପିନର ରବି ବିଷ୍ଣୋଇ ୨ଟି ଓ ୱାଶିଂଟନ ସୁନ୍ଦର ଗୋଟିଏ ୱିକେଟ ପାଇଥିଲେ।

**ଡବ୍ଲ୍ୟୁଟିସି ଫାଇନାଲ ଓ ଚାମ୍ପିଅନ୍ସ ଟ୍ରଫି**

## ରୋହିତ ନେବେ ଭାରତର ନେତୃତ୍ୱ

**ନୂଆଦିଲ୍ଲୀ,୭।୭(ଏଜେନ୍ସି):** ଆଗକୁ ଆୟୋଜନ ହେବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଓ ଚାମ୍ପିଅନ୍ସ ଟ୍ରଫିରେ ରୋହିତ ଶର୍ମା ଭାରତର ନେତୃତ୍ୱ ନେବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହ କହିଛନ୍ତି। ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ଏହି ଦୁଇ ଟୁର୍ଣ୍ଣାମେଣ୍ଟରେ ରୋହିତଙ୍କ ନେତୃତ୍ୱରେ ଭାରତ ଚାମ୍ପିଅନ ହେବ। ରୋହିତଙ୍କ ନେତୃତ୍ୱରେ ଭାରତ ଏହି ଦୁଇଟି ଟୁର୍ଣ୍ଣାମେଣ୍ଟ ଚାମ୍ପିଅନ ହେବ ବୋଲି ମୋର ଦୃଢ ବିଶ୍ୱାସ ରହିଛି ବୋଲି ସେ କହିଛନ୍ତି। ସଦ୍ୟ ସମାପ୍ତ ଟି-୨୦ ବିଶ୍ୱକପ୍ ଫାଇନାଲରେ ସୂର୍ଯ୍ୟକୁମାର ଯାଦବ, ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରଦର୍ଶନକୁ ସେ ଭୂୟସୀ ପ୍ରଶଂସା କରିଛନ୍ତି।

ଗତ ଶନିବାର ରୋହିତଙ୍କ ନେତୃତ୍ୱରେ ଭାରତ ଟି-୨୦ ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୭ ରନରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଏଥିସହ ଦୀର୍ଘ ୧୧ ବର୍ଷ ପରେ ଭାରତ କୌଣସି ଆଇସିସି ଟ୍ରଫି ଓ ୧୭ ବର୍ଷ ପରେ ଟି-୨୦ ବିଶ୍ୱକପ୍ ଟାଇଟଲ ହାସଲ କରିଛି। ଶେଷଥର ପାଇଁ ଭାରତ ୨୦୦୭ରେ ଟି-୨୦ ବିଶ୍ୱକପ୍‌ର ପ୍ରାରମ୍ଭିକ ସଂସ୍କରଣରେ ପ୍ରଥମଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା। ତେବେ ରୋହିତଙ୍କ ନେତୃତ୍ୱରେ ଭାରତ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲ ଓ ଡବ୍ଲ୍ୟୁଟିସି ଫାଇନାଲରେ ପରାସ୍ତ ହୋଇ ଉପ- ବିଜେତା ସାବ୍ୟସ୍ତ ହୋଇଥିଲା।

## ବର୍ଷା: ଦ୍ୱିତୀୟ ମହିଳା ଟି-୨୦ ବାତିଲ

**ଚେନ୍ନାଇ,୭।୭(ଏଜେନ୍ସି):** ବର୍ଷା କାରଣରୁ ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମହିଳା ଟି-୨୦ ମ୍ୟାଚ ବାତିଲ ହୋଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଦକ୍ଷିଣ ଆଫ୍ରିକା ପୂର୍ବପରି ୧-୦ରେ ଅଗ୍ରଣୀ ରହିଛି। ରବିବାର ସ୍ଥାନୀୟ ଏମ୍ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୭୭ ରନ ସଂଗ୍ରହ କରିଥିଲା। ଏହାପରେ କ୍ରମାଗତ ବର୍ଷା ହେବା କାରଣରୁ ଓ ଓଦା ଆଉଟ୍‌ଫିଲ୍ଡ ପାଇଁ ଅମ୍ପାୟରମାନେ ମ୍ୟାଚ୍ ବାତିଲ କରିଥିଲେ। ଦକ୍ଷିଣ ଆଫ୍ରିକା ତରଫରୁ ଓପନର ତାଜମିନ ବ୍ରିଟ୍ସ ସର୍ବାଧିକ ୫୨, ଆନ୍ନେକ ବୋସ୍କ୍ ୪୦, ଅଧିନାୟିକା ଲଉରା ଉଲଭାରଡର୍ଟ ୨୨ ରନ ସଂଗ୍ରହ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ବୋଲିଂରେ ଭାରତ ପାଇଁ ପୂଜା ବସ୍ତ୍ରକାର ଓ ଦୀପ୍ତି ଶର୍ମା ୨ଟି ଲେଖାଏ, ଶ୍ରେୟଙ୍କା ପାଟିଲ ଓ ରାଧା ଯାଦବ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ମଙ୍ଗଳବାର ଏହି ଗ୍ରାଉଣ୍ଡରେ ତୃତୀୟ ତଥା ଅନ୍ତିମ ଟି-୨୦ ମ୍ୟାଚ୍ ଖେଳାଯିବ। ପୂର୍ବରୁ ୫ ତାରିଖରେ ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚ୍‌ରେ ଭାରତ ୧୨ ରନରେ ପରାସ୍ତ ହୋଇଥିଲା।

**ପ୍ୟାରିସ ଅଲିମ୍ପିକ୍ସ ଆଉ ୧୭ ଦିନ**

## ଭାରତୀୟ ହକି ଦଳର ଜର୍ସି ଉନ୍ମୋଚିତ



**ବେଙ୍ଗାଲୁରୁ, ୭।୭ (ଏଜେନ୍ସି):** ଚଳିତ ମାସ ୨୬ ତାରିଖରୁ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଆରମ୍ଭ ହେବାକୁ ଯାଉଛି। ଏଥିଲାଗି ୧୯ ସଦସ୍ୟ ବିଶିଷ୍ଟ ଭାରତୀୟ ପୁରୁଷ ହକି ଦଳ ପୂର୍ବପ୍ରସ୍ତୁତି ଲାଗି ସୁଇଜରଲାଣ୍ଡ ଗସ୍ତ କରିଛି। ତେବେ ଏହି ଗସ୍ତ ପୂର୍ବରୁ ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳର ଅଲିମ୍ପିକ୍ସ ଲାଗି ନୂଆ ଜର୍ସି ଉନ୍ମୋଚିତ ହୋଇଯାଇଛି। ସ୍ଥାନୀୟ ସାଇ ସେଣ୍ଟରରେ ଭାରତୀୟ ଦଳର ଖେଳାଳିମାନେ ଅଲିମ୍ପିକ୍ସ ରିଙ୍ଗ୍ ସାମ୍ନାରେ ଠିଆ ହୋଇ ନୂଆ ଜର୍ସି ଉନ୍ମୋଚନ କରିଥିଲେ। ନୀଳ ଓ ଧଳା ରଙ୍ଗର ଏହି ଜର୍ସି ପରିଧାନ କରି ଭାରତୀୟ ଖେଳାଳିମାନେ ବେଶ୍ ଉତ୍ସାହିତ ଜଣାପଡୁଥିଲେ। ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନଙ୍କ ସମେତ ଅଧିନାୟକ ହରମନପ୍ରୀତ୍, ଗୋଲରକ୍ଷକ ପିଆର୍ ଶ୍ରୀଜେସ, ପ୍ରାକ୍ତନ ଅଧିନାୟକ ମନପ୍ରୀତ୍ ସିଂହ, ଓଡ଼ିଆ ଖେଳାଳି ଅମିତ୍ ରୋହିଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। ସୁଇଜରଲାଣ୍ଡ ଗସ୍ତରେ ଭାରତୀୟ ଦଳ ସେଠାରେ କିଛି ଅଭ୍ୟାସ ମ୍ୟାଚ୍ ଖେଳିବ। ସେହିଭଳି ମାନସିକ ଓ ଶାରୀରିକ ସହନଶକ୍ତି ବଢ଼ାଇବା ଲାଗି ଜଣାଶୁଣା ଆଡଭେଞ୍ଚର ମାଇକେ ହର୍ନଙ୍କ ବେସ୍‌ରେ୩ଦିନ ତାଲିମ ଶିବିରର କାର୍ଯ୍ୟକ୍ରମ ରହିଛି। ଦକ୍ଷିଣ ଆଫ୍ରିକାର ପ୍ରଖ୍ୟାତ ମେଣ୍ଟାଲ କଣ୍ଡିସନିଂ କୋଚ୍ ପ୍ୟାଡି ଅପଟନ୍ ଏହି ଶିବିର ଆୟୋଜନ କରିଛନ୍ତି। ଅପଟନ୍ ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ହକି ଦଳକୁ ସହାୟତା କରିବେ। ଉଲ୍ଲେଖଯୋଗ୍ୟ, ଅପଟନ୍ ୨୦୧୧ରେ ଏକଦିବସୀୟ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ମେଣ୍ଟାଲ କଣ୍ଡିସନିଂ କୋଚ୍ ରହିଥିଲେ।



## ୯୪୫ ଦିନ ପରେ ହାମିଲଟନଙ୍କୁ ଟାଇଟଲ୍

**ବ୍ରିଟିଶ ଗ୍ରାଁପ୍ରି**


**ଲଣ୍ଡନ, ୭।୭ (ଏଜେନ୍ସି):** ମର୍ସିଡିଜର ତାରକା ଚାଳକ ଲୁଇସ ହାମିଲଟନ ଦୀର୍ଘ ୯୪୫ ଦିନ ପରେ ଫର୍ମୁଲା ୱାନ ରେସ୍‌ରେ ବିଜୟ ସ୍ୱାଦ ଚାଖିଛନ୍ତି। ରବିବାର ନର୍ଥହାମ୍ପଟନଶାୟରସ୍ଥିତ ସିଲଭରଷ୍ଟୋନ ସର୍କିଟରେ ଅନୁଷ୍ଠିତ ବ୍ରିଟିଶ ଗ୍ରାଁପ୍ରିକୁ ଜିତି ହାମିଲଟନ ବହୁପ୍ରତୀକ୍ଷିତ ଟ୍ରଫି ବିଜୟସ୍ୱାଦ ଚାଖିଛନ୍ତି। ଶେଷଥର ଲାଗି ସେ ୨୦୨୧ରେ ସାଉଦୀ ଆରବୀୟ ଗ୍ରାଁପ୍ରି ଜିତିଥିଲେ। ୩୦୬.୧୯୮ କିମି ତଥା ୫୨ ଲ୍ୟାପ୍‌ବିଶିଷ୍ଟ ବ୍ରିଟିଶ ଗ୍ରାଁପ୍ରି ରେସକୁ ହାମିଲଟନ ଏକ ଘଣ୍ଟା ୨୨ ମିନିଟ୍ ୨୭.୦୫୯ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ୩୯ ବର୍ଷୀୟ ହାମିଲଟନ ରେକର୍ଡ ୯ମଥର ଲାଗି ଏଠାରେ ଚାମ୍ପିଅନ ହୋଇଛନ୍ତି। ଏଥିପୂର୍ବରୁ ସେ ୨୦୦୮, ୨୦୧୪, ୨୦୧୫, ୨୦୧୬, ୨୦୧୭, ୨୦୧୯, ୨୦୨୦, ୨୦୨୧ରେ ବ୍ରିଟିଶ ଗ୍ରାଁପିରେ ଚାମ୍ପିଅନ ହୋଇଥିଲେ। ହାମିଲଟନଙ୍କ ପଛକୁ ରେଡ୍ ବୁଲ୍ ଚାଳକ ମାକ୍ସ ଭର୍ଷ୍ଟାପେନ ଓ ମ୍ୟାକଲରେନ ଚାଳକ ଲଣ୍ଡୋ ନୋରିସ ଯଥାକ୍ରମେ ପ୍ରଥମ ଓ ୨ୟ ରନର୍ସଅପ୍ ରହିଥିଲେ।

## କ୍ୱାର୍ଟରରେ ପାଓଲିନି, ଆଲକାରାଜ

**ୱିମ୍ବଲଡନ ଟେନିସ୍**

**ଲଣ୍ଡନ,୭।୭(ଏଜେନ୍ସି):** ଚଳିତ ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ପ୍ରତିଯୋଗିତାରେ ସ୍ପେନ୍ ଯୁବ ଖେଳାଳି କାର୍ଲୋସ ଆଲକାରାଜ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ତୃତୀୟ ସିଡ୍ ମାନ୍ୟତା ପାଇଥିବା ଆଲକାରାଜ ୬-୩, ୬-୪, ୧-୬, ୭-୫ ସେଟ୍‌ରେ ଫ୍ରାନ୍ସର ୧୬ତମ ସିଡ୍ ଖେଳାଳି ହୁଗୋ ହମ୍ବର୍ଟଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେହିପରି ଟପ୍ ସିଡ୍ ମାନ୍ୟତା ପାଇଥିବା ଇଟାଲୀର ଜାନିକ ସିନର ୬-୨,୬-୪, ୭-୬ ସେଟ୍‌ରେ ୧୪ତମ ସିଡ୍ ଆମେରିକାର ବେନ ସେଲଟନଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପଟେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବ ଅଭିଜ୍ଞ ସର୍ବିଆ ଖେଳାଳି ନୋଭାକ ଜୋକୋଭିଚ୍ ତୃତୀୟ ରାଉଣ୍ଡରେ ଅଷ୍ଟ୍ରେଲିଆର ଆଲେକ୍ସେଇ ପୋପିରିନଙ୍କୁ ୪-୬, ୬-୩, ୬-୪, ୭-୬ ସେଟ୍‌ରେ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।





### ଯସ୍ମିନଙ୍କୁ ୱାକଓଭର

ମହିଳା ଏକକ ପ୍ରତିଯୋଗିତାରେ ୭ମ ସିଡ୍ ମାନ୍ୟତା ପାଇଥିବା ଇଟାଲୀର ଯସ୍ମିନ ପାଓଲିନି ଚତୁର୍ଥ ରାଉଣ୍ଡ ମୁକାବିଲାରେ ୱାକ୍‌ଓଭର ପାଇଁ କ୍ୱାର୍ଟରକୁ ଉନ୍ନିତ ହୋଇଛନ୍ତି। ଆମେରିକାର ଦ୍ୱାଦଶ ସିଡ୍ ଖେଳାଳି ମାଡିନସନ କିଜ୍ ଆଘାତ ସମସ୍ୟା କାରଣରୁ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରୁ ଓହରିଯିବାକୁ ବାଧ ହୋଇଥିଲେ। ଫଳରେ ପାଓଲିନିଙ୍କୁ ୱାକ୍‌ଓଭର ମିଳିଥିଲା। ଶନିବାର ବିଳମ୍ବିତ ରାତିରେ କାଜାଖସ୍ତାନର ଚତୁର୍ଥ ସିଡ୍ ଖେଳାଳି ଏଲିନା ରିବାକିନା ୬-୦, ୬-୧ ସିଧାସଳଖ ସେଟ୍‌ରେ ଡେନମାର୍କର କାରୋଲିନ୍ ଓଜ୍ନିଆକିଙ୍କୁ ପରାସ୍ତ କିର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ। ସେହିପରି ୧୧ତମ ସିଡ୍ ଡାନିଏଲେ କଲିନ୍ସ ୬-୪, ୬-୪ ସେଟ୍‌ରେ ବ୍ରାଜିଲର ବିଂଶତମ ସିଡ୍ ବିଟ୍ରିଜ ହାଡେଡ ମଇଆଙ୍କୁ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି।

### ଯୁଗଳ ଦ୍ୱିତୀୟ ରାଉଣ୍ଡରେ ହାରିଲେ ବୋପାନ୍ନା

ଅଭିଜ୍ଞ ଭାରତୀୟ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥି ମାଥ୍ୟୁ ଏବଡେନ ପୁରୁଷ ଯୁଗଳ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ୩-୬, ୬-୭ ସେଟ୍‌ରେ ପ୍ରତିପକ୍ଷ ଜର୍ମାନୀ ଯୋଡି ହେଣ୍ଡ୍ରିକ୍ ଜେବେନ୍ସ ଓ କନଷ୍ଟାଣ୍ଟିନ୍ ଫ୍ରାଞ୍ଜେନଙ୍କଠାରୁ ପରାସ୍ତ ହୋଇଛନ୍ତି।

**ପ୍ୟାରିସ୍ ଡାଇମଣ୍ଡ ଲିଗ୍**

## ନିରାଶ କଲେ କିଶୋର

**ପ୍ୟାରିସ, ୭।୭ (ଏଜେନ୍ସି):** ଭାରତର ଅଭିଜ୍ଞ ବାଧାଦୌଡ଼ ଧାବକ ଅବିନାଶ ସାବଲେ ରବିବାର ଅନୁଷ୍ଠିତ ପ୍ୟାରିସ ଡାଇମଣ୍ଡ ଲିଗ୍‌ରେ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ବିଶ୍ୱର ତାରକା ଧାବକଙ୍କ ସହ ଦୌଡ଼ିଥିବା ଅବିନାଶ ପୁରୁଷ ୩୦୦୦ ମିଟର ବାଧାଦୌଡ଼ରେ ୮ ମିନିଟ୍ ୦୯.୯୧ ସେକେଣ୍ଡ ସହ ୬ଷ୍ଠ ସ୍ଥାନରେ ରହି ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଥିଲେ। ଏହାସତ୍ତ୍ୱେସେ ନିଜ ନାମରେ ରହିଥିବା ଜାତୀୟ ରେକର୍ଡକୁ ଭାଙ୍ଗିଛନ୍ତି। ପୂର୍ବରୁ ୨୦୨୨ରେ ସେ ୮ ମିନିଟ୍ ୧୧.୨୦ ସେକେଣ୍ଡ ସହ ଜାତୀୟ ରେକର୍ଡର ଅଧିକାରୀ ରହିଥିଲେ। ରବିବାର ଅନୁଷ୍ଠିତ ଏହି ରେସରେ ଇଥିଓପିଆର ସିମେ ଆବ୍ରାହମ (୮:୦୨.୩୬) ପ୍ରଥମ ସ୍ଥାନ ହାସଲ କରିଥିଲେ।

### ୭୮.୧୦ ମିଟର ଫିଙ୍ଗିଲେ କିଶୋର

ସେହିଭଳି ପୁରୁଷ ଜାଭେଲିନ୍ ଥ୍ରୋ'ରେ ଦେଶର ଏକମାତ୍ର ଆଥ୍ଲେଟ ଭାବେ ଭାଗନେଇଥିବା ଓଡ଼ିଶାର କିଶୋର ଜେନା ୮ମ ସ୍ଥାନରେ ରହି ସନ୍ତୁଷ୍ଟ ରହିଛନ୍ତି। କିଶୋର ତାଙ୍କ ପ୍ରଥମ ପ୍ରୟାସରେ ୭୮.୧୦ ମିଟର ଜାଭେଲିନ୍ ଫିଙ୍ଗିଥିଲେ। ଏହାପରେ ଅନ୍ୟ ୪ଟି ପ୍ରୟାସରେ ସେ ଏହାଠାରୁ ଉନ୍ନତ ଥ୍ରୋ' କରିପାରି ନ ଥିଲେ। ଫଳରେ ୧୦ଜଣଙ୍କ ମଧ୍ୟରେ ସେ ୮ମ ସ୍ଥାନରେ ରହିଥିଲେ। ଜର୍ମାନୀର ଜୁଲିଆନ ୱେବର (୮୫.୯୧ ମି.), ଗ୍ରେନେଡାର ଆଣ୍ଡରସନ ପିଟର୍ସ (୮୫.୧୯) ଓ ଚେକ୍ ଗଣରାଜ୍ୟର ଜ୍ୟାକବ ଭାଡଲେଜଚ୍ (୮୫.୦୪) ପ୍ରଥମ ୩ଟି ସ୍ଥାନରେ ରହିଥିଲେ। ପାକିସ୍ତାନର ନଦୀମ ଅର୍ଶଦ (୮୪.୨୧ମି.) ୪ର୍ଥ ସ୍ଥାନ ହାସଲ କରିଥିଲେ। ନୀରଜ ଚୋପ୍ରା ଏହି ଲିଗ୍‌ରୁ ଓହରିଯାଇଥିଲେ। ଫଳରେ କିଶୋରଙ୍କ ଉପରେ ସମସ୍ତଙ୍କ ନଜର ରହିଥିଲା। କିଶୋର ଓ ଅବିନାଶ ପୋଡିୟମ ଫିନିଶ କରିପାରି ନ ଥିଲେ ମଧ୍ୟ ଦୁଇ ସପ୍ତାହ ପରେ ଏଠାରେ ଆରମ୍ଭ ହେବାକୁ ଥିବା ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ଭଲ ପ୍ରସ୍ତୁତି କରିଛନ୍ତି।

### ୩୭ ବର୍ଷର ହାଇଜମ୍ପ ରେକର୍ଡ ଭାଙ୍ଗିଲେ ୟାରୋସ୍ଲୋଭା

ମହିଳା ହାଇଜମ୍ପରେ ୩୭ ବର୍ଷ ତଳେ ପ୍ରତିଷ୍ଠା ହୋଇଥିବା ବିଶ୍ୱରେକର୍ଡକୁ ୟୁକ୍ରେନର ୟାରୋସ୍ଲୋଭା ମାହୁଚିଖ ଭାଙ୍ଗିଛନ୍ତି। ରବିବାର ଏଠାରେ ଅନୁଷ୍ଠିତ ପ୍ୟାରିସ ଡାଇମଣ୍ଡ ଲିଗ୍‌ରେ ୟାରୋସ୍ଲୋଭା ୨.୧୦ ମିଟର ଉଚ୍ଚକୁ ଡେଇଁ ମହିଳା ହାଇଜମ୍ପରେ ନୂତନ ବିଶ୍ୱରେକର୍ଡ ସ୍ଥାପନ କରିଛନ୍ତି। ଏଥିସହ ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ସେ ମନୋବଳ ଦୃଢ଼ କରିଛନ୍ତି। ୧୯୮୭ରେ ବୁଲଗେରିଆର ଷ୍ଟିଫକ କୋସ୍ତାଡିନୋଭା ରୋମରେ ଅନୁଷ୍ଠିତ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ୨.୦୯ ଉଚ୍ଚକୁ ଡେଇଁ ବିଶ୍ୱରେକର୍ଡ କରିଥିଲେ।

### ମହିଳା ସିପିଏଲ୍ ଖେଳିବେ ଜେମିମା, ଶିଖା

**ଚେନ୍ନାଇ,୭।୭(ଏଜେନ୍ସି):** ମହିଳା କାରିବିୟାନ ପ୍ରିମିୟର ଲିଗ୍‌ରେ ଖେଳିବାକୁ ଭାରତର ଜେମିମା ରୋଡ୍ରିଗ୍ସେଜ୍ ଓ ଶିଖା ପାଣ୍ଡେଙ୍କୁ ତ୍ରିନିଦାଦ ଆଣ୍ଡ ଟବାଗୋ ନାଇଟ ରାଇଡର୍ସ ନିଜ ଦଳରେ ସାମିଲ କରିଛି। ଏହା ଛଡ଼ା ଅଷ୍ଟ୍ରେଲିଆର ମେଗ ଲାନିଂ ଓ ଜେସ୍ ଜୋନାସେନଙ୍କୁ ମଧ୍ୟ ସାମିଲ କରିଛି। ପ୍ରଥମ ସଂସ୍କରଣରେ ଚାମ୍ପିଅନ ଏହି ଦଳ ୫ଜଣ ଖେଳାଳିଙ୍କୁ ରିଟେନ କରିଛି।

# ଓସିଏଲ୍ ୨୦୨୪: ପୁମାସ୍ ଓ ଲାୟନ୍ସ ବିଜୟୀ

**କଟକ,୭।୭(ସମିସ):** ବାରବାଟୀ ଷ୍ଟାଡିୟମରେ ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ)ର ଚଳିତ ସଂସ୍କରଣ ଜାରି ରହିଛି। ରବିବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଓଡ଼ିଶା ଲାୟନ୍ସ ୮ ୱିକେଟରେ ଓଡ଼ିଶା ଟାଇଗର୍ସକୁ ଏବଂ ଓଡ଼ିଶା ପୁମାସ୍ ୧୪ ରନରେ ଓଡ଼ିଶା ପାନ୍ଥର୍ସକୁ ହରାଇଥିଲା। ଏହାଛଡ଼ା ଓଡ଼ିଶା ଜାଗୁଆର୍ସ ଏବଂ ଓଡ଼ିଶା ଚିତାସ୍ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା।

ରବିବାର ସନ୍ଧ୍ୟାରେ ଓଡ଼ିଶା ପୁମାସ୍ ଏବଂ ଓଡ଼ିଶା ପାନ୍ଥର୍ସ ଭିତରେ ମୁକାବିଲା ହୋଇଥିଲା। ପୁମାସ୍ ଅଧିନାୟକ କାର୍ତ୍ତିକ ବିଶ୍ୱାଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଗିରିଜା ଶଙ୍କର ବାରିକଙ୍କ ୪୮ ରନ ବଳରେ ଦଳ ୮ ୱିକେଟ ହରାଇ ୧୪୮ ରନ କରିଥିଲା। ସାୱନ ପହରିଆ ୨୬ରନ୍‌ର ଦ୍ରୁତ ଇନିଂସ ଖେଳିଥିଲେ। ପାନ୍ଥର୍ସ ପକ୍ଷରୁ ବିମଳ କୁମାର ୪ଟି, ହର୍ଷିତ ରାଥୋଡ ୩ଟି ଏବଂ ଶେଖର ମାଝୀ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ୧୪୯ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ପାନ୍ଥର୍ସ ୭ ୱିକେଟ ବିନିମୟରେ ୧୩୪ରନ କରିଥିଲା। ଅଧିନାୟକ ସନ୍ଦୀପ ପଟ୍ଟନାୟକ ଅନ୍ତିମ ପର୍ଯ୍ୟନ୍ତ କ୍ରିଜରେ ତିଷ୍ଠି ରହି ୫୭ ବଲରୁ ୫୩ରନ କରିଥିଲେ। ଶୁଭମ ଶତ୍ରୁଜିତ ୨୧ରନ କରିଥିଲେ। ଅନ୍ୟ ବ୍ୟାଟର ଆଶାନୁରୂପ ପ୍ରଦର୍ଶନ କରି ପାରିନଥିଲେ। ପୁମାସ୍ ପକ୍ଷରୁ ସୌଭାଗ୍ୟ ରାଉତ, ବିଶ୍ୱଜିତ ମହାପାତ୍ର, ରିତେଶ ପ୍ରିୟରଞ୍ଜନ ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଗିରିଜା ଶଙ୍କରଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।





ପୂର୍ବାହ୍ନରେ ଅନୁଷ୍ଠିତ ଲାୟନ୍ସ ବିପକ୍ଷ ମ୍ୟାଚ୍‌ରେ ଟାଇଗର୍ସ ଅଧିନାୟକ ରାକେଶ ପଟ୍ଟନାୟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଦଳ ସମସ୍ତ ୱିକେଟ ହରାଇ ୧୦୬ରନ ସଂଗ୍ରହ କରିଥିଲା। ବିଶ୍ୱଭୂଷଣ ବିହାରୀ ୪୨ବଲରୁ ୫୦ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ରାକେଶ ପଟ୍ଟନାୟକ ୧୫ରନ, ସୁମିତ ଶର୍ମା ୧୨ରନ ଏବଂ ସୟଦ ଇଝାରୁଦ୍ଦିନ ୧୧ରନ କରିଥିଲେ। ଲାୟନ୍ସ ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ ଏବଂ ବାମହାତୀ ସ୍ପିନର ପପୁ ରାୟ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପ୍ରଶାନ୍ତ ରଣାଙ୍କୁ ୨ଟି ଏବଂ ରାହୁଲ ଚୌଧୁରୀଙ୍କୁ ଗୋଟିଏ ୱିକେଟ ମିଳିଥିଲା। ୧୪.୫ ଓଭରରେ ୨ ୱିକେଟ ହରାଇ ଲାୟନ୍ସ ବିଜୟ ଲାଭ କରିଥିଲା। ଓପନର ଅନୁରାଗ ଷଡ଼ଙ୍ଗୀ ସର୍ବାଧିକ ୪୮ରନ କରିଥିଲେ। ଆକାଶ ମହାପାତ୍ର ୨୮ରନ ଏବଂ ପ୍ରବୀଣ ଲୁହା ୧୬ରନରେ ଅପରାଜିତ ଥିଲେ। ସୂର୍ଯ୍ୟକାନ୍ତଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ପାନ୍ଥର୍ସ ୮ରନରେ ଓଡ଼ିଶା ଟାଇଗର୍ସକୁ, ଓଡ଼ିଶା ଚିତାସ ୮ରନରେ ଓଡ଼ିଶା ପୁମାସକୁ ଏବଂ ଓଡ଼ିଶା ଜାଗୁଆର୍ସ ୧୫ରନରେ ଓଡ଼ିଶା ଲାୟନ୍ସକୁ ହରାଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA